

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୧ ମଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 21 MAY 2023
Vol.No. 34 ■ No. 133 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ମେ ୨୨ରେ ମନ୍ତ୍ରିମଣ୍ଡଳ ପୁନର୍ଗଠନ

### ସମ୍ଭାବ୍ୟ ମନ୍ତ୍ରୀ ଓ ବାଚସ୍ପତି ତାଲିକାରେ ୭ ଜଣଙ୍କୁ ନେଇ ଚର୍ଚ୍ଚା

ଭୁବନେଶ୍ୱର, ୨୦/୦୫ (ନି.ପ୍ର): ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ମନ୍ତ୍ରିମଣ୍ଡଳ ଅଦଳବଦଳ ହେବାକୁ ଯାଉଛି। ସୋମବାର ରାଜ୍ୟ ମନ୍ତ୍ରିମଣ୍ଡଳର ପୁନର୍ଗଠନ ହେବା ନେଇ ସରକାରୀ ସୂତ୍ରରୁ ପ୍ରକାଶ। ସେହିଦିନ ପୂର୍ବାହ୍ନ ୯ଟା୩୦ରେ ନୂଆ ମନ୍ତ୍ରୀମାନେ ଶପଥ ଶପଥ ନେବେ। ଅନ୍ୟପଟେ ଗସ୍ତ ସାରି ରାଜ୍ୟପାଳ ଗଣେଶୀ ଲାଲ ଆସନ୍ତାକାଲି ଓଡ଼ିଶା ଫେରୁଛନ୍ତି। ଲୋକସେବା ଭବନ କନଭେନସନ ହଲ୍‌ରେ ରାଜ୍ୟପାଳ ମନ୍ତ୍ରୀମାନଙ୍କ ଶପଥ ପାଠ କରାଇବେ। ବର୍ତ୍ତମାନ ମନ୍ତ୍ରିମଣ୍ଡଳରେ ୩ଟି ପଦ ଖାଲି ରହିଛି। ନବ ଦାସଙ୍କ ହତ୍ୟା ପରେ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଦାୟିତ୍ୱ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ସମ୍ଭାଳୁଛନ୍ତି। ଗତ ୧୨ ତାରିଖରେ ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ସହିତ ବିଦ୍ୟାଳୟ ଏବଂ ଗଣ ଶିକ୍ଷା ମନ୍ତ୍ରୀ ସମୀର ଦାଶ ଏବଂ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ନିଜ ପଦରୁ ଇସ୍ତଫା ଦେବାରୁ ଆଉ ୨ଟି ମନ୍ତ୍ରୀ ପଦ ଖାଲି ପଡିଛି। ବାଚସ୍ପତି ଏବଂ ଦୁଇ ମନ୍ତ୍ରୀଙ୍କ ଅପ୍ରତ୍ୟାଶିତ ଇସ୍ତଫା ପରେ ମନ୍ତ୍ରିମଣ୍ଡଳରେ ପୁନର୍ଗଠନ ନେଇ ଚର୍ଚ୍ଚା ଲାଗି ରହିଥିଲା। ଆଉ ସୋମବାର ଚର୍ଚ୍ଚା ଉପରେ ବିରାମ ଲାଗୁଛି। ଖାଲି ପଡ଼ିଥିବା ୩ ମନ୍ତ୍ରୀ ପଦ ଏବଂ ବାଚସ୍ପତି ପଦକୁ ନେଇ ୭ ଜଣ ବିଧାୟକ ଦୌଡ଼ରେ ଅଛନ୍ତି। ଖାଲି ପଡ଼ିଥିବା ୩ ମନ୍ତ୍ରୀ ପଦକୁ ନେଇ ଦୌଡ଼ରେ ଅଛନ୍ତି ତିନି ବିଧାୟକ। ନିକଟରେ ବାଚସ୍ପତି ପଦରୁ ଇସ୍ତଫା ଦେଇଥିବା ଭଞ୍ଜନଗର ବିଧାୟକ ବିକ୍ରମ କେଶରୀ ଆରୁଖ, ପିପିଲି ବିଧାୟକ ରୁଦ୍ର ମହାରଥୀ ଏବଂ ଝାରସୁଗୁଡ଼ା ଉପନିର୍ବାଚନରେ ନବ ନିର୍ବାଚିତ ବିଧାୟିକା ଦୀପାଳି ଦାସଙ୍କୁ ମନ୍ତ୍ରୀ ପଦ ମିଳିବାର ସମ୍ଭାବନା ରହିଛି। ଗଞ୍ଜାମ ଜିଲ୍ଲାରେ ଦଳୀୟ ସଂଗଠନ ମଜବୁତ କରିବା ଉଦ୍ଦେଶ୍ୟରେ ବିକ୍ରମଙ୍କୁ ପୁଣି ଥରେ ମନ୍ତ୍ରିମଣ୍ଡଳକୁ ଫେରାଇ ନିଆଯାଉଥିବା ରାଜନୈତିକ ବିଶେଷଜ୍ଞ ପ୍ରକାଶ କରିଛନ୍ତି। ସେହିପରି ନବ ଦାସଙ୍କ ଝିଅ ଦୀପାଳିଙ୍କୁ ମନ୍ତ୍ରୀ କରାଯିବାର ସମ୍ଭାବନା ରହିଛି। ବିକ୍ରମ କେଶରୀ ଆରୁଖଙ୍କ ଇସ୍ତଫା ପରେ ଓଡ଼ିଶା ବିଧାନସଭାର ବାଚସ୍ପତି ପଦ ଖାଲି ପଡ଼ିଛି। ଏହି ପଦ ପାଇଁ ଦୌଡ଼ରେ ୪ ନେତା ଅଛନ୍ତି। କେନ୍ଦ୍ରାପଡ଼ା ସଦର ବିଧାୟକ ଶଶୀ ଭୂଷଣ ବେହେରା, ବଡ଼ମ୍ବାର ବିଧାୟକ ଦେବୀ ପ୍ରସାଦ ମିଶ୍ର, ଭଣ୍ଡାରିପୋଖରୀର ବିଧାୟକ ପ୍ରଫୁଲ ସାମଲ୍ ଏବଂ ବଡ଼ଚଣାର ବିଧାୟକ ଅମର ପ୍ରସାଦ ଶତପଥୀ ଏହି ୪ ବରିଷ୍ଠ ନେତାଙ୍କ ମଧ୍ୟରୁ ଜଣଙ୍କୁ ବାଚସ୍ପତି କରାଯିବାର ସମ୍ଭାବନା ରହିଛି।



## ଓଡ଼ିଶାକୁ ମିଳିଲା ଆଉ ଦୁଇଟି ସ୍ୱତନ୍ତ୍ର ନୂଆ ରେଳ ପ୍ରକଳ୍ପ




ଭୁବନେଶ୍ୱର, ୨୦/୦୫ (ନି.ପ୍ର): ଓଡ଼ିଶାକୁ ମିଳିଲା ଆଉ ଦୁଇଟି ସ୍ୱତନ୍ତ୍ର ନୂଆ ରେଳ ପ୍ରକଳ୍ପ। ନୂଆ କରି ନିର୍ମାଣ ହେବ ତାଳଚେର-ଅନୁଗୁଳ ରେଳ ଲାଇନ। ତାଳଚେରଠାରୁ ଏହା ୱାଇ କନେକସନ ରହିବ। ଏହି ନୂଆ ରେଳ ଲାଇନର ମୋଟ ଦୂରତା ହେଉଛି ୧୬.୫୦ କିଲୋମିଟର। ସେହିପରି ବରଗଡ ରୋଡଠାରୁ ନୂଆପଡା ନୂଆ ରେଳ ଲାଇନ ହେବ। ଏହି ଟ୍ରେନ୍ ଲାଇନର ଦୂରତା ରହିବ ୧୪୨ କିଲୋମିଟର। ଏହି ରେଳପଥ ପୂର୍ବତଟ ରେଳପଥର ସମ୍ବଲପୁର ଡିଭିଜନ ଅଧିନରେ ରହିବ। କେନ୍ଦ୍ର ରେଳ ମନ୍ତ୍ରାଳୟ ପକ୍ଷରୁ ଓଡ଼ିଶା ଲାଗି ସ୍ୱତନ୍ତ୍ର ରେଳ ପ୍ରକଳ୍ପ ବିଜ୍ଞପ୍ତି ପ୍ରକାଶ ପାଇଛି। ପଦ୍ମପୁର ଉପନିର୍ବାଚନ ବେଳେ ବରଗଡ଼-ନୂଆପଡ଼ା ଲାଇନକୁ ନେଇ ଉଠିଥିଲା ପ୍ରସଙ୍ଗ। କିଛି ମାସ ତଳେ ସଡକ ପରିବହନ ମନ୍ତ୍ରୀ ଟୁକୁନୀ ସାହୁ ପଦ୍ମପୁର ଦେଇ ବରଗଡ-ନୂଆପଡା ରେଳଲାଇନ ପାଇଁ କେନ୍ଦ୍ରକୁ ଚିଠି ଲେଖିଥିଲେ। ଗତବର୍ଷ ନଭେମ୍ବର ୨୧ତାରିଖରେ ଏକ ଚିଠି ମାଧ୍ୟମରେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହାର ଉତ୍ତର ରଖିଥିଲେ।

## ଆଗେଇ ଚାଲିଛି ରଥ କାମ: ତିନି ରଥର ଚକ ଓ ଅଖ ନିର୍ମାଣ ଶେଷ

ପୁରୀ , ୨୦/୦୫ (ନି.ପ୍ର): ରଥ ଖଳାରେ ଦ୍ରୁତ ଗତିରେ ଆଗେଇ ଚାଲିଛି ରଥ ନିର୍ମାଣ କାମ। ତିନି ରଥର ସମସ୍ତ ଚକ ଓ ଅଖ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ଶୁକ୍ରବାର ମୁହାଁଟି ଓ ଦଣ୍ଡା ଅନୁକୂଳ କରିଛନ୍ତି ବିଶ୍ୱକର୍ମା ମହାରଣା ମାନେ। ତିନି ରଥର ୪୨ଟି ଚକ ଓ ୨୧ଟି ଅଖର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଆସନ୍ତା ଶୀତଳଷଷ୍ଠୀ ପରଦିନ ସମସ୍ତ ଚକ ସହ ଅଖ ଗୁଡ଼ିକର ସଯୋଗ ହେବାର ବିଧି ରହିଛି। ସେହିପରି ତିନି ରଥର ଚଉଦ ନାହାକା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ତିନି ରଥର ନିରାଡିର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବା କହିଛନ୍ତି ବିଶ୍ୱକର୍ମା। ସେପଟେ ତିନି ରଥର ରୂପକାର ସେବକ ମାନେ ଗୁଜ ଗୁଡିକରେ ରୂପ ଖୋଦେଇ କାର୍ଯ୍ୟ ଜାରି ରଖିଥିବା

▶▶ପୃଷ୍ଠା ୭

## ମୋ ବସ୍'ରେ ଲାଗିଲା ନିଆଁ: ସମସ୍ତ ଯାତ୍ରୀ ସୁରକ୍ଷିତ

ରାଉରକେଲା , ୨୦/୦୫ (ନି.ପ୍ର): 'ମୋ ବସ୍'ରେ ଲାଗିଲା ନିଆଁ । ରାଉରକେଲା ଟିସିଆଇ ଛକରେ 'ମୋ ବସ୍'ରେ ନିଆଁ ଲାଗିଯାଇଛି । ବସ୍‌ରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି । ବସଟି ରାଉରକେଲାରୁ ବେଦବ୍ୟାସ ଅଭିମୁଖେ ଯାଉଥିବା ବେଳେ ଅଗ୍ନିକାଣ୍ଡ ଘଟିଛି । ସୂଚନାଯୋଗ୍ୟ ଯେ, ଓଡି୧୪ଏବି ୬୬୭୬ ରୁଟ ନଂ.୧୦୬ ରାଉରକେଲା ପଟୁ ବେଦବ୍ୟାସ ଆଡକୁ ଯାଉଥିବା ବେଳେ ଟିସିଆଇ ବ୍ରିଜ ନିକଟରେ ହଠାତ ବସର ଇଞ୍ଜିନ ପାଖରୁ ଧୂଆଁ ବାହାରିଥିଲା । ଭୟଭୀତ ହୋଇ ବସ୍ କର୍ମଚାରୀଙ୍କ ସମେତ ଯାତ୍ରୀ ଓହ୍ଲାଇ ପଡ଼ିଥିଲେ । ଦେଖୁଦେଖୁ ବସଟି ହୁତୁହୁତୁ ହୋଇ ଜଳିଯାଇଥିଲା । ନିଆଁକୁ ଆୟତ୍ତ କରିବା ଲାଗି ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ବସଟି ଜସମ୍ପୂର୍ଣ୍ଣ ଜଳିଯାଇଥିଲା । ଘଟଣାକୁ ନେଇ ଉକ୍ତ ରାସ୍ତାରେ ଟ୍ରାଫିକ ସମସ୍ୟା ଦେଖା ଦେଇଥିଲା । ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାଫିକ ନିୟନ୍ତ୍ରଣ କରିଥିଲା ।

## କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ଭାବେ ସିଦ୍ଧରମେୟା ଓ ଉପମୁଖ୍ୟମନ୍ତ୍ରୀ ଭାବେ ଡି.କେ. ଶିବକୁମାରଙ୍କ ଶପଥ ଗ୍ରହଣ



ବେଙ୍ଗାଲୁରୁ,୨୦/୦୫ : ଦ୍ୱିତୀୟ ଥର ପାଇଁ ଆଜି କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ଭାବେ ବିଶିଷ୍ଟ କଂଗ୍ରେସ ନେତା ସିଦ୍ଦରମେୟା ଶପଥ ଗ୍ରହଣ କରିଥିବା ସମ୍ବାଦ ସରବରାହ ସଂସ୍ଥାନ 'ଏଏନ୍‌ଆଇ' ରିପୋର୍ଟ କରିଛି। ବେଙ୍ଗାଲୁରୁସ୍ଥିତ ଶ୍ରୀ କାନ୍ତୀରବ ଷ୍ଟାଡିୟମ୍‌ରେ ଆୟୋଜିତ ଏହି ଭବ୍ୟ ଶପଥ ଗ୍ରହଣ ଉତ୍ସବରେ ରାଜ୍ୟପାଳ ଥାୱରଚନ୍ଦ୍ ଗହ୍‌ଲୋତ୍ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଏହାଛଡ଼ା, ରାଜ୍ୟ କଂଗ୍ରେସ ସଭାପତି ଡି. କେ. ଶିବକୁମାର ମଧ୍ୟ କର୍ଣ୍ଣାଟକର ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ସେହିପରି, ନବନିର୍ବାଚିତ ସିଦ୍ଦରମେୟାଙ୍କ କ୍ୟାବିନେଟ୍ ମନ୍ତ୍ରୀ ଭାବେ ଜି. ପରମେଶ୍ୱର, କେ. ଏଚ୍. ମନିୟାପ୍ପା, କେ. ଜେ. ଜର୍ଜ, ଏମ୍. ବି. ପାଟିଲ୍, ସତୀଶ ଜାର୍କିହୋଲି, ପ୍ରିୟାଙ୍କ ଖଡ଼ଗେ (କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନଙ୍କ ପୁତ୍ର), ରାମଲିଙ୍ଗା ରେଡ୍ଡୀ ଏବଂ ବି. ଜେ. ଜମୀର ଅହମଦ୍ ଖାଁ ଶପଥ ଗ୍ରହଣ କରିଛନ୍ତି। ଶପଥ ଗ୍ରହଣ କରିବା ପୂର୍ବରୁ କଂଗ୍ରେସ ନେତା ରାହୁଲ୍ ଗାନ୍ଧୀଙ୍କ ସହିତ

▶▶ପୃଷ୍ଠା ୭

## ଅସହ୍ୟ ତାତିରେ ସିଝୁଛି ଓଡ଼ିଶା

ଭୁବନେଶ୍ୱର, ୨୦/୦୫ (ନି.ପ୍ର): ଅସହ୍ୟ ତାତିରେ ସିଝୁଛି ଓଡ଼ିଶା। ଆଜି ରାଜ୍ୟର ୧୧ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ବୌଦ୍ଧ ପାଲଟିଛି ସର୍ବାଧିକ ଉତ୍ତପ୍ତ ସହର। ଏଠାରେ ପାରଦ ୪୨.୯ ଡିଗ୍ରୀ ରେକର୍ଡ କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏନେଇ ସତର୍କ ସୂଚନା ଜାରି କରାଯାଇଛି। ଦ୍ୱିତୀୟରେ ଥିଲା ଝାରସୁଗୁଡ଼ା। ଏଠାରେ ଆଜି ୪୨.୬ ଡିଗ୍ରୀ ପାରଦ ରହିଛି। ଠିକ୍? ସେହିପରି ସମ୍ବଲପୁରରେ ୪୧.୮ ଡିଗ୍ରୀ, ସୁନ୍ଦରଗଡ଼ରେ ୪୦ ଡିଗ୍ରୀ, ହୀରାକୁଦରେ ୪୧.୧ ଡିଗ୍ରୀ, ସୋନପୁରରେ ୪୧.୩ ଡିଗ୍ରୀ,

▶▶ପୃଷ୍ଠା ୭

## ଜିଲ୍ଲାର ଆବଶ୍ୟକତା ଦେଖି ସିଟ ବଢାଯିବ: ମନ୍ତ୍ରୀ ପ୍ରମିଳା ମଲ୍ଲିକ



ଭୁବନେଶ୍ୱର, ୨୦/୦୫ (ନି.ପ୍ର): ଜିଲ୍ଲାର ଆବଶ୍ୟକତା ଦେଖି ଆବଶ୍ୟକ ସ୍ଥଳେ ଯୁକ୍ତ ୨ କଲେଜ୍ ଗୁଡିକ ରେ ସିଟ ବଢାଯିବ। ଶନିବାର ସାମ୍ବାଦିକ ମାନଙ୍କ ସହିତ କଥା ହେବା ବେଳେ ମନ୍ତ୍ରୀ ପ୍ରମିଳା ମଲିକ କହିଛନ୍ତି ପିଲା ମାନଙ୍କ କିଛି ଅସୁବିଧା ନହେଲା ଭଳି ସମସ୍ତ ପ୍ରକାର ପଦକ୍ଷେପ ସରକାର ଗ୍ରହଣ କରିବେ। ଯୁକ୍ତ ଦୁଇ ପ୍ରଥମ ବର୍ଷ ସିଟ ବୃଦ୍ଧି ନେଇ ସୋମବାର ବିଭାଗୀୟ ବୈଠକ ବସିବ ବୋଲି ସୂଚନା ଦେଇଛନ୍ତି। ସୂଚନା ଥାଉ କି ମାଟ୍ରିକ ଚଳିତ ବର୍ଷ ୫ଲକ୍ଷ ୧୨ ହଜାର ପିଲା ପାସ୍ କରିଥିବା ବେଳେ ଯୁକ୍ତ ଦୁଇ ପ୍ରଥମ ବର୍ଷରେ ନାମଲେଖାଇବା ପାଇଁ ସିଟ ସଂଖ୍ୟା ଅଛି ୫ଲକ୍ଷ ୯ହଜାର।

## ରାଜଧାନୀକୁ ଜଗିବ ପୁଲିସ ଡ୍ରୋନ



ଭୁବନେଶ୍ୱର, ୨୦/୦୫ (ନି.ପ୍ର): ରାଜଧାନୀକୁ ଜଗିବ ପୁଲିସ ଡ୍ରୋନ। ଆକାଶ ମାର୍ଗରୁ କରିବ ପାଟ୍ରୋଲିଂ। ଡ୍ରୋନ ଉଡ଼ାଇ ସନ୍ଦିଗ୍ଧଙ୍କ ଗତିବିଧି ଉପରେ ପୁଲିସ ରଖିବ ନଜର। ରାଜଧାନୀରେ ବୁଲୁଥିବା ସନ୍ଦିଗ୍ଧ ବ୍ୟକ୍ତି କିମ୍ବା ଗାଡ଼ି ଉପରେ ଆକାଶମାର୍ଗରୁ ନଜର ରଖିବାକୁ ଏଭଳି ଡ୍ରୋନ ପାଟ୍ରୋଲିଂ ଆରମ୍ଭ କରିବ କମିଶନରେଟ ପୁଲିସ। ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ ଆଜି ଏହି ସୂଚନା ଦେଇଛନ୍ତି। ଡିସିପି କହିଛନ୍ତି, ଏହି ଡ୍ରୋନରେ ହାଇ ଡେଫିନେସନ କ୍ୟାମେରା ବ୍ୟବହାର କରାଯାଇଛି। ବହୁତ ଦୂରରେ ଥିଲେ ମଧ୍ୟ ଫୁଟେଜ ଭଲ ଆସୁଛି। ଏହି ଡ୍ରୋନ ୫ ଶହ ମିଟର ଉଚ୍ଚତା ପର୍ଯ୍ୟନ୍ତ ଉଡ଼ି ପାରିବ। ୫ କିଲୋମିଟର ଅଞ୍ଚଳ ଉପରେ ନଜର ରଖି ପାରିବ। ରାଜଧାନୀରେ ହେଉଥିବା ପର୍ବପର୍ବାଣୀ, ରାଲି, ଆନ୍ଦୋଳନ, ଭିଭିଆଇପି କାର୍ଯ୍ୟକ୍ରମ ଓ ଅନ୍ତର୍ଜାତୀୟ ଇଭେଣ୍ଟ ବେଳେ ଏହି ଡ୍ରୋନ ଦ୍ୱାରା ନଜର ରଖାଯିବ। ବର୍ତ୍ତମାନ କମିଶନରେଟ ପୁଲିସ ଗୋଟିଏ ଡ୍ରୋନ ବ୍ୟବହାର କରୁଛି।

▶▶ପୃଷ୍ଠା ୭

## ସହିପାରିଲେନି ତାତି: ଭତ୍ତା ଟଙ୍କା ଧରି ଫେରିବା ବେଳେ ଚେତାଶୂନ୍ୟ ହେଲେ ବୃଦ୍ଧ



ବଲାଙ୍ଗିର, ୨୦/୦୫ (ନି.ପ୍ର): ପ୍ରଚଣ୍ଡ ଖରାର ପ୍ରକୋପ ସହିପାରିଲେନି ବୃଦ୍ଧ। ଭତ୍ତା ଟଙ୍କା ଉଠାଇବାକୁ ବ୍ୟାଙ୍କ ଯାଇ ଫେରିବା ବେଳେ ବାଟରେ ଅଚେତ ହୋଇ ପଡ଼ିଗଲେ। ବଲାଙ୍ଗିର ଜିଲ୍ଲା ବେଲପଡ଼ା ବ୍ଲକ ଅନ୍ତର୍ଗତ କୁଦୋଭଟା ଗାଁରେ ଏହି ଘଟଣା ଘଟିଛି। ବୃଦ୍ଧ ବ୍ୟକ୍ତି ରାଜାରାମ ହାତୀ। ଗତକାଲି ସକାଳେ ରାଜାରାମ ନିଜ ସ୍ତ୍ରୀ ଉରା ହାତୀଙ୍କ ସହ ଭତ୍ତା ଟଙ୍କା ଉଠାଇବା ପାଇଁ ବେଲପଡ଼ା ଷ୍ଟେଟ ବ୍ୟାଙ୍କ ଶାଖାକୁ ଯାଇଥିଲେ। ଟଙ୍କା ଉଠାଇ ଫେରିବା ବେଳେ ପ୍ରଚଣ୍ଡ ଖରାର ପ୍ରକୋପ ସହିନପାରି ନଥିଲେ ବୃଦ୍ଧ। କୁଦୋଭଟା-ପଦମପୁର ରାସ୍ତାରେ ହଠାତ ଅଚେତ ହୋଇ ତଳେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ରାଜାରାମଙ୍କୁ ଉଦ୍ଧାର କରି ଆମ୍ବୁଲାନସ ଯୋଗେ ତାଙ୍କୁ ନିକଟରେ ଥିବା ମେଡିକାଲରେ ଭର୍ତ୍ତି କରିଥିଲେ।ସେଠାରେ ପ୍ରାଥମିକ ଚିକିତ୍ସା ପରେ ବୃଦ୍ଧଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ଥିବା ଜଣାପଡିଛି । ଏନେଇ ପ୍ରଶାସନ କିମ୍ବା ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନି। ସୂଚନାଯୋଗ୍ୟ, ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି। ସକାଳ ୮ପରେ ଘରୁ ବାହାରିବା କଷ୍ଟକର ହୋଇପଡୁଛି।

## ପୁଣି ସୁପ୍ରିମକୋର୍ଟରେ ପହଞ୍ଚିଲା ଦିଲ୍ଲୀ ବନାମ କେନ୍ଦ୍ର କଳି



ନୂଆଦିଲ୍ଲୀ,୨୦/୦୫ : ତୀବ୍ର ହେଉଛି ଦିଲ୍ଲୀ ସରକାର ବନାମ କେନ୍ଦ୍ର ସରକାରଙ୍କ କଳି। ଦିଲ୍ଲୀର ସମସ୍ତ ବଦଳି ଓ ନିଯୁକ୍ତି ଦାୟିତ୍ୱ କ୍ଷମତାସୀନ ଆପ୍ ସରକାରଙ୍କୁ ସୁପ୍ରିମକୋର୍ଟ ପ୍ରଦାନ କରିଥିଲେ। ଏହାକୁ ଅଧ୍ୟାଦେଶ ଦ୍ୱାରା ଅକାମୀ କରି କେନ୍ଦ୍ର ସରକାର ପ୍ରଶାସନିକ ସେବାର ସବୁ ଦାୟିତ୍ୱ ଉପ ରାଜ୍ୟପାଳଙ୍କୁ ହସ୍ତାନ୍ତର କରିଛନ୍ତି। ସୁପ୍ରିମକୋର୍ଟ ଆପ୍ ସରକାର ସପକ୍ଷରେ ରାୟ ଦେଇଥିବା ବେଳେ ଏବେ ପୁଣି ବିବାଦ ସର୍ବୋଚ୍ଚ ଅଦାଲତରେ ପହଞ୍ଚିଛି। କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ରାୟର ପୁନଃବିଚାର କରିବାକୁ ଆବେଦନ କରିଛନ୍ତି। ଅରବିନ୍ଦ କେଜ୍ରିୱାଲଙ୍କ ସରକାର ମଧ୍ୟ କେନ୍ଦ୍ର ସରକାର ନିଯୁକ୍ତି ଓ ବଦଳି ଦାୟିତ୍ୱ ଉପ ରାଜ୍ୟପାଳଙ୍କର ବୋଲି କହି ଆଣିଥିବା ଅଧ୍ୟାଦେଶକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବାକୁ ନିଷ୍ପତ୍ତି ନେଇଛି। ଦିଲ୍ଲୀ ସରକାରଙ୍କ ଓକିଲ ଅଭିଷେକ ମନୁସିଙ୍ଘଭୀ କହିଛନ୍ତି, "ଯେତେବେଳେ ଆପଣ ମ୍ୟାଚ୍ ହାରି ଯାଆନ୍ତି ସେତେବେଳେ ଆପଣ ସିଧା ନିୟମରେ ପରିବର୍ତ୍ତନ କରି ଦେଉଛନ୍ତି। କେନ୍ଦ୍ର ସରକାର ଆଣିଥିବା ଅଧ୍ୟାଦେଶ ବେଆଇନ। ଏହା ସଂସଦରେ କେବେ ହେଲେ ପାରିତ ହେବନି।" ସୁପ୍ରିମକୋର୍ଟଙ୍କ ୫ ଜଣିଆ ଖଣ୍ଡପୀଠ ଦିଲ୍ଲୀର ପ୍ରଶାସନିକ ଅଦଳବଦଳ ଓ ନିଯୁକ୍ତି ନିର୍ବାଚିତ ସରକାରଙ୍କର ବୋଲି ରାୟ ଦେଇଥିଲେ।

▶▶ପୃଷ୍ଠା ୭

## ଏଏସଓ ମେରିଟ୍ ଲିଷ୍ଟ ଖାରଜ ହେବା ପରେ ଚିନ୍ତାରେ ମନୋନୀତ ପ୍ରାର୍ଥୀ

### ଓପିଏସ୍‌ସି ଅଫିସ ସମ୍ମୁଖରେ ମନୋନୀତ ପ୍ରାର୍ଥୀ ମାନେ କଲେ ବିକ୍ଷୋଭ



ଭୁବନେଶ୍ୱର, ୨୦/୦୫ (ନି.ପ୍ର): ଏଏସଓ ପରୀକ୍ଷାର ମେରିଟ ତାଲିକାକୁ ହାଇକୋର୍ଟ ଖାରଜ କରି ଦେବା ପରେ ମନୋନୀତ ପ୍ରାର୍ଥୀ ମାନେ ଚିନ୍ତାଗ୍ରସ୍ତ ଅଛନ୍ତି । ସେମାନେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ଆଜି କଟକ ସ୍ଥିତ ଓଡ଼ିଶା ଲୋକସେବା ଆୟୋଗ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନଙ୍କ ପ୍ରତି ଅବିଚାର କରାଯାଇଥିବା ସେମାନେ କହିଛନ୍ତି।

▶▶ପୃଷ୍ଠା ୭

# ଭଦ୍ରକ ବିଶ୍ୱବିଦ୍ୟାଳୟ ପ୍ରସଙ୍ଗ : ମେ ୨୧ ଆଲୋଚନାଚକ୍ର ନେଇ ଚୂଡାନ୍ତ ପ୍ରସ୍ତୁତି ବୈଠକ



ଭଦ୍ରକ, ୨୦/୦୫ (ନି.ପ୍ର): ଭଦ୍ରକରେ ବିଶ୍ୱବିଦ୍ୟାଳୟ ସ୍ଥାପନ ନେଇ ଆସନ୍ତା ୨୧ ତାରିଖ ଭଦ୍ରକ ଟାଉନ ହଲରେ ବିଦ୍ୟାର୍ଥି ବିକାଶ ମଞ୍ଚ ଆନୁକୂଲ୍ୟରେ ହେବାକୁ ଥିବା ରକ୍ତଦାନ ଶିବିର ଏବଂ ଆଲୋଚନାଚକ୍ର ନିମନ୍ତେ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଗତକାଲି ସନ୍ଧ୍ୟାରେ ଦିବ୍ୟମ୍ ପରିସରରେ ସଭାପତି ଲକ୍ଷ୍ମୀଧର ବିଶ୍ୱାଳଙ୍କ ଆବାହକତ୍ୱ ଏବଂ ମୁଖ୍ୟଉପଦେଷ୍ଟା ପ୍ରଫେସର ଡଃ ବେବେନ୍ଦ୍ର ନାଥ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ବୈଠକରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବଗେର ୨୧ ତାରିଖର କାର୍ଯ୍ୟକ୍ରମକୁ ସଫଳ କରାଇବା ନେଇ ସମସ୍ତ ପ୍ରସ୍ତୁତି ସମ୍ପର୍କରେ ସଭାପତି ଶ୍ରୀ ବିଶ୍ୱାଳ ସୂଚନା ଦେଇ କହିଥିଲେ ଯେ ଏହି ଦିନ ସକାଳ ୮ ଘଟିକା ଠାରୁ ୧୧ ଘଟିକା ପର୍ଯ୍ୟନ୍ତ ଟାଉନ ହଲ୍ ପରିସରରେ ଏକ ମହତ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ପରେ ରକ୍ତଦାତାଙ୍କୁ ଶପଥପାଠ ଏବଂ ମଧାହ୍ନ ଭୋଜନ ଓ ମତାମତ ସଂଗ୍ରହ କାର୍ଯ୍ୟକ୍ରମ ପରେ ଅପରାହ୍ନ ୫ଟାରେ ଆଲୋଚନା ସଭା ଅନୁଷ୍ଠିତ ହେବ। ଏହି ସଭାରେ ଭଦ୍ରକ ସାଂସଦ, ୫ ବିଧାୟକଙ୍କୁ ଉପସ୍ଥିତ ରହିବାକୁ ଚିଠି ଏବଂ ଟେଲିଫୋନ ଯୋଗେ ଯୋଗାଯୋଗ କରାଯାଇଛି। ଏମାନଙ୍କ ବ୍ୟତୀତ ଉକ୍ତ ଆଲୋଚନା ସଭାରେ ଜିଲ୍ଲାର ବିଭିନ୍ନ ସାମାଜିକ ସଂଗଠନ, ଧାର୍ମିକ ସଂଗଠନ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ବୁଦ୍ଧିଜୀବ ଯୋଗ ଦେଇ ସେମାନଙ୍କ ମତାମତ ଉପସ୍ଥାପନ କରିବା ସହିତ ଜିଲ୍ଲାରେ ବିଶ୍ୱବିଦ୍ୟାଳୟ ସ୍ଥାପନ କ୍ଷେତ୍ରରେ କି ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ ସେ ନେଇ ଆଲୋଚନା କରାଯିବାକୁ ସ୍ଥିର କରାଯାଇଛି। ସମସ୍ତ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ସମୟାନୁଯାୟୀ ଅନୁଷ୍ଠିତ ହେବ ବୋଲି ଶ୍ରୀ ବିଶ୍ୱାଳ ସୂଚନା ଦେଇଥିଲେ। ଏହି ବୈଠକରେ ବିଦ୍ୟାର୍ଥି ବିକାଶ ମଞ୍ଚର ଉପଦେଷ୍ଟା ମଣ୍ଡଳୀ ଏବଂ କର୍ମକର୍ତ୍ତାବୃନ୍ଧ ଉପସ୍ଥିତ ଥିଲେ।

# ବାଉଁଶ ଶିଳ୍ପର ଚାହିଦା କମୁଛି, ପରିଶ୍ରମ ଅନୁସାରେ ପାରିଶ୍ରମିକ ମିଳୁନଥିବା ଅଭିଯୋଗ

ନୂଆପଡା, ୨୦/୦୫ (ନି.ପ୍ର): ଦିନ ଥିଲା ନିଜ ଅଂଚଳରେ କମାର ଜାତିର ପୁରୁଷ ମହିଳାଙ୍କ ଦ୍ୱାରା ବାଉଁଶରୁ ହାତ ତିଆରି କୁଲା, ବାଡୁନ, ଟୋପା, ଭୋଗା, ଧୁକନା, ଚାଙ୍ଗରୀ, ଭୁରକି ଆଦି ଘର ଉପକରଣ ସାମଗ୍ରୀ କିଣି ବ୍ୟବହାର କରୁଥିଲେ ଲୋକେ। ସେତେବେଳେ ବିକଳ୍ପ ବ୍ୟବସ୍ଥା ନଥିବାରୁ ଲୋକେ ବାଧ ହୋଇ ଏହି ବାଉଁଶ ନିର୍ମିତ ସାମଗ୍ରୀ ଉପରେ ନିର୍ଭର କରୁଥିଲେ । ହେଲେ ଆଧୁନିକ ଯୁଗର ପଦାର୍ପଣ ପରେ ଏବେ ବଜାରରେ ପ୍ଲାଷ୍ଟିକ ତିଆରି ସବୁ ପ୍ରକାର ସାମଗ୍ରୀ ମିଳିବା ଆରମ୍ଭ ହେବାପରେ ବାଉଁଶ ତିଆରି ସାମଗ୍ରୀକୁ ଲୋକେ ମୁହଁ ଫେରାଇବା ଆରମ୍ଭ କଲେଣି । ଫଳରେ ବାଉଁଶ ଶିଳ୍ପକୁ ନେଇ ପରିବାର ପ୍ରତିପୋଷଣ କରୁଥିବା ନୂଆପଡା ଜିଲ୍ଲାର କମାର ଜାତି ପରିବାର ଦୁର୍ଦ୍ଦିନରେ ଦିନ କାଟୁଥିବା ଦେଖିବାକୁ ମିଳିଛି । ନୂଆପଡା ଜିଲ୍ଲାର ୫ ଗୋଟି ବ୍ଲକରେ ବସବାସ କରୁଥିବା କମାର ସଂପ୍ରଦାୟର ଲୋକେ ବାଉଁଶ ତିଆରି ସାମଗ୍ରୀକୁ ବିକ୍ରୟ କରି ଭଲ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିଲେ । ଏହି ଜାତିର ଲୋକେ ନିକଟସ୍ଥ ବଣ ପାହାଡ଼, ଜଙ୍ଗଲରୁ କଂଟା ବାଉଁଶ ସଂଗ୍ରହ କରି ବାଉଁଶରେ ବିଭିନ୍ନ ସାମଗ୍ରୀ କୁଲା, ବାଡୁନ, ଚାଙ୍ଗରୀ, ଭୁଗା, ଧୁକନା, ବେଲା, ସିକୁନ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି । ସୂକ୍ଷ୍ମ କାରିଗରୀ ସହ ସାମଗ୍ରୀକୁ ଅଧିକ ଆକୃଷ୍ଟ କରିବା ପାଇଁ ମଝିରେ ମଝିରେ ବିଭିନ୍ନ ରଙ୍ଗ ବୋଳା ବାଉଁଶ ପତି ମଧ ଖଞ୍ଜିଥାନ୍ତି । ସାମଗ୍ରୀ ପ୍ରସ୍ତୁତ ହେଲା ପରେ ତାକୁ ବିଭିନ୍ନ ଅଂଚଳକୁ ଯାଇ ବୁଲି ବୁଲି ବିକ୍ରୟ କରିଥାନ୍ତି । ପୁଣି ଏହି ସାମଗ୍ରୀକୁ ବିଭିନ୍ନ ବଜାର ମାନଙ୍କରେ ଯାଇ ବିକ୍ରୟ କରିଥାନ୍ତି । ଆଗ୍ରହୀ ଗ୍ରାହକ ମାନେ ବାଉଁଶ ତିଆରି ସାମଗ୍ରୀ କିଣି ଘରକୁ ନେଇଥାନ୍ତି । କିଛି ଗ୍ରାହକ ମୂଲଚାଲ କରି ସାମଗ୍ରୀ କିଣିଥାନ୍ତି । ତେବେ ଆଧୁନିକତାର ପ୍ରଭାବ ସହ ଲୋକଙ୍କ ଚାଲିଚଳଣି ବଦଳିବାରେ ଲାଗିଛି ।

# ରାଜ ବରହମପୁର, ନୀଳଗିରି -ଘଟଗାଁ ଶ୍ରୀଦୁର୍ଗା ବସ ସେବା ଆରମ୍ଭ

ନୀଳଗିରି , ୨୦/୦୫ (ନି.ପ୍ର): ନୀଳଗିରି ବାସୀଙ୍କ ଆଶା ଓ ଆକାଂକ୍ଷାକୁ ଆଖି ଆଗରେ ରଖି ଘଟଗାଁ ତାରିଣୀ ଦର୍ଶନ ପାଇଁ ସନ୍ତରାଗଡ଼ିଆ ଅଂଚଳର ହିମାଂଶୁ ଶେଖର ସେନାପତି ନିଜର ଶ୍ରୀଦୁର୍ଗା ବସକୁ ନୀଳଗିରି ରାଜବ୍ରହ୍ମପୁର ଠାରୁ ସଜନାଗଡ଼, ନୀଳଗିରି, ସନ୍ତରାଗଡ଼ିଆ, ସୋର, ତୁଡ଼ିଗଡିଆ, କୁପାରୀ, ଆନନ୍ଦପୁର ଦେଇ ମା ତାରିଣୀ ପୀଠ ଘଟଗାଁ ଠାରେ ପହଂଚିବ । ଫଳରେ ନୀଳଗିରି ଅଂଚଳରେ ବହୁ ଶ୍ରଦ୍ଧାଳୁ ମା ତାରିଣୀ ଦର୍ଶନ ପାଇଁ ସହଜ ହୋଇ ପାରିବ ବୋଲି ବସ ମାଲିକ ହିମାଂଶୁ ସୂଚନା ଦେଇଛନ୍ତି । ପ୍ରତିଦିନ ସକାଳେ ୫ଟା ରୁ ରାଜ ବରହମପୁର ଷ୍ଟାଣ୍ଡରୁ ବାହାରି ୧୦.୩୦ସୁଦ୍ଧା ମା ଙ୍କ ପୀଠରେ ପହଂଚିବା ପରେ ୧୨.୪୫ରେ ପୁଣି ଫେରିବାର ସମୟ ନିର୍ଘଣ୍ଟ ହୋଇଛି ।

# ସକାରାତ୍ମକ ପ୍ରେରଣା ଓ ଭଗବାନଙ୍କ ଆଶୀର୍ବାଦକୁ ସାକାର କଲେ ଆଶୀର୍ବାଦ

ସୁବର୍ଣ୍ଣପୁର , ୨୦/୦୫ (ନି.ପ୍ର): ସୁବର୍ଣ୍ଣପୁର ଜ଼ିଲ୍ଲା ସଦର ମହକୁମା ବଡ଼ବଜାର ନିବାସୀ ସାହାରା ଟ୍ରଷ୍ଟ ହାଇସ୍କୁଲ ର ଛାତ୍ର ଆଶୀର୍ବାଦ ତ୍ରିପାଠୀ ୫୭୩ ତଥା ୯୫.୫୦% ମାର୍କ ରଖି ସମଗ୍ର ଜ଼ିଲ୍ଲା ର ସେକେଣ୍ଡ ଟପ୍ପର ହୋଇ ସ୍କୁଲ ତଥା ଜ଼ିଲ୍ଲା ର ଗୌରବ ବଢ଼ାଇଛନ୍ତି କ୍ଷ ଶ୍ରୀମାନ ତ୍ରିପାଠୀ କ୍ଲାସ ୩ରୁ ସବୁ ମେଧା ବୃତି ପରୀକ୍ଷା ରେ ଉତୀର୍ଣ ହୋଇ ଆସି ଥିବା ବେଳେ ସାହାରା ହାଇସ୍କୁଲ ରେ କ୍ଲାସ ସିକ୍ସ ରୁ ମାଟ୍ରିକ ଏସ-ଏ-୧ ପରୀକ୍ଷା ଯାଏ ଟପ୍ପର ହୋଇ ଆସୁଥିଲେ । ଦିନ କୁ ସେ ୧୮ ଘଂଟା କଠିନ ପରିଶ୍ରମ କରି ଆସି ସ୍କୁଲ ତଥା ଜ଼ିଲ୍ଲା ରେ ଟପ୍ପର ହେବାକୁ ପ୍ରବଳ ଇଚ୍ଛା ବା ଲକ୍ଷ୍ୟ ରଖିଥିଲେ ମାତ୍ର ଖୁବ ସ୍ୱଳ୍ପ ମାର୍କ ବ୍ୟବଧାନ ରେ ଟପ୍ପର ରୁ ବଂଚିତ ହେବାରୁ ସେ ମନ ଊଣା କରିଥିଲେ ସୁଦ୍ଧା ତଥାପି ମୁଁ +୨ ରେ ଉତମ କ୍ୟାରିଅର ଗଢ଼ିବାକୁ ଆଜିଠୁଁ ଦୃଢ଼ ସଂକଳ୍ପ ନେବି ବୋଲି ପ୍ରକାଶ କରିଛନ୍ତି ଏବଂ ମୁଁ ଜଣେ ଡାକ୍ତର ହୋଇ ସବୁ ରୋଗୀ ଙ୍କୁ ଉତମ ବ୍ୟବହାର ଓ ଉତମ ଚିକିତ୍ସା କରି ଆଗାମୀ ପିଢୀ ପାଇଁ ଏକ ଆଦର୍ଶ ସାଜିବି ବୋଲି ଶ୍ରୀମାନ ତ୍ରିପାଠୀ ସାମ୍ୱାଦିକ ମାନଙ୍କୁ କହିଛନ୍ତି । ଶ୍ରୀମାନ ତ୍ରିପାଠୀ ଏଡଭୋକେଟ ନନ୍ଦ କିଶୋର ତ୍ରିପାଠୀ ଙ୍କ ପୁତ୍ର ତଥା ବରିଷ୍ଠ ଏଡଭୋକେଟ ହରିନାରାୟଣ ତ୍ରିପାଠୀ ଙ୍କ ନାତି ଅଟନ୍ତି ।

# ଟୀବ୍ର ପ୍ରତିଦ୍ୱନ୍ଦିତାମୂଳକ ଇସ୍ପାତ ବଜାରରେ ସମୃଦ୍ଧି ପାଇଁ ଅଭିନବ ଚିନ୍ତନ ଓ ଅଣପାରମ୍ପରିକ ସମାଧାନ ଆପଣାନ୍ତୁ, ବୋଲି ସେଲ ଆରଏସପିର ଯୁବ ପ୍ରବନ୍ଧକଙ୍କୁ ଭାରପ୍ରାପ୍ତ ନିର୍ଦ୍ଦେଶକଙ୍କ ଆହ୍ୱାନ




ରାଉରକେଲା, ୨୦/୦୫ (ନି.ପ୍ର): "ତୀବ୍ର ପ୍ରତିଦ୍ୱନ୍ଦିତାମୂଳକ ଇସ୍ପାତ ବଜାରରେ ସମୃଦ୍ଧି ପାଇଁ ଅଭିନବ ଚିନ୍ତନ ଓ ଅଣପାରମ୍ପରିକ ସମାଧାନ ଆପଣାନ୍ତୁ," ବୋଲି ସେଲ ରାଉରକେଲା ଇସ୍ପାତ କାରଖାନାର ଯୁବ ପ୍ରବନ୍ଧକମାନଙ୍କୁ 'ମନ୍ଥନ' ସମ୍ମିଳନୀ କକ୍ଷ ଠାରେ ମଇ ୧୯ ତାରିଖରେ ଆୟୋଜିତ ଏଚଆର ପ୍ରୟାସ 'ପ୍ରକର୍ଷ'ର ଉଦ୍ ?ଘାଟନୀ ଅଧିବେଶନରେ ଉଦବୋଧନ ଦେଇ ଭାରପ୍ରାପ୍ତ ନିର୍ଦ୍ଦେଶକ (ଡ଼ିଆଇସି) ଶ୍ରୀ ଅତନୁ ଭୌମିକ ଉଲ୍ଲେଖ କରିଥିଲେ। ଏହି ଅଧିବେଶନରେ ଉକ୍ତ ନୂତନ ମାନବ ସମ୍ବଳର ଶୁଭାରମ୍ଭ ହୋଇଥିଲା। ସ୍ୱତନ୍ତ୍ର ରୂପରେଖ ସହ ପ୍ରସ୍ତୁତ ହୋଇଥିବା ଏହି ପ୍ରୟାସ ଅଧୀନରେ ଡ଼ିଆଇସି କାରଖାନାର ବିଭିନ୍ନ ବିଭାଗର ଯୁବପ୍ରବନ୍ଧକଙ୍କ ସହିତ ବିଭିନ୍ନ କୌଶଳ ସୃଷ୍ଟି କରିବା, ଉପାଦେୟ ସମାଧାନର ପନ୍ଥା ନିର୍ଦ୍ଧାରଣ ଏବଂ କାର୍ଯ୍ୟକ୍ଷେତ୍ରରେ ଉତ୍କର୍ଷତା ହାସଲ ପାଇଁ ଯୁବ ପ୍ରବନ୍ଧକଙ୍କୁ ପ୍ରୋତ୍ସାହିତ କରିବା ନିମନ୍ତେ ମତବିନିମୟ କରିବେ । ଏହି ଅବସରରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏସ୍ ଆର ସୂର୍ଯ୍ୟବଂଶୀ ଏବଂ କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ପି କେ ଶତପଥୀ ମଧ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଆରଏସପିର ଲୌହ ଓ ଇସ୍ପାତ ଜୋନର ୩୦ ଜଣ ଯୁବ ପ୍ରବନ୍ଧକ ଅଂଶଗ୍ରହଣ କରିଥିଲେ । କାରଖାନାର କାର୍ଯ୍ୟଦକ୍ଷତା ସ୍ତରରେ ଉନ୍ନତି ଆଣିବାର ନିତାନ୍ତ ଆବଶ୍ୟକତା ଉପରେ ଜୋର ଦେଇ ଶ୍ରୀ ଭୌମିକ କହିଥିଲେ ଯେ, "ଦ୍ରୁତ ପରିବର୍ତ୍ତନଶୀଳ ବଜାରକୁ ଦୃଷ୍ଟିରେ ରଖି ସ୍ଥିରତା ଏବଂ ଲାଭଦାୟକତାକୁ ସୁନିର୍ଶ୍ଚିତ କରିବା ପାଇଁ ଆମକୁ ଉତ୍ପାଦନ ଖର୍ଚ୍ଚର ନିପୁଣ ପ୍ରବନ୍ଧନ ଏବଂ ବୈଷୟିକ ଆର୍ଥିକ ପରିମାପକତାଗୁଡିକରେ ଅଧିକ ଉନ୍ନତି ଆଣିବାକୁ ହେବ।" ସେ ସାମୂହିକମାନଙ୍କୁ ସେମାନଙ୍କର ଚିନ୍ତନର ସହଭାଗିତା କରିବା ପାଇଁ ତଥା କାରଖାନାର ଅଗ୍ରଗତିରେ ବାଧା ସୃଷ୍ଟି କରୁଥିବା ବାଧକଗୁଡିକର ଦୀର୍ଘସ୍ଥାୟୀ ସମାଧାନର ବିକାଶ କରିବାକୁ ଅନୁପ୍ରେରିତ କରିଥିଲେ। ଏଥିସହ, ଶ୍ରୀ ଭୌମିକ ଆଗାମୀ ମୌସୁମୀଜନିତ ଆହ୍ୱାନର ମୁକାବିଲା ପାଇଁ ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରିଥିଲେ। ଡ଼ିଆଇସି ସୁରକ୍ଷା ଉପରେ ମଧ ଜୋର ଦେଇଥିଲେ ଏବଂ ସୁରକ୍ଷାର ଆଚରଣଗତ ଦିଗ ଉପରେ ଧ୍ୟାନ ଦେଇ ଏହି ମହତ୍ତ୍ୱପୂର୍ଣ୍ଣ ଦିଗରେ ସାଂସ୍କୃତିକ ପରିବର୍ତ୍ତନ ଆଣିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। "ଆପଣମାନେ ଆରଏସପିର ଗୌରବମୟ ଉତ୍ତରାଧିକାରୀ ଅଟନ୍ତି ଏବଂ ମୁଁ ନିଶ୍ଚିତ ଯେ ଏହି ଶ୍ରେଷ୍ଠ ଯୁବ ପିଢୀ ଇସ୍ପାତ କାରଖାନାକୁ ସମସ୍ତ କ୍ଷେତ୍ରରେ ଉତ୍କର୍ଷ ଗଢିତୋଳି ଗୌରବମୟ ମାର୍ଗରେ ଅଗ୍ରସର କରାଇବେ ," ବୋଲି ସେ ମତବ୍ୟକ୍ତ କରିଥିଲେ। ଶ୍ରୀ ସୂର୍ଯ୍ୟବଂଶୀ ଯୁବ କାର୍ଯ୍ୟନିର୍ବାହୀ ମାନଙ୍କୁ ଅଭିନବ ଚିନ୍ତନ କରିବାକୁ ଏବଂ ନିଜ ବିଭାଗରେ ପ୍ରଭାବଶାଳୀ ପରିବର୍ତ୍ତନ ଆଣିବା ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳ ଅବଲମ୍ବନ କରିବାକୁ ଅନୁରୋଧ କରିଥିଲେ। ଏହି ଅନନ୍ୟ ମାନବ ସମ୍ବଳ ପଦକ୍ଷେପର ମହତ୍ତ୍ୱ ଉପରେ ଗୁରୁତ୍ୱ ଦେଇ ଶ୍ରୀ ପି କେ ଶତପଥୀ ଯୁବ କାର୍ଯ୍ୟନିର୍ବାହୀମାନଙ୍କୁ ସେମାନଙ୍କର ଶକ୍ତିଶାଳୀ ବୌଦ୍ଧିକତାର ଉପଯୋଗ କରିବାକୁ ଏବଂ ସେମାନଙ୍କର ଅସୀମ ସାମର୍ଥ୍ୟର ଉପଯୋଗ କରି ଧାରଣା ଏବଂ ସମାଧାନ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ ଯାହା କାରଖାନାକୁ ସମୃଦ୍ଧ ଗଢିବାରେ ସାହାଯ୍ୟ କରିବ। ପରେପରେ ଅନୁଷ୍ଠିତ ମତବିନିମୟ ଅଧିବେଶନରେ, ଯୁବ ଅଧିକାରୀମାନେ ନିଜ ନିଜ ବିଭାଗରେ ଥିବା ଆହ୍ୱାନ ଏବଂ ପ୍ରସଙ୍ଗଗୁଡ଼ିକ ବିଷୟରେ ଫଳପ୍ରଦ ଆଲୋଚନା କରିଥିଲେ। ସେମାନେ ସକ୍ରିୟ ଭାବରେ ସେମାନଙ୍କର ଅନ୍ତର୍ନିହିତ ଯୋଗଦାନ ଦେଇଥିଲେ ଏବଂ ଏହି ସମସ୍ୟାର ସମାଧାନ ପାଇଁ ପରାମର୍ଶ ପ୍ରଦାନ କରିଥିଲେ। ଅଂଶଗ୍ରହଣକାରୀମାନେ ପ୍ରମୁଖ କ୍ଷେତ୍ରରେ ଯଥା ପ୍ରକ୍ରିୟା ନିପୁଣତା, ମୂଲ୍ୟ ପରିଚାଳନା, ବୈଷୟିକ ଅଗ୍ରଗତି ଏବଂ ସୁରକ୍ଷା ବ୍ୟବସ୍ଥା ପରି ବିଷୟଗୁଡିକ ଉପରେ ଅନୁଧ୍ୟାନ କରିଥିଲେ। ବ୍ୟବହାରିକ ଏବଂ ଦକ୍ଷ ସମାଧାନ ଖୋଜିବାକୁ ଲକ୍ଷ୍ୟ ରଖି ସେମାନେ ସେମାନଙ୍କର ଅଭିଜ୍ଞତା ଏବଂ ଅଭିନବ ଚିନ୍ତାଧାରା ସହଭାଗିତା କରିଥିଲେ। ଉତ୍ପାଦନ ବୃଦ୍ଧି, କାର୍ଯ୍ୟ ପ୍ରବାହକୁ ଶୃଙ୍ଖଳିତ କରିବା ଏବଂ ବିଭିନ୍ନ ବିଭାଗ ମଧରେ ଯୋଗାଯୋଗ ଚ୍ୟାନେଲଗୁଡ଼ିକର ଉନ୍ନତି ଉପରେ ମଧ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏହାପୂର୍ବରୁ, ଏଚଆରଡ଼ି ବିଭାଗର ସିଜିଏମ ସୁଶ୍ରୀ ରାଜଶ୍ରୀ ବାନାର୍ଜୀ, ତାଙ୍କର ସ୍ୱାଗତ ଅଭିଭାଷଣରେ ଏହି ନୂତନ ମାନବ ସମ୍ବଳ ପ୍ରୟାସ ବିଷୟରେ ସଂକ୍ଷେପରେ ବର୍ଣ୍ଣନା କରିଥିଲେ। ଏଚଆରଡ଼ି ବିଭାଗର ଏଜିଏମ ଶ୍ରୀ କେ କେ ଜୟଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଆନୁଷ୍ଠାନିକ ରୂପେ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୫୧ କେଜି ଗଂଜେଇ ସହ ଦୁଇ ଜଣ ଗିରଫ

ଜୟପୁର , ୨୦/୦୫ (ନି.ପ୍ର): ଗାଡ଼ିରେ ପ୍ରେସ୍ ଲେଖି ଗଞ୍ଜେଇ ଚୋରାଚାଲାଣ କରୁଥିଲେ ଗଂଜେଇ ମାଫିଆ । ବାହାର ରାଜ୍ୟକୁ ଚାଲାଣ ବେଳେ ଚଢ଼ାଉ କଲା ପାଡୁଆ ପୁଲିସ । ସୂଚନା ଅନୁସାରେ କୋରାପୁଟ ଜ଼ିଲ୍ଲା ପାଡୁଆ ଥାନା ଅନ୍ତର୍ଗତ ବଡ ଦେବତା ଛକ ନିକଟରେ ପୋଲିସ ଗାଡି ଗୁଡିକ ଅଟକାଇ ଯାଞ୍ଚ କରୁଥିବା ସମୟରେ ମହାରାଷ୍ଟ୍ର ନମ୍ବର ଥିବା କାର୍ ରୁ ସାତ ବସ୍ତା ଗଞ୍ଜେଇ ବାହାରିଥିଲା । ପାଡୁଆ ପୋଲିସ ଗଞ୍ଜେଇ ବସ୍ତା ଜବତ କରିବା ସହିତ ଗାଡ଼ିରେ ଥିବା ମହାରାଷ୍ଟ୍ର ର ଦୁଇ ଜଣ ବ୍ୟକ୍ତିଙ୍କୁ ମଧ ଗିରଫ କରିଛି । ସାତ ଟି ବସ୍ତାରୁ ୧୫୧ କେଜି ଗଞ୍ଜେଇ ବାହାରିଥିଲା । ଜବତ ହୋଇଥିବା ଗଞ୍ଜେଇ ର ଆନୁମାନିକ ମୂଲ୍ୟ ପାଂଚ ଲକ୍ଷ ଟଙ୍କା ରୁ ଉର୍ଦ୍ଧ ହେବ ବୋଲି ନନ୍ଦପୁର ଏସଡିପିଓ ସଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି । ଏହି ଗଞ୍ଜେଇ କୋରାପୁଟ ଜ଼ିଲ୍ଲାରୁ ବାହାର ରାଜ୍ୟ କୁ ଚୋରା ଚାଲାଣ ହେଉଥିଲା ।

# ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ପାର୍ଶ୍ୱାଞ୍ଚଳର ବିଦ୍ୟାର୍ଥୀଙ୍କୁ ୨୩ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ




ରାଉରକେଲା, ୨୦/୦୫ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନା ଏହାର କର୍ପୋରେଟ ସାମାଜିକ ଦାୟିତ୍ୱ ପ୍ରୟାସର ଅଂଶ ସ୍ୱରୂପ ବୃତ୍ତିଗତ ଶିକ୍ଷାଲାଭ ନିମନ୍ତେ ନିକଟରେ ସୁନ୍ଦରଗଡ ଜିଲ୍ଲା, ଆଦର୍ଶ ଇସ୍ପାତ ଗ୍ରାମ, ପୁନର୍ବସତି କଲୋନୀର ୩୦ ଜଣ ଅନୁସୂଚିତ ଜାତି, ଜନଜାତି ଏବଂ ଗରିବ ଛାତ୍ରଛାତ୍ରୀମାନଙ୍କୁ ମଇ ୧୩ ତାରିଖରେ ୨୩ ଲକ୍ଷ ଟଙ୍କାର ବୃତ୍ତିଗତ ଛାତ୍ରବୃତ୍ତି ପ୍ରଦାନ କରିଛି।

ଏହି ଯୋଜନା ଅଧିନରେ ପ୍ରତ୍ୟେକ ବର୍ଷ ବୃତ୍ତିଗତ ସ୍ନାତକ ପାଠ୍ୟକ୍ରମ ଶିକ୍ଷାଲାଭ କରୁଥିବା ୨୦ ଜଣ ବିଦ୍ୟାର୍ଥୀ (୧୦ ଜଣ ଛାତ୍ର ଓ ୧୦ ଜଣ ଛାତ୍ରୀ) ଏବଂ ସ୍ନାତକୋତ୍ତର ପାଠ୍ୟକ୍ରମରେ ଶିକ୍ଷା ଗ୍ରହଣ କରୁଥିବା ୧୦ ଜଣ ବିଦ୍ୟାର୍ଥୀ (୫ ଜଣ ଛାତ୍ର ଓ ୫ଜଣ ଛାତ୍ରୀ) ଙ୍କୁ ଏହି ବୃତ୍ତି ପ୍ରଦାନ ନିମନ୍ତେ ଚୟନ କରାଯାଉଛି। ଉକ୍ତ ପ୍ରୟାସ ଅନ୍ତର୍ଗତ ବାର୍ଷିକ ୩୦ ହଜାର ଟଙ୍କା ହାରରେ ଆର୍ଥିକ ହାରରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି ଅର୍ଥାତ ୨ ବର୍ଷ ସ୍ନାତକୋତ୍ତର ପାଠ୍ୟକ୍ରମ ନିମନ୍ତେ ୬୦ ହଜାର ଟଙ୍କା ପ୍ରଦାନ କରାଯାଉଛି। ସେହିଭଳି ଇଞ୍ଜିନିୟରିଂ ଭଳି ୪ ବର୍ଷୀୟ ସ୍ନାତକ ପାଠ୍ୟକ୍ରମ ନିମନ୍ତେ ୧ ଲକ୍ଷ ୨୦ ହଜାର ଟଙ୍କା, ୫ ବର୍ଷୀୟ ଏମବିବିଏସ ଡାକ୍ତରୀ ଡିଗ୍ରୀ ନିମନ୍ତେ ୧ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରାଯାଉଛି। ଚୟନୀତ ଛାତ୍ରଛାତ୍ରୀଙ୍କୁ କିସ୍ତିରେ ପ୍ରତ୍ୟେକ ବର୍ଷ ଏହି ବୃତ୍ତିରାଶି ସେମାନଙ୍କର ଅଧ୍ୟୟନରେ ବାର୍ଷିକ ପ୍ରଦର୍ଶନ ଏବଂ ପାଠ୍ୟକ୍ରମ ଜାରିରଖିଥିବା ସମ୍ବନ୍ଧୀୟ ପ୍ରମାଣପତ୍ର ଆଧାରରେ ପ୍ରଦାନ କରାଯାଇଥାଏ। ଏହି ପ୍ରୟାସ ଅନ୍ତର୍ଗତ ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନଠାରେ ଛାତ୍ରବୃତ୍ତି ସ୍ୱୀକୃତି ପତ୍ର ପ୍ରଦାନ ନିମନ୍ତେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସହର ଓ ସିଏସଆର ବିଭାଗର ସିଜିଏମ, ଶ୍ରୀ ପି କେ ସ୍ୱାଇଁ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ପ୍ରତୀକ ଚେକ ଓ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସିଏସଆର ବିଭାଗର ମହାପ୍ରବନ୍ଧକ, ସୁଶ୍ରୀ ମୁନମୁନ ମିତ୍ରା, ଏଜିଏମ, ଶ୍ରୀ ଟି ବି ଟପ୍ପୋ ଏବଂ ସିଏସଆର ବିଭାଗର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସୁଶ୍ରୀ ମୁନମୁନ ମିତ୍ରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ଯୋଜନା ବିଷୟରେ ସୂଚନା ଦେଇଥିଲେ। ଶ୍ରୀ ଟି ବି ଟପ୍ପୋ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଭାରସାମ୍ୟ ହରାଇ ଓଲଟିଲା ବସ୍, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ଖୋର୍ଦ୍ଧା, ୨୦/୦୫ (ନି.ପ୍ର): ଗତକାଲି ବିଳମ୍ବିତ ରାତ୍ରିରେ ବାଲୁଗାଁ ଥାନା ଅନ୍ତର୍ଗତ ନାଭାଲ ଫାଣ୍ଡି ନିକଟରେ ଏକ ଘରୋଇ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଛି । ତେବେ ଏଥିରେ କେହି ମୃତାହତ ହୋଇନଥିବା ଜଣାପଡିଛି। ସୂଚନା ମୁତାବକ, ଭୁବନେଶ୍ୱରରୁ ନମସ୍କାର ନାମକ ଏହି ବସଟି ଯାତ୍ରୀ ନେଇ ଆସ୍କା ଅଭିମୁଖେ ଯାଉଥିଲା। ଗତକାଲି ରାତି ପାଖାପାଖି ୨ଟା ସମୟରେ ନାଭାଲ ଫାଣ୍ଡି ନିକଟସ୍ଥ ବ୍ରଜରାଜପୁର ଗ୍ରାମ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ବସରେ ପ୍ରାୟ ୮୦ ଜଣ ଯାତ୍ରୀ ଥିଲେ । ଖବର ପାଇ ସଙ୍ଗେ ସଙ୍ଗେ ନାଭାଲ ଫାଣ୍ଡି ଅଧିକାରୀ ଦିଲ୍ଲୀପ ସାହୁ ସଦଳବଳେ ଦୁର୍ଘଟଣାସ୍ଥଳରେ ପହଂଚି ଆମ୍ବୁଲାନ୍ସ ଏବଂ ଅଗ୍ନିଶମ ବାହିନୀ ସହଯୋଗରେ ସମସ୍ତ ଯାତ୍ରୀଙ୍କୁ ବସରୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ ।

# ଗଞ୍ଜାମ ଜିଲ୍ଲାରେ ୨୦୦ ଆନ୍ଧ୍ର ଡିଗ୍ରୀଧାରୀ ଚିହ୍ନଟ ହେଲେଣି

ଗଞ୍ଜାମ, ୨୦/୦୫ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ ୨୦୦ ଆନ୍ଧ୍ର ଡ଼ିଗ୍ରୀ ଧାରୀ ଚିହ୍ନଟ ହେଲେଣି । ଗଞ୍ଜାମ ଜିଲ୍ଲାରେ ବହୁ ସଂଖ୍ୟାରେ ଆନ୍ଧ୍ର ଡ଼ିଗ୍ରୀ ଧାରୀ ରହିଥିବାର ସୂଚନା ମିଳିଛି । ଶିକ୍ଷକ ମାନଙ୍କ ଠାରୁ ଆରମ୍ଭ କରି ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟରେ ଏଭଳି କର୍ମଚାରୀ କାର୍ଯ୍ୟ କରୁଛନ୍ତି । ଏବେ ସୁଦ୍ଧା ଗଞ୍ଜାମ ଜିଲ୍ଲାରୁ ୨୦୦ ରୁ ଅଧିକ ଶିକ୍ଷକ ଚିହ୍ନଟ ହୋଇସାରିଲେଣି । ଡାକ ବିଭାଗର ଜିଡିଏସ ପଦରେ ନକଲି ସାର୍ଟିଫିକେଟ ଦେଇ ଆବେଦନ ଘଟଣାର ତଦନ୍ତ ପରେ ଏହା ଜଣାପଡିଛି । ଗଞ୍ଜାମ ଜିଲ୍ଲାରେ ନକଲି ଶିକ୍ଷା ପ୍ରମାଣପତ୍ର ଯାଂଚ୍ ପ୍ରକ୍ରିୟା ଜାରୀ ରହିଛି । ବର୍ତମାନ ସୁଦ୍ଧା ଆସିଥିବା ଅଭିଯୋଗ ଅନୁସାରେ ନକଲି ଶିକ୍ଷକଙ୍କ ତାଲିକା ୪୪୧ ରେ ପହଂଚିଛି । ସେଥିମଧ୍ୟରୁ ୯୬ ଜଣଙ୍କ ନାମରେ ଏତଲା ଦିଆଯାଇଥିବା ବେଳେ ୪୭ ଜଣ ଚାକିରୀରୁ ବିଦା ହୋଇସାରିଲେଣି । ସୂଚନା ଅଧିକାର କର୍ମୀ ସମରଜିତ ମହାନ୍ତି ଆରଟିଆଇ ବଳରେ ବିଭିନ୍ନ ବ୍ଲକର ଶିକ୍ଷା ଅଧିକାରୀଙ୍କୁ ଅନ୍ୟ ରାଜ୍ୟର ଶିକ୍ଷା ପ୍ରମାଣପତ୍ର ବିଇଡି ଦାଖଲ କରି ଚାକିରୀ କରୁଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତାଲିକା ମାଗିଥିଲେ । ବର୍ତମାନ ସୁଦ୍ଧା ୧୨ଟି ବ୍ଲକରୁ ମିଳିଥିବା ତଥ୍ୟ ଅନୁସାରେ ଏହି ସଂଖ୍ୟା ୨୦୦ ଟପି ସାରିଲାଣି । ସେଥିମଧ୍ୟରୁ ସାନଖେମୁଣ୍ଡି ବ୍ଲକରେ ସର୍ବାଧିକ ୬୧ ଜଣ ଶିକ୍ଷକ ଶିକ୍ଷୟତ୍ରୀ ରହିଛନ୍ତି । ଦିଗପହଣ୍ଡି ବ୍ଲକରେ ୪୩ ଜଣ ରହିଛନ୍ତି ।

# ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡ଼େରେସନ ଭଦ୍ରକ ଶାଖାର ସାଂଗଠନିକ ଓ ସମ୍ବର୍ଦ୍ଧନା ସମାରୋହ

ଭଦ୍ରକ, ୨୦/୦୫ (ନି.ପ୍ର): ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡ଼େରେସନ, ଭଦ୍ରକ ଜିଲ୍ଲା ଶାଖା ତରଫରୁ ଭାଗବତ କଲ୍ୟାଣ ମଣ୍ଡପଠାରେ ସାଂଗଠନିକ ଆଷଲାଚନା ସଭା ସହିତ ନିବ ନିର୍ବାଚିତ ରାଜ୍ୟ ମହାସଚିବଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଭଦ୍ରକ ଜିଲ୍ଲାର ବିଭିନ୍ନ ବ୍ଲକର ସଂଘର କର୍ମକର୍ତ୍ତାମାନେ ଏହି ସମାରୋହରେ ଯୋଗ ଦେଇଥିଲେ। ପ୍ରଥମେ ଜିଲ୍ଲା ସଭାପତି ବାବୁଲା ରାଉତ ସଭାପତିତ୍ୱ ଏବଂ ଉପସଭାପତି ଭାସ୍କର ଚନ୍ଦ୍ର ନାୟକଙ୍କ ପୌରାହିତ୍ୟରେ ସାଂଗଠନିକ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଭଦ୍ରକ ଜିଲ୍ଲାରେ ଫେଡ଼େରେସନକୁ କିପରି ଅଧିକ ମଜଭୁତ କରାଯାଇ ପାରିବ ସେ ସଂକ୍ରାନ୍ତରେ ବିଭିନ୍ନ ପ୍ରସ୍ତାବ ଆଗତ ହୋଇ ଆଲୋଚନା କରାଯାଇଥିଲା। ଶିକ୍ଷକମାନଙ୍କ ମଧ୍ୟରେ ରହିଥିବା ବିଭିନ୍ନ ଅସଂଗତିକୁ ଦୂର କରିବା ସହିତ ସେମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ସଂଘ ସର୍ବଦା ସଂଗ୍ରାମ ଜାରି ରଖିଛି। ଦାବି ହାସଲ ହେବା ପର୍ଯ୍ୟ ଏହି ସଂଗ୍ରାମ ଜାରି ରହିବ ବୋଲି ମତ ପ୍ରକାଶ ପାଇଥିଲା। ଜିଲ୍ଲାରେ ସମସ୍ତ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଏକ ଷ୍ଟିୟରିଂ କମିଟି ଗଠନ କରାଯିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏହି ସମାରୋହରେ ଅତିଥି ଭାବେ ଭଦ୍ରକ ଜିଲ୍ଲାର ଗର୍ବ ନବ ନିର୍ବାଚିତ ରାଜ୍ୟ ମହାସଚିବ ଚାରୁଲତା ମହାପାତ୍ରଙ୍କୁ ଜିଲ୍ଲା ଶାଖା ଏବଂ ବ୍ଲକ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଶ୍ରୀମତୀ ମହାପାତ୍ର ବକ୍ତବ୍ୟ ରଖି କହିଥିଲେ କି ଭଦ୍ରକ ଜିଲ୍ଲା ସଂଘ ରାଜ୍ୟର ଏକ ଅଗ୍ରଣୀ ସଂଘ। ରାଜ୍ୟ ସ୍ତରୀୟ ନିଷ୍ପତି ଗ୍ରହଣରେ ଭଦ୍ରକର ଭୂମିକା ସବୁ ସମୟରେ ଆଗରେ ରହି ଆସିଛି। ଜିଲ୍ଲାର ପ୍ରାଥମିକ ଶିକ୍ଷକମାନଙ୍କ ମଧ୍ୟରେ ଯେଉଁ ସମସ୍ୟା ଦୀର୍ଘ ଦିନ ଧରି ସମାଧାନ ହୋଇ ପାରୁନାହିଁ, ତାହାକୁ ସମାଧାନ କରିବା ଦିଗରେ ଶ୍ରୀମତୀ ମହାପାତ୍ର ତୁରନ୍ତ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଥିଲେ। ନିର୍ବାଚନ ବିଜୟରେ ଶ୍ରୀମତୀ ମହାପାତ୍ର ଭଦ୍ରକ ଜିଲ୍ଲା ଶାଖାର ସହଯୋଗ ନେଇ କୃତଜ୍ଞତା ଜ୍ଞାପନ କରିଥିଲେ। ସମାରୋହରେ ଜିଲ୍ଲା ସମ୍ପାଦକ ମନୋରଂଜନ ନାୟକ, ସଂଗଠନ ସମ୍ପାଦକ ସମୀର ଜେନା, ସହସମ୍ପାଦକ ରୂପେଶ ସାହୁ, କୋଷାଧକ୍ଷ ଗିରିଧାରୀ ଚଣ୍ଡ, ଭଦ୍ରକ ବ୍ଲକ ସଭାପତି ଅରୁଣ ମଲ୍ଲିକ, ସମ୍ପାଦକ ରାଜେଶ ଦାସ, ତିହିଡ଼ି ବ୍ଲକ ସଭାପତି ମାୟାଧର ସାହୁ, ସମ୍ପାଦକ ରମାକାନ୍ତ ଦାସ, ଭଣ୍ଡାରିପୋଖରୀ ବ୍ଲକର ସଭାପତି ରଂଜନ ମହାନ୍ତି, ସମ୍ପାଦକ ପ୍ରସନ୍ନ ରଥ, ଧର୍ମେନ୍ଦ୍ର ନାରାୟଣ ଜେନା, ସସ୍ମିତା ମଞ୍ଜରୀ ନାୟକ, ଗୀତାଞ୍ଜଳି ନାୟକ, ମିନତୀ ଦାସ, ମିନତୀ ନାୟକ, ଭାଗିରଥୀ ତ୍ରିପାଠୀ, ଜମ୍ସୁର ଅଲୀ, ମାନସ ଜେନା, ସରୋଜ ନାୟକ, ରତିକାନ୍ତ ସାହୁ, ସସ୍ମିତା ମହାନ୍ତି, ଲକ୍ଷ୍ମଣ ସୋରେନ, ସବୀର ସିଂ, ବୀରେନ୍ଦ୍ର ମାଝୀ, ସୁରେନ୍ଦ୍ର ମଲ୍ଲିକ, ଶିବ ମଣ୍ଡଳ, ଖିଲାରାମ ହେମ୍ବ୍ରମ, ଅବଦୁଲ ରବ୍, ଶ୍ରୀନାଥ ମଲ୍ଲିକ, ସୁପ୍ରିତ୍ ଖୁଣ୍ଟିଆ, ମନୋରଂଜନ ଦିକ୍ଷୀତ୍, ବସନ୍ତ ଦୀକ୍ଷିତ୍, ବନମାଳୀ ପତି ପ୍ରମୁଖ ଯୋଗ ଦେଇଥିଲେ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୧ ମଇ ୨୦୨୩
email : rabibarachayan2015@gmail.com

ରବିବାର ଚୟନ
......ସୁଚୟନ ସୁଚୟନ ସୁଚୟନ......
କଥା, କବିତା, ସୃଜନର ସୁରମ୍ୟ ସମ୍ଭାର




## ଧାରାବାହିକ ଉପନ୍ୟାସ

# ବୈଦେହୀ



**ଡ.ଭାଗବତ ବେହେରା**



'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୪
(ପୂର୍ବ ପ୍ରକାଶିତ ଉତ୍ତାରୁ...)

### ॥ ଦୁଇ ॥

ପ୍ରଭାତ ସମୟ ଅତି ରମଣୀୟ । ପ୍ରଭାତ, ପୁଣି ଅରଣ୍ୟରେ ପ୍ରଭାତ । ଅରଣ୍ୟ ପ୍ରକୃତିର ରମଣୀୟ ଶୋଭା, ନାନାଜାତି ତରୁଲତାରେ ବିକଶିତ ପୁଷ୍ପରାଜି, କାକର ଭିଜା ପଲ୍ଲବର ମୃଦୁ ଶିହରଣରେ ତହିଁରୁ ଟୋପା ହୋଇ ଝରି ପଡୁଥିବା ବିନ୍ଦୁବିନ୍ଦୁ ଅମୀୟଧାରା, ପକ୍ଷୀମାନଙ୍କର ସୁମଧୁର କାକଳି, ପୂର୍ବଦିଗରେ ମା' କୋଳଛାଡ଼ି ଧରଣୀ ଛୁଇଁବାକୁ ଇଚ୍ଛା କରୁଥିବା ଦିବାକରଙ୍କର ଈଷତ୍ ଗୋଲାପୀ ଆସ୍ତରଣ, ପ୍ରଭାତ ସମୟକୁ ମଧୁର ବାତାବରଣରେ ସ୍ନାନ କରାଇ ଦେଉଥାଏ । ଏହିଭଳି ଏକ ମଧୁ ମାଧବୀର ମୁହୂ□ ଖେଳି ଯାଉଥାଏ ମୁନିଶ୍ରେଷ୍ଠ ବାଲ୍ମିକୀଙ୍କ ଆଶ୍ରମରେ । ତପସ୍ୱୀଙ୍କର ପ୍ରାତଃକାଳୀନ ବେଦଧ୍ୱନି, ଯଜ୍ଞହବିରେ ଘୃତାହୁତି ସାଂଗକୁ ମନ୍ତ୍ରଧ୍ୱନିର ସୁମଧୁର ଉଚ୍ଚାରଣ, ମୁନିକୁମାର, ମୁନିକନ୍ୟା ମାନଙ୍କର ଉଷାବନ୍ଦନା ବାଲ୍ମିକୀଙ୍କ ଆଶ୍ରମରେ ସୁଧା ବୃଷ୍ଟି କରୁଥିବା ସମୟରେ, ବୃଦ୍ଧା ତପସ୍ୱିନୀ ଅନୁକମ୍ପା ଯାଇ ଆଶ୍ରମର ଏକ କୁଡ଼ିଆ ଦୁଆରେ ଛିଡ଼ା ହୋଇ ଧୀରକଣ୍ଠରେ କହିଥିଲେ, ଆଶ୍ରମର ଏ ମନୋରମ, ମଧୁମୟ ପ୍ରକୃତିକୁ ଦର୍ଶନ କରିବାକୁ ବାହାରକୁ ପାଦ ପକାଅ ମା' ସୀତେ । ତୁମକୁ ଦର୍ଶନ କରିବା ପାଇଁ ମୁନିକନ୍ୟାମାନେ ଏହି କୁଟୀର ସମ୍ମୁଖରେ ଛିଡ଼ା ହୋଇ ରହିଛନ୍ତି । ବୃକ୍ଷଡାଳରେ ପକ୍ଷୀମାନେ ବସି ତୁମ ନିମି□ ମଧୁର ସଂଗୀତ ଗାନ କରୁଛନ୍ତି । ମୟୂରପୁଚ୍ଛ ଟେକି ତୁମ ଦ୍ୱାର ସମ୍ମୁଖରେ ନୃତ୍ୟରତା ହରିଣ ଶାବକମାନେ ତୁମ ଦର୍ଶନ ପାଇଁ ଗୃହଦ୍ୱାରକୁ ଅନାଇ ରହିଛନ୍ତି । ବୃକ୍ଷଲତାରୁ ପୁଷ୍ପମାନ ଝରିପଡ଼ିଛି ତୁମ ଗୃହର ଦ୍ୱାରଦେଶରେ । ପବନ ଧୀରେଧୀରେ ପଲ୍ଲବ ବ୍ୟଜନ କରୁଛି ତୁମ ଆଗମନକୁ ପ୍ରତୀକ୍ଷା କରି। ଏବେ ଦ୍ୱାର ଖୋଲି ବାହାରକୁ ବିଜେ କର ମା' ।

ଧୀରେଧୀରେ ଖୋଲିଗଲା କୁଡ଼ିଆ ଘରଟିର ଦ୍ୱାର । ଭିତରୁ ବାହାରି ଆସିଲେ ଆଲୁଳାୟିତ କେଶା, ବିଷାଦବଦନା ହେମବର୍ଣ୍ଣର ପିତୁଳାଟିଏ । ପୂର୍ଣ୍ଣମୀର ଚନ୍ଦ୍ର ତୁଲ୍ୟ ମୁଖମଣ୍ଡଳକୁ ଢାଙ୍କି ଦେଇଛି ଆଲୁଳାୟିତ କେଶ ରୂପୀ କଳାବାଦଲ । ପ୍ରତୀୟମାନ ହେଉଛି ସତେଯେମିତି ସଦ୍ୟଫୁଟା ପଦ୍ମଫୁଲଟି ଉପରେ ଅଦିନର ବର୍ଷା ଝରିପଡ଼ି ଫୁଲର ଜ୍ୟୋତିକୁ ବିବର୍ଣ୍ଣ କରି ଦେଇଛି । ଢଳଢଳ ନୀଳକଇଁ ସଦୃଶ ଚକ୍ଷୁଦୁଇଟି କଟୋରଗତ । ସେ ଚକ୍ଷୁରୁ ଗଙ୍ଗୋତ୍ରୀର କ୍ଷୀଣଧାରା ସଦୃଶ ଝରିପଡୁଛି ଧାର ଧାର ଅଶ୍ରୁ । ରକ୍ତପଦ୍ମକୁ ନିନ୍ଦା କରୁଥିବା ପାଦଯୁଗଳ କରକାପାତ ପରେ ଶୁଖି ଯାଇଥିବା ପଦ୍ମପାଖୁଡ଼ାର ଭ୍ରମ ସୃଷ୍ଟି କରୁଛି । ଧୀର ପଦପାତରେ ସେହି ସୁବର୍ଣ୍ଣ ପି□ୁଳାଟି ଆସି ଅନୁକମ୍ପାଙ୍କର ପାଦ ଦୁଇଟିକୁ ଛୁଇଁ ପ୍ରଣାମ କରନ୍ତେ, ତାଙ୍କୁ ବକ୍ଷ ଉପରକୁ ଟେକିନେଇ ସନ୍ନ୍ୟାସିନୀ ଅନୁକମ୍ପା କହିଥିଲେ, "ଅନବରତ କାହିଁକି ସେ ନୟନରୁ ଅଶ୍ରୁ ଝରାଉଛୁ ମା' । ତୁ ଯେତେଦିନ ପର୍ଯ୍ୟନ୍ତ ନୟନରୁ ଅଶ୍ରୁ ଝରାଉଥିବୁ ସେତେଦିନ ପର୍ଯ୍ୟନ୍ତ ଏ ଆଶ୍ରମବାସୀଙ୍କ ଚକ୍ଷୁରୁ ମଧ ଲୁହ ଝରୁଥିବ । ନିୟତିର ତୋ ପ୍ରତି ଏ ଦଣ୍ଡ ବିଧାନ କାହିଁକି, ତାହା ମୁଁ ଜାଣିପାରୁ ନାହିଁ। ଶୋକ ପରିହାର କର ମା' । ଏଇ ଦେଖ ତୋ ସହିତ ମିଶି ଖେଳିବା ପାଇଁ, ତୋ ମୁଖରେ ହସ ଦେଖିବା ପାଇଁ ଏ ମୃଗଶାବକମାନେ ତୋ କୁଟୀର ଚାରିପାଖରେ ଖେଳି ବୁଲୁଛନ୍ତି । ମୟୂର ମୟୂରୀ, କପୋତ କପୋତୀ କେମିତି ଧାଡ଼ି ବାନ୍ଧି ଛିଡ଼ା ହୋଇଛନ୍ତି କୁଟୀର ସମ୍ମୁଖରେ । ମୁନିକନ୍ୟାମାନେ ଅଞ୍ଜଳି ପୂର୍ଣ୍ଣକରି ପୁଷ୍ପଧରି ତୋତେ ପ୍ରତୀକ୍ଷା କରି ରହିଛନ୍ତି । ବୃକ୍ଷଡାଳରେ ସହସ୍ର ସହସ୍ର ସଂଖ୍ୟାରେ ପକ୍ଷୀମାନେ ବସି କୂଜନ ସୃଷ୍ଟିକଲେଣି। ଆଶ୍ରମର ବଗିଚା ଆଜି ଫୁଲରେ ଫୁଲରେ ପୂରି ଉଠିଛି । ସମସ୍ତେ ଆଜି ତୋତେ ପ୍ରତୀକ୍ଷା କରି ରହିଛନ୍ତି ମା' । ତୁ ଆଜିଠାରୁ ଆଶ୍ରମବାସିନୀ । ମୁନିକନ୍ୟାମାନେ ତୋତେ ତପସ୍ୱିନୀ ବେଶରେ ସଜାଇ ଦେବେ । ତୁ ସେମାନଙ୍କ ସହିତ ମିଶିବୁ, ହସିବୁ, ଖେଳିବୁ । ସମୟ ତୋର ଅତି ଆନନ୍ଦରେ କଟିଯିବ ।

ଅନୁକମ୍ପାଙ୍କର ଏହି ଅମୃତପଦ କଥାରେ ବାଧା ସୃଷ୍ଟିକରି ବାଲ୍ମିକୀ ଆସି ପହଁଚନ୍ତେ, ତାଙ୍କୁ ଦେଖି ଦେବୀ ଜାନକୀ ତାଙ୍କ ପଦବନ୍ଦନା କରି ପାଦଧୂଳି ନେଇଥିଲେ । ତାଙ୍କୁ ତଳୁ ଉଠାଇ ଆଶୀର୍ବାଦ କରି ବାଲ୍ମିକୀ କହିଥିଲେ, 'ମା ! ମନରେ ଆଉ ଦୁଃଖ କରନା। ଆଜିଠାରୁ ତୁ ଏ ଆଶ୍ରମର ଅନ୍ତେଃବାସିନୀ । ତୁ ଏଠି ଅଯୋଧାର ରାଜବଧୂ ନୁହଁ, କିମ୍ବା ଜନକ କନ୍ୟା ଜାନକୀ ନୁହଁ । ତୁ ବାଲ୍ମିକୀ କନ୍ୟା ତପସ୍ୱିନୀ । ମୁଁ ଜାଣେ ମା' ତୁ ଅତ୍ୟନ୍ତ ଦୁଃଖରେ ଭାଂଗି ପଡ଼ିଛୁ । ରାମ ତୋର ହୃଦୟ, ମନ, ପ୍ରାଣ, ବଚନ ସବୁକିଛି । ରାମ ତୋର ପୁଣ୍ୟ, ରାମ ବ୍ୟତିରେକେ ତୁ ଶୂନ୍ୟ । ତଥାପି ରାମ ବିନେ ତୋତେ ଆଶ୍ରମ ଜୀବନ ବିତାଇବାକୁ ପଡ଼ିବ ମା' । ମୁଁ ଜାଣିଛି ତୁ ଗତରାତିରେ ଅନ୍ନ ଜଳ ଗ୍ରହଣ କରିନାହୁଁ । ଚକ୍ଷୁରେ ତୋର ପଲକ ପଡ଼ିନାହିଁ । ସାରାରାତି ରାମ, ନାମ ତୁଣ୍ଡରେ ଧରି ତୁ ରାତି ପୁହାଇ ଦେଇଛୁ । ଗୃହାଙ୍ଗନକୁ ତୋର ରାମ ନାମରେ ପୂର୍ଣ୍ଣ କରି ଦେଇଛୁ । ରାମ ସିନା ଶରୀରରେ ତୋ ନିକଟରେ ନାହାନ୍ତି, ହେଲେ ଅଶରୀରରେ ସେ ତୋ ରୋମେରୋମେ ପୂରି ରହିଛନ୍ତି । ଦୁଃଖ କରନା ମା'। । ସବୁ ଦୁଃଖ ତୋର ଆଉ କିଛିଦିନ ପରେ ଘୁଁଚିଯିବ, ଯେଉଁଦିନ ଏ ଆଶ୍ରମରେ ଗୁଞ୍ଜରି ଉଠିବ ରାମ ରକ୍ତର କୁଆଁକୁଆଁ ରାବ । ଅନୁକମ୍ପା, ମୁନିକନ୍ୟାମାନଙ୍କୁ କୁହ ସେମାନେ ସୀତାଙ୍କୁ ନେଇ ତମସାରେ ସ୍ନାନ କରାଇ ଆଣି, ସନ୍ନ୍ୟାସିନୀର ବେଶ ପୋଷାକରେ ତାଙ୍କୁ ସଜାଇଦେବେ । ହସ୍ତପଦରେ ଖଞ୍ଜିଦେବେ ପୁଷ୍ପର ଅଳଙ୍କାର । କାଖରେ ଧରାଇଦେବେ ଲାଉ ତୁମ୍ବାଟିଏ । ମୁନିକନ୍ୟାଙ୍କ ଗହଣରେ ମିଶି ଆଶ୍ରମର ବୃକ୍ଷଲତାଙ୍କର ଯତ୍ନନେବ ସୀତା । ତନୟର ମୁଖ ଦର୍ଶନ କରିବା ପୂର୍ବରୁ ସେ ତନୟ ପାଳନର ସୁଖ ଅନୁଭବ କରୁ । ଯା', ମା' ସୀତେ । କୁଟୀର ଭିତରକୁ ଯାଅ । ମୁନିକନ୍ୟାଗଣ ଆଶ୍ରମର ବିଧି ଅନୁସାରେ ସୀତାଙ୍କୁ ମୋର ସବୁ କର୍ମ ସମ୍ପର୍କରେ ସୂଚନା ଦିଅ । ପୂର୍ବାକାଶରେ ସୂର୍ଯ୍ୟ ଏବେ ଉଦୟ ହେବାକୁ ବସିଲେଣି । ଆଉ କିଛିସମୟ ପରେ ତୁମେମାନେ ସୀତାକୁ ସ୍ନାନପାଇଁ ନେଇଯିବ ।"

ସନ୍ନ୍ୟାସିନୀ ଅନୁକମ୍ପା ତଥା ମୁନିକନ୍ୟାମାନଙ୍କୁ ସୀତାଙ୍କ ଆଶ୍ରମଚର୍ଯ୍ୟା ସମ୍ପର୍କରେ ବିଧିବିଧାନ ମାନ ଜଣାଇ ଦେବାପାଇଁ କହି ତପୋଧନ ବାଲ୍ମିକୀ ସେଠାରୁ ବିଦାୟ ନେଇ ଯାଇଥିଲେ । ଆଶ୍ରମର ଚତୁର୍ଦ୍ଦିଗରେ ଝଙ୍କୃତ ହେଉଥାଏ ମୁନିରଷିମାନଙ୍କର ବେଦଧ୍ୱନି। ମଧୁର କୋଳାହଳରେ ପରିପୂର୍ଣ୍ଣ ବାଲ୍ମିକୀ ଆଶ୍ରମ । ସକାଳର ଧୀର ପବନରେ ଅଳସ ଭାଂଗୁଥାନ୍ତି ବୃକ୍ଷଲତାରେ ପ୍ରସ୍ଫୁଟିତ ପୁଷ୍ପରାଜି । କାକ, କୋକିଳ, କଳକଣ୍ଠଙ୍କ ମଧୁର ସଂଗୀତ ଶ୍ରବଣ କରି ପ୍ରକୃତିସ୍ଥ ହେଲେ ସୀତା । ଦୀର୍ଘଦିନ ଧରି ସ୍ୱାମୀଙ୍କ ସହ ଅରଣ୍ୟରେ ବୁଲିଥିଲେ ମଧ ଆଶ୍ରମର ଏପରି, ଶାନ୍ତ, ମଧୁମୟ, ପ୍ରୀତିମୟ, ଆନନ୍ଦମୟ ପରିବେଶ ଭିତରେ ସେ କେବେ ପ୍ରଭାତ ସମୟକୁ ଅନୁଭବ କରିନଥିଲେ । ପ୍ରଭୁ ରାମଚନ୍ଦ୍ର ଅତ୍ୟନ୍ତ କରୁଣାମୟ । ସେ କରୁଣା କରିନଥିଲେ ଏପରି ଅମୃତବର୍ଷୀ ଆଶ୍ରମରେ ସେ ପ୍ରବେଶ କରିପାରି ନଥା'ନ୍ତେ ।

ସୀତାଙ୍କର ଧ୍ୟାନକୁ ଭଗ୍ନ କରି ଅନୁକମ୍ପା କହିଥିଲେ, କୁଡ଼ିଆ ଭିତରକୁ ଯାଇ କିଛି ସମୟ ପ୍ରତୀକ୍ଷା କର ମା' । ଆଉ ଅଳ୍ପସମୟ ପରେ ମୁନିକନ୍ୟାମାନେ ଆସି ତୁମକୁ ସ୍ନାନ ମାର୍ଜନା ପାଇଁ ସାଂଗରେ ନେଇଯିବେ ।

(କ୍ରମଶଃ)

♥ ଦର୍ଜୀ ପୋଖରୀ, ରାଣୀପାଟଣା, ବାଲେଶ୍ୱର

---

## ଅନ୍ୱେଷଣ

# ଉତ୍ସାହ ହିଁ ଜୀବନ

**ପ୍ରଶାନ୍ତ ଦାସ**



ଗୋଟିଏ ଭଲକଥାକୁ ବଞ୍ଚେଇବା ପାଇଁ କାହାର ନା କାହାର ନିଃସ୍ୱାର୍ଥପର ତ୍ୟାଗ ତା' ପଛରେ ରହିବାର ଆବଶ୍ୟକତା ଥାଏ । ଯେତେ ଲୋକଙ୍କର ନିଃସ୍ୱାର୍ଥପର ତ୍ୟାଗ ଏକକାଳୀନ ଗୋଟିଏ କଥା ପଛରେ ରହିବ, ସେ କଥା ସେତେ ଦୀର୍ଘାୟୁ ହେବ । ଭଗବାନଙ୍କର ଗୋଟିଏ ମୂର୍ତ୍ତି ଉପରେ ଯେତେ ସଂଖ୍ୟକ ଲୋକଙ୍କର ଆକୁଳିତ ଭାବ ଅଜାଡ଼ି ପଡ଼େ, ସେତେ ସେ ବିଗ୍ରହରେ ଶକ୍ତି ପ୍ରକାଶିତ ହୁଏ ଏବଂ ସେତେ ଅଧିକ କରୁଣା ମହିମା ତାଙ୍କ ନିକଟରୁ ବିଚ୍ଛୁରିତ ହୁଏ। ବେଳେବେଳେ ଆମେ ଗୋଟିଏ ବାସ୍ତବ ପରିମାଣ ବା ସଂଖ୍ୟାକୁ ଆବଶ୍ୟକ କରିଥାଉ ତା ଭିତରେ ଯେମିତି ମିଥ୍ୟା ପରିମାଣ ନଥାଏ। ପରିମାଣ ବା ସଂଖ୍ୟାର ମିଳିତ ଶକ୍ତିର ଗୋଟିଏ ପ୍ରବାହ ଅଛି । ଶିଖେଇବା ଏବଂ ଶିଖିବା ସଂପୂର୍ଣ୍ଣ ଭିନ୍ନ । ଦେଖିବା ଏବଂ ଅନୁଭବ କରିବା ମଧ ସଂପୂର୍ଣ୍ଣ ଭିନ୍ନ। ଗୋଟିଏ ଉତ୍ସାହ ମଣିଷର ବେଗ ବଢ଼େଇଦିଏ। ଗୋଟିଏ ପବିତ୍ର ସଫଳ ଉତ୍ସାହ ମଣିଷର ଦୁଃଖ ହଟେଇ ଦିଏ। ଯେଉଁଠି ଉତ୍ସାହ ନାହିଁ, ସେଇଠି ଜୀବନ ନାହିଁ । ପବିତ୍ର ସଫଳ ଉତ୍ସାହମାନେ ଜୀବନକୁ ବେଗଶୀଳ କରିଥାନ୍ତି ଏବଂ ଜୀବନର ଦୁଃଖକୁ ପୋଛି ଦେଇଥାନ୍ତି । ତେନ୍ଦୁଲକର କ୍ରିକେଟକୁ ତାଙ୍କର ଭଗବାନ ଭାବିଥିଲେ ବୋଲି ସେ କ୍ରିକେଟର ଭଗବାନ ହୋଇପାରିଥିଲେ। ମଣିଷ ଯେଉଁ କଥା ପାଇଁ ସବୁକିଛି ମୁହୂର୍ତ୍ତ ତ୍ୟାଗ କରି ସେହି କଥାରେ ଥାଏ, ସେହି କଥା ଦିନେ ତାକୁ ବିରାଟ କରିଦିଏ ଏବଂ ତାର ସବୁ ଦୁଃଖ ନେଇଯାଏ। ଯେଉଁମାନେ ସଂସାରର ମଙ୍ଗଳପାଇଁ ଚିନ୍ତା କରିଛନ୍ତି, ପ୍ରଥମେ ତାଙ୍କ ପରିବାର ତାଙ୍କୁ ସେ କଥା ପାଇଁ ବିରୋଧ କରିଛି । ତାପରେ ତାଙ୍କୁ ତାଙ୍କ ପଡ଼ିଶା ବିରୋଧ କରିଛି । ତାପରେ ତାଙ୍କୁ ରାଜ୍ୟ ବିରୋଧ କରିଛି, ଦେଶ ବିରୋଧ କରିଛି । ଶେଷରେ ତାଙ୍କୁ କିଏ ମାରି ମଧ ଦେଇଛି। ତାହା ହିଁ ହେଉଛି ଭଲ। ଯାହାର ମନର ଦୌଡ଼ ଯେତେ, ତା ଆଗରେ ତା ଜୀବନାର ଫଳ ସେତେ । ସବୁ କଥା ମନର ଦୌଡ଼ ଉପରେ ନିର୍ଭର କରେ । ଶ୍ରୀଅରବିନ୍ଦ ମନର ବିକାଶ ଯାତ୍ରାକୁ ଅନୁଭବ କରିଛନ୍ତି । ବେଳେବେଳେ ମନ ସବୁକଥାରୁ ଉର୍ଦ୍ଧ୍ୱକୁ ଚାଲିଯାଏ। ଯଦି ମନରେ ବିକାଶ ଯାତ୍ରା ଆରମ୍ଭ ହୁଏ, ପ୍ରଥମେ ତାହା ଗୋଟିଏ ସରଳ ମନ ଥାଏ। ଯେତେବେଳେ ପରିବେଶ ଉନ୍ନତ ହୁଏ, ତା ଭିତରେ ଏକ ଉଚ୍ଚ ମନ ସୃଷ୍ଟି ହୁଏ । ତାକୁ ଉଚ୍ଚମନା ବା ଉଚ୍ଚମାନସିକତାର ମଣିଷ କୁହାଯାଏ । ଯେତେବେଳେ ମଣିଷ ଭିତରେ ଏକ ସୂକ୍ଷ୍ମ ଅନ୍ତର୍ନିହିତ ଅନୁଭବ ତିଆରି ହୁଏ ସେତେବେଳେ ଆମେ ତାକୁ ହୃଦୟବାନ ମଣିଷ ମଧ କହିଥାଉ। ଯେତେବେଳେ ମଣିଷ ଏହି ସ୍ତରରେ ପହଞ୍ଚିଯାଏ, ସେତେବେଳେ ତା ଭିତରେ ଏକ ନୂତନ ମନର ଜନ୍ମ ହୁଏ ତାକୁ ଆମେ ଉଦ୍‌ଭାସିତ ମନ ବୋଲି କହିଥାଉ । ସେତେବେଳେ ମନରୁ ଏକ ଜ୍ୟୋତି ନିର୍ଗତ ହୋଇଥାଏ। ସେ ଜ୍ୟୋତି ଅନୁଭବର ଜ୍ୟୋତି ହୋଇଥାଏ। ତାପରେ ମଣିଷର ମନ ବିକଶିତ ହୋଇ ଅତିମାନସିକତା ଏବଂ ଶେଷରେ ଅଧିମାନସିକତା ସ୍ତରରେ ପହଞ୍ଚିଥାଏ। ଅଧି ମନ ସ୍ତରରେ ମଣିଷର ମନ ସଂପୂର୍ଣ୍ଣ ରୂପେ ସ୍ଥିର ହୋଇଯାଇଥାଏ । ଏହି ସ୍ତରରେ ପହଞ୍ଚିଲେ ଲୋକ ଦେହରେ ଉଇହୁଙ୍କା ବି ହୋଇଯିବ ସେ ଜାଣିପାରିବନି । ସାଧୁଟିଏ ଜୀବନ୍ତ ଅବସ୍ଥାରେ ସଂସାରର କଥା ସଂସାରକୁ ଦେଇଯାଇଥାଏ। ସଂସାରୀଟିଏ ଜୀବନ୍ତ ଅବସ୍ଥାରେ ସଂସାରର କଥା ନିଜ ପାଖରେ ରଖିଥାଏ, ମୃତ୍ୟୁ ପରେ ତାଠୁ ସଂସାର ଛଡ଼େଇ ନେଇଥାଏ। କେବେକେବେ ସନ୍ନ୍ୟାସୀ ଭିତରେ ସଂସାରୀର ଭାବନା ଥାଏ, ପୁଣି କେବେକେବେ ସଂସାରୀ ଭିତରେ ସନ୍ନ୍ୟାସୀର ଭାବନା ଥାଏ। ସୃଜନ ଏକ ପରିଚୟ ସୃଷ୍ଟି ଚାହେଁନି କିନ୍ତୁ ସୃଜନ ଦିନେ ନା ଦିନେ ଏକ ପରିଚୟକୁ ବହନ କରେ। ଜଣକର ସୃଷ୍ଟି ଯଦି ଶାଶ୍ୱତ ଏବଂ ପବିତ୍ର ହୋଇଥାଏ ଏବଂ ତା ଭିତରେ ଯଦି ସାଧୁତା ଥାଏ, ତାକୁ କେହି ମାରିପାରିବେ ନାହିଁ। ଜଣକର ଭାବନାରେ ଯଦି ସ୍ୱଚ୍ଛତା ଅଛି, ତାକୁ କେହି ଅସ୍ୱଚ୍ଛ କରିପାରିବେ ନାହିଁ । ଜଣକର କର୍ମରେ ଯଦି ତ୍ୟାଗ ଅଛି, କଷ୍ଟ ତା ଜୀବନରେ କେବେ ମଧ ଆସିବନି। ଜଣକର ଚିନ୍ତା ଭିତରେ ଯଦି ମହାନତା ଅଛି, ତାକୁ କୌଣସି ବିପଦ ବେଶି ହଲେଇ ଦେଇ ପାରିବନାହିଁ । ଅବଚେତନ ମନରେ ଉଠୁଥିବା ପ୍ରଶ୍ନର ବାସ୍ତବ ଉତ୍ତର ଥାଏ। ଅନୁଭବ ଓ ଅନୁଭୂତିର ଗହନ ସ୍ପର୍ଶରେ ଏହି ପ୍ରଶ୍ନର ଉତ୍ତର ଖୋଜି ପାଇହୁଏ। ମଣିଷ କୌଣସି ବିଷୟ ଓ ବ୍ୟକ୍ତି ସହିତ ଯେତେ ଜଡ଼ିତ ହେବ, ସଂପୃକ୍ତ ହେବ ସେତେ ସିଏ ସଂଯୁକ୍ତ ହେବ। ଯେତେ ସିଏ ସଂଯୁକ୍ତ ହେବ ସେତେ ସିଏ ଏକୀଭୂତ ହେବ। ସବୁଠାରୁ ଉଚ୍ଚତମ ସଂଯୁକ୍ତ ଭାବ ଯଦି କୌଣସି ସଂପର୍କରେ ଥାଏ, ତାହା ହେଉଛି ବନ୍ଧୁତ୍ୱ। ଭକ୍ତଟି ଯେତେବେଳେ ଭଗବାନଙ୍କର ବନ୍ଧୁ ହୋଇଯାଏ, ସେତେବେଳେ ସେ ଭଗବାନଙ୍କୁ ଗାଳିଦିଏ । କିନ୍ତୁ ଭକ୍ତଟି ଯେତେ ପର୍ଯ୍ୟନ୍ତ ନିଜକୁ ଭକ୍ତ ବୋଲି ଭାବୁଥାଏ, ସିଏ କେବେ ମଧ୍ୟ ଭଗବାନଙ୍କୁ ଗଳି ଦେଇ ପାରେ ନାହିଁ । (କ୍ରମଶଃ)

♥ ବାଗବୃନ୍ଦାବନ, ବାଲେଶ୍ୱର
(ମୋ) ୯୯୩୭୯୩୨୫୭୦

---

## ଆମ ସମୟର କବିତା.....

### ॥ ସାରାରାତି ବର୍ଷା... ॥

**ସୁରେନ୍ଦ୍ର ପାଣିଗ୍ରାହୀ**



ଆଜି ସାରାରାତି ବର୍ଷା
କିଏ ଯେମିତି କରିଦେଇଛି କଣାଟିଏ
ଆକାଶରୁ ଓହଳି ପଡ଼ିଥିବା ମେଘର ତମ୍ବୁରେ..
ଗୋଟେ ଅନୂଢ଼ା କିଶୋରୀର
ଛାତିରେ ସାଇତା ଅସୁମାରି ଅନୁରାଗର
ଫୁଆରକୁ ଯେମିତି ଅଜାଡ଼ି ଦେବାକୁ
ମନସ୍ଥ କରିଚି ମେଘ, ସ୍ମୃତିର କାଗଜ ଡଙ୍ଗାମାନ
ଧୀରେଧୀରେ ହଲିହଲି ଭାସି ଚାଲିଛନ୍ତି
ମୋରି ଆଡ଼କୁ। ସୁନ୍ଦର ଅତୀତର ଅଭୂଲା ସୁଅରେ

ଆଜି ସାରା ରାତି ବର୍ଷା...
ମୋ ଛାତି ତଳେ ଅନେକ ଦିନରୁ
ଜମାଟ ବାନ୍ଧିଥିବା ବିସ୍ମୃତିର ବରଫ ଚଟାଣ
ଆଜି ତରଳି ଯାଉଛି/ପବନରେ ପହଁରି ଚାଲିଥିବା
ଗୋଟେ ଉଷ୍ମ-ବାସ୍ନାର ମଧୁର ସ୍ପର୍ଶରେ
ବରଫର ଶୀତଳ ଦେହରେ ଯେମିତି
ଫୁଟି ଉଠୁଛନ୍ତି। ରଂଗ ବେରଙ୍ଗୀ ଚକମକ ଫୁଲସବୁ
ଆଉ ବର୍ଷାର ଚୁଲବୁଲି ଚୁମ୍ବନ
ତାର ଅଙ୍ଗ ପ୍ରତ୍ୟଙ୍ଗକୁ ଭିଜେଇ ଦେଉଚି।
ଆଲିଙ୍ଗନ ଓ ଆଶ୍ଲେଷର ସବୁଜ ଶିହରଣରେ

ଆଜି ସାରା ରାତି ବର୍ଷା...
ମୋ ଭିତରେ ଜାଗୁଥିବା ସମସ୍ତ
ପ୍ରାଚୀନ ଇଚ୍ଛାମାନଙ୍କୁ ମୋ ହୃଦୟର
ବଟୁଆରୁ ଉନ୍ମୁକ୍ତ କରିଦେବି ଆଜି
ମୋ ଭିତରେ ବାରମ୍ବାର ହୁଟ୍ ହୁଟ୍ କରୁଥିବା
କଳା ପେଚାଟିକୁ ମୁକ୍ତ ଭାବରେ/ଉଡ଼େଇ ଦେବି ଅନନ୍ତ ଆକାଶରେ
ବୟସକୁ ପାନପାତ୍ରରେ ଢାଳି/ପିଇଯିବି ଢକ୍ ଢକ୍ କରି

ଆଜି ସାରା ରାତି ବର୍ଷା...
ତୁମର ସେଇ ପୁରୁଣା ପ୍ରେମଚିଠି ସବୁକୁ
ଡଙ୍ଗାକରି ଭସେଇଦେବି ବର୍ଷା ପାଣିରେ ଆଜି
ଆଉ ଅତୀତକୁ ହତ୍ୟା କରିବି ନିର୍ମମ ରୂପରେ
ଭବିଷ୍ୟତକୁ କହିବି 'ତୁମେ କିଏ ଚିହ୍ନେନା ତୁମକୁ'
ବର୍ତ୍ତମାନକୁ କହିବି, ଭାଇ ଆଜି ଭାରି ବ୍ୟସ୍ତ ଅଛି
ଛାଡ଼ିଦିଅ ରାତିଟିଏ ପାଇଁ
ନହେଲେ ଆସ ସାଙ୍ଗ ହେଇ ନାଚିବା ବର୍ଷାରେ
ଆଜି ସାରା ରାତି ବର୍ଷା...

♥ ସା/ପୋ : ବରି, ଭାୟା: ସିମୁଳିଆ,
ଜି: ବାଲେଶ୍ୱର, (ମୋ) ୯୪୩୭୨୮୨୯୮୪

### ॥ ଦୀପ ॥

**ଚନ୍ଦ୍ରଶେଖର ସାହୁ**

ଦଆଲୋକର ଧାରାକୁ
ଫେରିବାକୁ ହେବ।
ଅନ୍ଧାରକୁ ଦୂରକରି
ନିଜପାଇଁ ସ୍ୱପ୍ନଟିଏ ଗଢ଼ିବାକୁ ହେବ।
ଛାତି ଭିତର ଦୁଃଖକୁ ସଳିତା କରି
ଜାଳିବାକୁ ହେବ।

ମୋ ଚାରିପାଖକୁ
ଆଲୋକିତ କରି ମୁଁ କେମିତି
ଅନ୍ଧାର ଭିତରେ ହଜିଯାଉଛି
ଜଳୁଥିବା ଜାଗାତଳେ ମେଞ୍ଚାଏ ଅନ୍ଧାର
କେମିତି ଜମାଟ ବାନ୍ଧିଛି।

ଏ ପରାଜୟର ଗ୍ଳାନି ଭିତରେ
ମୁଁ ଦେଖୁଛି ଗର୍ଭ ଗୃହରେ
କିଏ ଜଣେ ବସିଛି ମୋ ପାଇଁ
କିଛି କହି ପାରେନି ମୁଁ
ସେପରା ଜଗତର ସାଇଁ !

ଅନ୍ତର କଥା କହିବାକୁ ହୁଏନି
ଅନ୍ଧାରକୁ ପୁରା ଛାଡ଼ି
ଜୀବନ ଗଢ଼ିହୁଏନି
ଅନ୍ଧାର ଆଉ ନିଜ ଛାଇ ପରି
ନିଜ ସହ ଯୋଡ଼ି ହୋଇଯାଏ ।

ପରାଜୟର ହାତଯୋଡ଼ି
ଲିଭିବା ଆଗରୁ
ପୁଣିଥରେ ଜୋର୍‌ରେ ଜଳି
ହୃଦୟରୁ ସ୍ୱପ୍ନ ସବୁ ବାହାର କରି
ମିଶିଯାଏ ପବନରେ
ତୁମ ପାଇଁ ଶେଷ ପ୍ରଣାମ ଜଣାଇ।

♥ କସପା, ଅହିୟାସ,
ଯାଜପୁର-୭୫୫୦୩୬

### ॥ ମୁକ୍ତା ॥

**ପ୍ରମୀଳା ଶତପଥୀ**



ମୁଁ ବାହାରି ଆସିଛି ଶାମୁକା ପେଟରୁ
ପକ୍ଷୀ ଜାଗି ଯାଇଛି ତା' ବସା ଭିତରୁ ।
ମୁଁ ବାହାରି ଆସିଛି ଏକ ବନ୍ଧନ ମଧରୁ,
ନିଶ୍ୱାସ ନେଇପାରୁଛି ମୁଁ ।

ତମେ ନିର୍ବିଘ୍ନରେ ଥାଅ,
ମୁଁ ଆସିଛି ମାନେ ବର୍ଷା ନିଶ୍ଚୟ ବର୍ଷିବ,
ଭଲପାଇବା, ସ୍ୱପ୍ନ ନିଶ୍ଚୟ ରହିବ,
ନିଦ୍ରା ଭିତରୁ ବି
ଆନନ୍ଦର ଗୀତ ହିଁ ଶୁଭିବ ।
ଏ ପୃଥିବୀ ପୁରୁଣା ନୁହଁ,
ତାକୁ ପୁରୁଣା ବସ୍ତ୍ର ପିନ୍ଧେଇଛେ ଆମେ ।

ମୁଁ ଆସିଛି ମାନେ
ତାତି ବାଦଦେଇ ସୂର୍ଯ୍ୟ ନିଶ୍ଚୟ ଉଇଁବ,
ତମେମାନେ ନୂଆ ନୂଆ ଦିଶିବ,
ନୂଆ ଦିଶିବ କୃଷ୍ଣଚୂଡ଼ା ଫୁଲ
ତୁମର ବଗିଚାରୁ
ଚାଲିଯିବ ଫୁଲର ମଡକ ।
ମୁଁ ଆସିଛି ମାନେ
ଆକାଶ ନିଶ୍ଚୟ ମାଟିକୁ ଚୁମିବ
ଚାଲୁଚାଲୁ ଆଉ ଅଟକି ଯିବ ପାଦ ।

ସମସ୍ତଙ୍କ ଗଳାରେ ମାଳା ହେବି
ଏମିତି ମୁଁ କହିପାରୁନି କାରଣ
ମାତାଲ ନୌକାରେ
ମାତାଲ ମଣିଷଟା ଏବେବି ବସିଛି
ଦିଶାହୀନ ଭାବେ,
ମୁଁ ଏବେ ଦେଖିକି ଆସିଛି । ♥

### ॥ କ୍ଷମା ପ୍ରାର୍ଥନା ॥

**ରାଜେଶ ପୂଜାରୀ**



ତୁମେ ପିନ୍ଧୁଥିଲ ଦେହ ପରେ ଦେହ
ଲଭିବାକୁ ମୃଦୁ ସ୍ପର୍ଶ ମୋର,
ଅଜାଣତେ ଖାଲି ଉଦାସୀନ ହେଲି
ବାଲିଘର ଭାଙ୍ଗି ଶତବାର।

ସ୍ନାତ ଶାୟାହ୍ନର ବିକଶିତ ଫୁଲ
ହୃଦୟରେ ବାସ୍ନା ଦେଲେ ବୋଲି,
ପ୍ରଣୟ ଆତୁର ମନୁଆଁ ଭ୍ରମର
ନିରସ ନିଆଁରେ ଯାଏ ଜଳି।

ଅନ୍ୱେଷଣେ ମୃତ ପୁନଶ୍ଚ ଜୀବିତ
ବୃଥା ଆସ୍ଫାଳନେ ବ୍ୟତିବ୍ୟସ୍ତ,
ନିସ୍ତରଙ୍ଗ ମୋର ପ୍ରାଣ ବେଳାଭୂମି
ଅସରନ୍ତି ଅପବାଦଗ୍ରସ୍ତ।

କୋହର କରତ ଦାଢେ ସ୍ୱପ୍ନଗଛ
ଗୋଟି ଗୋଟି ହେଇ କଟିଯାଏ,
ଅନ୍ଧାର କୁହେଳି ହେଇ ନିଉଛାଳି
ନିତି ପ୍ରତି ମୋତେ ଚରୁଥାଏ।

ଦୋଷଇ କୋଷଇ ପ୍ରତିଟି ଦେହକୁ
ପ୍ରତାରିତ ହେଲେ ଅଭିସନ୍ଧି,
ଶୁଣି ନାସ୍ତି ବାଣୀ ମନ ହୁଏ ହାଣି
ବେଳ ଗଡେ ନିଜ ଭାଗ୍ୟେ ନିନ୍ଦି।
ଅନୁଭବେ ତୁମ ମଧୁମୟ ସତ୍ତା
ପ୍ରୀତି ମଳୟରେ ଚଉପାଖେ,
ଅଦୃଶ୍ୟରେ ତୁମେ ଅଛ ଗୋ ବିରାଜି
ନୟନ ମେଲିଣ ପ୍ରାୟ ଦେଖେ।

ତେଜ ମାନ ସଖୀ କ୍ଷମା ଦିଅ ବାରେ
ଆଉ କରିବିନି କେବେ ଦୋଷ,
ଘୁମନ୍ତ ମେଘର ବୁକୁ ଚିରି ଥରେ
ଢାଳିଦିଅ ସବୁ ରାଗ ରୋଷ।

ଅଶ୍ରୁ ଆଳୟର ସହବାସ ମୋର
ପୂର୍ଣ୍ଣ ହେବ ପ୍ରିୟତମା ତେବେ,
ରଙ୍ଗେଇବ ମୋର ଦିବସ ଶର୍ବରୀ
ସୁଖ ହେଇ ଆସିଯିବ ଯେବେ।

♥ କୁଶମେଲ, ଝାରସୁଗୁଡ଼ା
ମୋ-୮୧୪୪୭୭୯୦୬୧

### ॥ ସକାଳ ॥

**ବାବାଜୀ ଚରଣ ଜେନା**



ସିନ୍ଦୂରା ଫାଟି ମାଟିରେ ପଡିଛି କଅଁଳ ଖରା
ଚହଟେ ଫୁଲ ମହକ ମହକାଇ ଦେଇ ଧରା।

ସକାଳ ଆସିଛି କେତେ
ନୂଆ ଭାବନାକୁ ନେଇ
ମନ୍ଦିରେ ଆଳତୀ ଶୁଭେ
ପକ୍ଷୀ ଉଡେ ଗୀତ ଗାଇ
ମହିମା ଅଲେଖ ଶୁଭେ ଗୁରୁ ଶରଣକୁ ନେଇ
ପ୍ରଣତି ଢାଳଇ ବଧୂ ଚଉରା ପାଖର ରହି
ଅଳିପାଖେ କଳିଟିଏ ସରାଗେ ଦିଅଇ ଧରା।

ସକାଳ ଆସିଛି କେତେ
ଆଶା ଆଶଙ୍କାକୁ ନେଇ
ସକାଳ ଆରମ୍ଭ ହୁଏ
ବିଭୁ ନାମପ୍ରେମ ଗାଇ
କଅଁଳ ପତର ପରେ ଶିଶିର ପଡିଛି ଝରି
ଆଳାପ କରଇ କିଏ ସୁମଧୁର ସୁର ଧରି
ନାଲି ମୂରୁଜେ ହସଇ ମାଟି ଅଗଣାଟା ସାରା।

♥ ଅହଲ୍ୟା ନିବାସ, ପୋପରଡା
ନୂଆବଜାର, କଟକ୪
ମୋ: ୯୪୩୭୮୩୪୭୧୯

# ଆଖି ଥାଉ ଥାଉ ଅନ୍ଧ କିଏ... ?

## ପଙ୍କଜ କୁମାର ପାଣିଗ୍ରାହୀ



ଆଖି ଥାଇ ଅନ୍ଧ ଓ କାନ ଥାଇ କାଲାର ଅଭିନୟ କରିବା କେବଳ ଖେଳରେ ହୋଇଥାଏ କିମ୍ବା ସାଙ୍ଘାତିକ ବିପର୍ଯ୍ୟୟରେ । ସାମାଜିକ କ୍ଷେତ୍ରରେ ସାର୍ବଜନୀନ ଉଦ୍ଦେଶ୍ୟରେ ଏହି ଖେଳ ଯେ ସର୍ବସାଧାରଣଙ୍କୁ ବ୍ୟାପକ ପ୍ରଭାବିତ କରିଥାଏ ସେକଥା ପଶୁନାହିଁ କାହା ମନରେ । କି ଆଶ୍ଚର୍ଯ୍ୟର କଥା ଆମ ଦେଶର ସାମ୍ବିଧାନିକ ଆଇନ ତଥା ଲୋକଙ୍କ ଗ୍ରହଣୀୟତା । ଦେଶ ବ୍ୟାପି ସମସ୍ତେ ବୁଝୁଛନ୍ତି ଦୁର୍ନୀତି ଓ ଭ୍ରଷ୍ଟାଚାରର ପ୍ରକୋପ, କି'ନ୍ତୁ ସମସ୍ତେ କିଂକର୍ତ୍ତବ୍ୟ ବିମୁଢ଼ ଅବସ୍ଥାରେ । ବାଟ ଘାଟରେ, ଚ' ଖଟିରେ, ସମ୍ମିଳନୀରେ ହେଉକି ବୈଠକରେ ସବୁଠି କେବଳ ଚର୍ଚ୍ଚା ଶୁଣିବାକୁ ମିଳୁଛି ଯେ ଭ୍ରଷ୍ଟାଚାରୀ କିଏ ଏବଂ ସେମାନଙ୍କ ଆର୍ଥିକ ହିସାବ କ'ଣ ?! ଏହିସବୁ କଥା ଆଉ ତା'ର ହିସାବ ଲୋକଙ୍କୁ ମିଳିଯାଉଅଛି, ବୁଝିଯାଉଛି କି'ନ୍ତୁ ଶାସନ, ପ୍ରଶାସନଙ୍କୁ ନୁହେଁ! କହିବାକୁ ଏହା ଏକ ଗଣତାନ୍ତ୍ରିକ ରାଷ୍ଟ୍ର ଯାହା ସର୍ବସାଧାରଣଙ୍କ ନିଜସ୍ୱ ଶାସନ । କି'ନ୍ତୁ ସାଧାରଣ ଲୋକଙ୍କ କିଛି କରିପାରିବା ଭଳି କୌଣସି କ୍ଷମତା ନାହିଁ କି ପରିସର ! ସରକାରୀ କ୍ଷମତାଧାରୀଙ୍କୁ ତାହାର ହିସାବ ମିଳୁନି କି ବାଟ ପାଉନାହାନ୍ତି ଶାସନ କଳ! ଅଭିଯୋଗ ଆସିଲେ ତଦନ୍ତ ହେବ ଆଉ ସେହି ତଦନ୍ତ ଯେମିତି ହେବ ସେକଥା ମଧ୍ୟ ସମସ୍ତେ ଜାଣନ୍ତି ଏବଂ ତଦନ୍ତରେ ଯାହା ବାହାରିବ ତାହାହିଁ ସର୍ବସ୍ୱ । ଆଇନ ପରିସର ମଧ୍ୟରେ ତଦନ୍ତ ହେବ କି'ନ୍ତୁ ବେଆଇନ ସମ୍ପତ୍ତିର ଠାବ ହେଲେ ମଧ୍ୟ କୌଣସି ନିଦର୍ଶନ ନମିଳିଲେ ତାହା ଆଇନ ପରିସରଭୁକ୍ତ ହେବ ନାହିଁ ଏବଂ ସମ୍ପୃକ୍ତ ଭ୍ରଷ୍ଟାଚାରୀ ନିର୍ଦ୍ଦୋଶରେ ଖଲାସ ହେବ ଏବଂ ତାର ସ୍ୱଚ୍ଛ ଭାବମୂର୍ତ୍ତି ପ୍ରକାଶ ପାଇବ । ଆଉ ଲୋକେ ତାକୁ ନେଇ କେବଳ ହାସ୍ୟାସ୍ପଦ ଚର୍ଚ୍ଚା କରିବେ ଯେ ଦେଖ କେଡେ ଚତୁର ମଣିଷଟିଏ ଯେ ଏତେ ଦୁର୍ନୀତି, ଭ୍ରଷ୍ଟାଚାର କରି କୋଟି କୋଟି ଟଙ୍କା ଆତ୍ମସାତ କରି ମଧ୍ୟ କିଛି ହେଲା ନାହିଁ ତାହାର । ଏସବୁ ଦେଖିଲେ ଛୋଟ ପିଲାଙ୍କ ବାଚଲାମୀ କିମ୍ବା ବାୟା ପାଗଳଙ୍କ ବିଚାର ଭଳି ମାନେ ହେଉଛି ଆଜି ସମୟରେ ଆମ ଦେଶର ପରିସ୍ଥିତି ଯାହା ସମସ୍ତେ ଜାଣୁଛନ୍ତି, ବୁଝୁଛନ୍ତି । ତଥାପି କାହାର କିଛି ପ୍ରତିବାଦ ନଥାଇ କୋଟି କୋଟି ଲୋକଙ୍କ ଜୀବନ ଯନ୍ତ୍ରଣାର ସୀମା ନାହିଁ । ଏସବୁ କ'ଣ ପରିବର୍ତ୍ତନ କରି ହେବ ନାହିଁ ନା ଆକାଶ ମାର୍ଗରୁ ନିର୍ଦ୍ଦେଶ ଅଛି ଏମିତି କରିବା ପାଇଁ, ବିଚାର କରି ଦେଖିବା...।

> ଅନ୍ୟ ଏକ ଦିଗରେ ଦେଖିଲେ ଜାଣିହେବ ଯେ ସେହି ଆଇନ ଗୁଡିକ ମଧ୍ୟରେ ଅନେକ ବ୍ୟବସ୍ଥା ରହିଥିବା ବେଳେ ନ୍ୟାୟିକ ବ୍ୟବସ୍ଥା ବୋଲି ଗୋଟିଏ ଅଛି ଯାହା ଅତ୍ୟନ୍ତ ହାସ୍ୟାସ୍ପଦ ଅବସ୍ଥାରେ ପ୍ରଚଳିତ ଆମ ଦେଶରେ ଯାହା ସବୁ ସେହି ଇଂରେଜ ପ୍ରଣୋଦିତ ଆଇନ ମଧ୍ୟରେ ସମାହିତ ।

ଆଜ୍ଞା ସମସ୍ତେ ଜାଣିଶୁଣି ଦୁର୍ନୀତି, ଭ୍ରଷ୍ଟାଚାର କରାଯାଉଥିବା ଏବଂ କେତେକ ଲୋକ ପର୍ଯ୍ୟାପ୍ତ ପରିମାଣର ଧନସମ୍ପତ୍ତି ଦେଶରୁ ଲୁଣ୍ଠନ କରି ନେଇ ସାଧାରଣ ଲୋକଙ୍କୁ ନିଷ୍ପେସିତ କରି ରଖିଥିବା କୌଣସି ଆଶ୍ଚର୍ଯ୍ୟଜନକ ନୂଆ କଥା ନୁହେଁ କାହା ପାଇଁ, ଏହା ସମସ୍ତେ ଜାଣନ୍ତି । ହେଲେ ତାହାର ପ୍ରତିବାଦ, ପ୍ରତିକାର ନାହିଁ କାହା ପାଖରେ, କାହିଁକି ?!! ଏହା କୌଣସି ପରି ରାଇଜର ଅଲୌକିକ କ୍ଷମତାଧାରୀଙ୍କ ଇଚ୍ଛାପ୍ରକାଶ ନୁହେଁ କି ନିର୍ଦ୍ଦେଶ ନୁହେଁ । କେବଳ ଆମ ଦେଶର ସମ୍ବିଧାନ ଇଂରେଜ ସମ୍ବିଧାନର ନକଲ ହୋଇଥିବା କାରଣରୁ ସମ୍ଭବ ହୋଇଥାଏ । ସେହି ଇଂରେଜ ଶାସିତ ସମ୍ବିଧାନରେ ଯାହାସବୁ ଲେଖା ଅଛି ତାହା କେବଳ ଶାସନ କଳରେ ରହିଥିବା ମଣିଷଙ୍କ ସ୍ୱାର୍ଥ ଉଦ୍ଦେଶ୍ୟରେ ରହି ସର୍ବସାଧାରଣଙ୍କୁ ପ୍ରତାରିତ କଲାଭଳି ସାମ୍ବିଧାନିକ ଆଇନ ଗୁଡିଏ ଯାହା ବ୍ରିଟିଶ ସେମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ କରିଥିଲା । ତେଣୁ ପ୍ରଶାସନ, ଶାସନ କଳରେ ସଂଯୋଜିତ ମଣିଷଙ୍କୁ ସୁବିଧା ଯୋଗାଇ ଦେବା ପାଇଁ ଅଭିଲିଖିତ ଆଇନ ଗୁଡିକ ଯୋଗୁଁ ଏହିସବୁ ସମ୍ଭବ ହୋଇପାରୁଛି ଆମ ଦେଶରେ । ଭାରତୀୟ ସାଂସ୍କୃତିକ ଚେତନାରେ ଆଇନ ଅଭିଲେଖ କରାଗଲେ ନିମିଷକ ମଧ୍ୟରେ ସବୁ କଳାଧନ ହେଉକି ଦୁର୍ନୀତି, ଭ୍ରଷ୍ଟାଚାର ପଦାରେ ପଡି ସଂଯୋଜିତ ଅଭିଯୁକ୍ତଙ୍କୁ ଯଥେଷ୍ଟ ଦଣ୍ଡବିଧାନ କରାଯାଇ ପାରିଥା'ନ୍ତା । କିନ୍ତୁ ଅଦ୍ୟାବଧି ପୂର୍ବର ସବୁ କେଳେଙ୍କାରୀ ଗୁଡିକୁ ସମୀକ୍ଷା, ସମାଲୋଚନା କରାଯାଉଥିଲେ ମଧ୍ୟ ଏହି ସାମ୍ବିଧାନିକ ଆଇନ ଗୁଡିକର କୌଣସି ସମୀକ୍ଷା, ସମାଲୋଚନା କରିନଥା'ନ୍ତି କୌଣସି ଶାସକ ଗୋଷ୍ଠୀ ଯାହା ସେମାନଙ୍କ ପାଇଁ ବରଦାନ ସ୍ୱରୂପ ରଖି ଯାଇଛନ୍ତି ଆମ ପୂର୍ବଜ ତଥାକଥିତ ସ୍ୱାଧୀନତା ସଂଗ୍ରାମୀ ସମୂହ । ତେଣୁ ଆମ ଦେଶ ଯେମିତି ଥିଲା ଦିନକୁ ଦିନ ତାହାଠାରୁ ନିମ୍ନଗାମୀ ହେବାଛଡା କୌଣସି ଉନ୍ନତି କରିନାହିଁ କି କରିପାରିବ ନାହିଁ ।

ଅନ୍ୟ ଏକ ଦିଗରେ ଦେଖିଲେ ଜାଣିହେବ ଯେ ସେହି ଆଇନ ଗୁଡିକ ମଧ୍ୟରେ ଅନେକ ବ୍ୟବସ୍ଥା ରହିଥିବା ବେଳେ ନ୍ୟାୟୀକ ବ୍ୟବସ୍ଥା ବୋଲି ଗୋଟିଏ ଅଛି ଯାହା ଅତ୍ୟନ୍ତ ହାସ୍ୟାସ୍ପଦ ଅବସ୍ଥାରେ ପ୍ରଚଳିତ ଆମ ଦେଶରେ ଯାହା ସବୁ ସେହି ଇଂରେଜ ପ୍ରଣୋଦିତ ଆଇନ ମଧ୍ୟରେ ସମାହିତ । ନ୍ୟାୟାଳୟ ବୋଲି ଗୋଟିଏ ସଂସ୍ଥାପିତ କକ୍ଷର ପ୍ରବେଶ ଦ୍ୱାରରେ ଜଣେ ନିରବଛିନ୍ନ ନ୍ୟପାଳିକାଙ୍କ ପ୍ରତିମୂର୍ତ୍ତିକୁ ନମୁନା ଭାବେ ପ୍ରଦର୍ଶିତ କରି ବିଚାର କରାଯାଇଥାଏ ବିଚାରାଳୟରେ । ସେହି ପ୍ରତିମୂର୍ତ୍ତିର ନିଦର୍ଶନ ରହିଥାଏ ଯେ ଆମ ବିଚାରପତି ଜଣେ ନିରପେକ୍ଷ ମଣିଷ ଯେମିତି ସେହି ପ୍ରତିମୂର୍ତ୍ତିଟି ଦେଖିବାକୁ ହୋଇଥାଏ । ପ୍ରତିମୂର୍ତି ନ୍ୟପାଳିକାଙ୍କ ଆଖି ଆଉ କାନକୁ ଧରି ଗୋଟିଏ ପଟି ବାନ୍ଧି ରଖାଯାଇ ଅଛି ଯାହା ନିଦର୍ଶନ କାରେକି କିଛି ଦେଖି ହେଉନାହିଁ କି କିଛି ଶୁଣି ହେଉନାହିଁ । ଠିକ୍ ସେହିଭଳି ଆମ ବିଚାରପତି ଗଣ ମଧ୍ୟ କିଛି ଦେଖି ପାରୁନାହାନ୍ତି କି ଶୁଣି ପାରିନଥା'ନ୍ତି ଯାହା ବ୍ରିଟିଶ କେବଳ ଶିଖାଇଛି ଆମକୁ । ନହେଲେ ଏହା ଆମର ବାସ୍ତବ ଚେହେରା ନୁହେଁ । ହେଲେ ସେହି ପ୍ରତିମୁର୍ତି ଭଳି ସମ୍ପୃକ୍ତ ନ୍ୟାୟବତୀ /ନ୍ୟାୟମୂର୍ତ୍ତି ମଧ୍ୟ କାନ ଥାଇ କିଛି ଶୁଣିପାରନ୍ତି ନାହିଁ କିମ୍ବା ଆଖି ଥାଇ କିଛି ଦେଖି ପାରୁନଥିବା ନିଦର୍ଶିତ ହୋଇଥାଏ ସେହି ପ୍ରତିମୂର୍ତି ମାଧ୍ୟମରେ । ହେଲେ ନ୍ୟାୟ ମିଳେ କେମିତି ଆଉ ବିଚାରଣ ହୁଏ କେମିତି ? ଏହା ଏକ ଅଲୌକିକ ବିଷୟ ଯାହା ବୁଝିବା ସହଜ ନୁହେଁ ମୋ ଭଳି ନିର୍ବୋଧ କିମ୍ବା ଆପଣଙ୍କ ଭଳି ସାଧାରଣ ଲୋକଙ୍କ ପାଇଁ । କାରଣ ସେଗୁଡିକ ମଧ୍ୟ ସେହି ବ୍ରିଟିଶ ପ୍ରଣୋଦିତ ନିୟମ, ସୂତ୍ର ମଧ୍ୟରେ ସମାହିତ ଯାହା ତାଙ୍କ ଗୁପ୍ତ ରହସ୍ୟ ସମୟ, କ୍ଷେତ୍ରକୁ ନେଇ ।

ଶିଳ ଶିଳପୁଆ ଗଗନେ ଉଡୁଛି ଭୁର୍ତୁଳା କହୁଛି ମତେ ଠାବ ଦେ...! ଯେତେବେଳେ ଏତେ ଶିକ୍ଷିତ ଉପରିସ୍ଥ ମଣିଷ ମାନଙ୍କୁ ସାମାଜିକ ଦାଇତ୍ୱ ଦିଆଯାଇ ସେମାନଙ୍କ ଆଖି, କାନକୁ ବାନ୍ଧିଦେଇ ଆଖି ଥାଇ ଅନ୍ଧ, କାନ ଥାଇ କାଲା କରିଦିଆଯାଇଛି ଆଉ ସାଧାରଣ ମଣିଷଙ୍କ ସ୍ଥିତି କେଉଁଠି ?! ତେଣୁ ଆମେ ସମସ୍ତେ ଆଖି ଥାଇ ଅନ୍ଧ ଏବଂ କାନ ଥାଇ କାଲା ଭଳି ଅଭିନୟ କରୁଛେ, କରୁଥିବା ! ଭ୍ରଷ୍ଟାଚାରୀ ଆମକୁ ଲୁଟୁଥିବେ ଆମେ ନିର୍ଯାତନାର ଶିକାର ହୋଇ ନିଷ୍ପେସିତ ହୋଇ ବଂଚୁଥିବା ଆମ ସହଜାତ ପ୍ରକୃତିରେ ପରିଣତ ଆମେ ଏକ ଅଲୌକିକ ତନ୍ତ୍ରର ପରାଧୀନ ନାଗରିକ ଭାବେ ଅନ୍ତତଃ ବଂଚିବାର ସୁଯୋଗ ମିଳୁଥିବା ହେତୁ ନିଜକୁ କୃତଜ୍ଞ କରି ଚାଲିଥିବା କେବଳ ଭାରତ ମାତାଙ୍କ ଜୟଗାନ କରି । ଆଉ ଅଧିକ ଭାବିଲେ ଯେ ଜୀବନ ଆମର ଆହୁରି କଠୋର ହେବ ସେଇଥିରେ କୌଣସି ସନ୍ଦେହ ନାହିଁ ଯାହା ସାଧାରଣରେ ସମସ୍ତେ ଜାଣୁଛନ୍ତି, ବୁଝୁଛନ୍ତି ମଧ୍ୟ । ତେଣୁ ଜଣେ ଉତ୍ତମ ନାଗରିକର ଆଖ୍ୟା ପାଇବାକୁ ହେଲେ ମୁଖର ଲଜ୍ଜାକୁ କାଢି ପଛରେ ପୋଛି ସମସ୍ତେ ନିଜକୁ କାନ ଥାଇ କାଲା ଆଖି ଥାଇ ଅନ୍ଧ ଭଳି ପରିଚାଳିତ କରି ଚାଲିବା ଶିକ୍ଷା କରିବା ହିଁ ଶ୍ରେୟ ଆଜି ସମୟରେ ଯାହା ଆମ ଦେଶର ପରିସ୍ଥିତି ପରିବେଶ ଆମକୁ ଶିକ୍ଷା ଦେଉଛି ବୋଲି ଆମ ବିଚାରରେ ଆପଣଙ୍କ ଅନୁଭବ କ'ଣ...??

ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଂଜାମ-୭୬୧୦୨୦
ମୋ : ୯୪୩୭୩୨୪୯୧୭

# ଗୁରୁ ବାଣୀ

## ରତନ କୁମାର ଶିଉଳି

ସକାଳୁ ସକାଳୁ ସ୍ନାନାଦି ସାରି କେଉଁଠିକି ଯିବାକୁ ପ୍ରସ୍ତୁତ ହେଉଥିବା ଦେଖି ସୁରବାଳା ଆଶ୍ଚର୍ଯ୍ୟ ହେଲେ। ଗ୍ରୀଷ୍ମବକାଶ ପାଇଁ କଲେଜ ଛୁଟି ତା ଫାଇନାଲ ପରୀକ୍ଷା ମଧ୍ୟ ଶେଷ ହୋଇଛି । ଏମିତିରେ ଛୁଟିଦିନମାନଙ୍କରେ ବାହାରେ ବେଶୀ ବୁଲାବୁଲି ନକରି ସରୋଜ ପ୍ରାୟ ଘରେ ରହେ। ନିଜ ପଢ଼ାଘରେ ଦର୍ଜା ବନ୍ଦକରି ଲେଖାଲେଖି କରେ। ଲେଖାଲେଖି ଅର୍ଥରେ ଗପ-କବିତା ଆଦି ସେ ଲେଖେ। ତାର କେତେ ଗୁଡ଼ିଏ ଗପ, କବିତା ବିଭିନ୍ନ ପତ୍ର ପତ୍ରିକାରେ ବାହାରିଛି ସେକଥା ସେ ଜାଣନ୍ତି। ତାର କୌଣସି ଲେଖା ପ୍ରକାଶିତ ହେଲାମାତ୍ରେ ପତ୍ରିକା ଖଣ୍ଡିକୁ କିଣି ଆଗ ମା'କୁ ପଢ଼ାଇଛି ଓ ତାଙ୍କ ମତାମତ ନେଇଛି। ତାର ଏଇ ଅଭିଳାଷ ଦେଖି ସୁରବାଳା ଖୁସି ହୁଅନ୍ତି। ଯାହାହେଉ ପୁଅ ଅଯଥାରେ ବାହାରେ ଯେ କେଉଁଠି ସ ମୟ କଟାଉନାହିଁ ତାହା ଜାଣି ଆଶ୍ୱସ୍ତ ହୁଅନ୍ତି। ଆଜିକାଲି ବନ୍ଧୁ ମହଲରେ ସମୟ କଟାଇବା ଅର୍ଥ ସେ ବୁଝନ୍ତି। ଅଯଥା ଦୁଃଶ୍ଚିନ୍ତା। ତେଣୁ ସରୋଜର ଲେଖାଲେଖି ନେଇ ସେ କିଛି କୁହନ୍ତି ନାହିଁ।

ହେଲେ ତା ବାପା ସରୋଜର ଏଇ ବାଜେ ଅଭ୍ୟାସକୁ ଆଦୌ ପସନ୍ଦ କରନ୍ତି ନାହିଁ। ସେ ବ୍ୟବସାୟୀ ଲୋକ। ବଡ଼ ବଜାରରେ ତାଙ୍କର ବଡ଼ ଲୁଗାଦୋକାନ ଅଛି। ଚାକର ବାକର ରଖିଛନ୍ତି। ତାଙ୍କର ଇଚ୍ଛା ସରୋଜ ସମୟ ବାହାର କରି ଦୋକାନରେ ବସୁ। ବ୍ୟବସାୟ ବିଷୟରେ ବୁଝାବୁଝି କରୁ। ତାଙ୍କର ବୟସ ବଢୁଛି। ପଢ଼ା ଶେଷରେ ତାକୁ ହିଁ ତ ଏ ବ୍ୟବସାୟ ସମ୍ଭାଳିବାକୁ ପଡ଼ିବ।

ସରୋଜର ସେଇ କଥାରେ ଆପତ୍ତି। ବିଜନେସ୍ ତାର ଆଦୌ ପସନ୍ଦ ନୁହେଁ। ଚବିଶ ଘଣ୍ଟା ଗୋଟିଏ ଜାଗାରେ ବସି ସାରା ଜୀବନ ସେଇ ଗୋଟିଏ କାମ କରିଯିବା ନିୟମ ତାକୁ ଅସହ୍ୟ ମନେହୁଏ। ତାର ବଡ଼ ଇଚ୍ଛା ସେ ସାହିତ୍ୟ ଉପରେ ଗବେଷଣା କରିବ। ଜଣେ ଉଚ୍ଚକୋଟୀର ସାହିତ୍ୟିକ ଭାବରେ ରାଜ୍ୟରେ ନିଜକୁ ପ୍ରତିଷ୍ଠିତ କରାଇବ। ସେ ପଢ଼ିଛି କେତେ ସାହିତ୍ୟିକଙ୍କ ଲେଖା ସମାଜ ତଥା ଦେଶରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି। ନିଜ ଲେଖା ମାଧ୍ୟମରେ ଉନ୍ନତ, ସଶକ୍ତ ଚିନ୍ତାଧାରା ମଣିଷଙ୍କ ମନରେ ଜାଗ୍ରତ କରାଇବାକୁ ସକ୍ଷମ ହୋଇଛନ୍ତି ସେଇ ସାହିତ୍ୟିକମାନେ।

ତାର ଏଇ ମତରେ ବାପା ସୂର୍ଯ୍ୟକାନ୍ତ ବାବୁ ଏକମତ ହୁଅନ୍ତି ନାହିଁ। ସେ କହନ୍ତି ଅର୍ଥ ବିନା ଦୁନିଆରେ କେହି ପ୍ରତିଷ୍ଠିତ ହୋଇପାରନ୍ତି ନାହିଁ। ପ୍ରତିଷ୍ଠିତ ହେବାପାଇଁ ଅଧ୍ୟବସାୟ ଦରକାର। ନିଜସ୍ୱ ପ୍ରଚାର କରିବା ଦରକାର। ପ୍ରଚାର କରିବାକୁ ଗଲେ ସେଥିପାଇଁ ମଧ୍ୟ ଅର୍ଥ ଦରକାର।

ସରୋଜର ଲେଖାଲେଖି ପ୍ରସଙ୍ଗରେ ସେ କହୁଥିଲେ, ତୁ ଏବେ ସାହିତ୍ୟିକଙ୍କ କଥା କହୁଛୁ। ହେଲେ କହଦେଖି ପୃଥିବୀର ପ୍ରତିଷ୍ଠିତ ସାହିତ୍ୟିକ ମଧ୍ୟରୁ କେତେଜଣ ଗରିବ, ମଧ୍ୟବିତ୍ତ ପରିବାରର ଲୋକଥିଲେ ! ଆମ ଦେଶରେ ସାହିତ୍ୟରେ ନୋବେଲ ପ୍ରାଇଜ୍ ପାଇଥିବା ରବୀନ୍ଦ୍ର ନାଥ ଠାକୁରଙ୍କ କଥା ଥରେ ଭାବ। ସେ ବଡ଼ ଜମିଦାର ବାଡ଼ିର ଲୋକ ଥିଲେ। ଇଂରେଜ ରାଜବଂଶଙ୍କ ସହିତ ତାଙ୍କ ପରିବାରର ସମ୍ପର୍କ ଥିଲା ବୋଲି ତ ତାଙ୍କ କବିତା ବହି 'ଗୀତାଞ୍ଜଳି' ଇଂରେଜୀ ଭାଷାରେ ଅନୁଦିତ ହୋଇ ପୃଥିବୀରେ ପ୍ରଚାରିତ ହୋଇଥିଲା। ଯାହା ଫଳରେ ତାହା ପୁରସ୍କାର ପାଇଁ ବିବେଚିତ ହେଲା। ତାଙ୍କଠାରୁ କ'ଣ ଭଲ, ଉଚ୍ଚକୋଟୀର ଲେଖକ ସେତେବେଳେ ଏ ଦେଶରେ ନଥିଲେ? ସେ ତ ବଡ଼ ପ୍ରାଇଜ ଥିଲା। ଏବେକାର ଦେଶୀୟ ପୁରସ୍କାର ଗୁଡ଼ିକ କ'ଣ ସୁପାରିଶ, ପ୍ରଚାର ବ୍ୟତୀତ କାହାରିକୁ ଲେଖାର ଗୁଣବତ୍ତା ନେଇ ମିଳିଯାଉଛି ?

ନିଜର ଦି'ଟା ଲେଖା କେଉଁଠି ପ୍ରକାଶିତ ହୋଇ ଯାଇଛି ବୋଲି ତାହାକୁ ନେଇ ତୁ ବଡ଼ ସାହିତ୍ୟିକ ହେବାର ସ୍ୱପ୍ନ ଦେଖୁଛୁ। ହେଲେ ତୁ ଭଲ ଭାବରେ ଥରେ ଭାବିଦେଖ ତ, ତୋ ଲେଖା ଉପରେ ମତାମତ ବା ଉତ୍ସାହିତ କରିବା ତ ଦୂରର କଥା ପ୍ରକାଶକମାନେ ଲେଖକର ସୌଜନ୍ୟ କପି ଖଣ୍ଡିଏ ପଠାଉନାହାନ୍ତି ଯାହା ତୋତେ କିଣିବାକୁ ପଡୁଛି। ଆଉ ତୁ ବି ତ କେତେ ସାହିତ୍ୟାନୁଷ୍ଠାନକୁ ଯାଇଛୁ। ଦେଖିଥିବୁ ଆୟୋଜକ ଲେଖକ ଜଣକ ନିଜ ପ୍ରକାଶିତ ବହି ଖଣ୍ଡକର ପ୍ରଚାର ପାଇଁ କିଭଳି ଉନ୍ମୋଚନୀ ଉତ୍ସବର ଆୟୋଜନ କରୁଛନ୍ତି। ଅନୁଷ୍ଠାନରେ ଉପସ୍ଥିତ ପ୍ରତିଷ୍ଠିତ ଲେଖକ କିମ୍ବା ବିଶିଷ୍ଟ ବ୍ୟକ୍ତିମାନେ ଖୁସିରେ ଗଦ୍‌ଗଦ୍ ହୋଇ କିଛି ଭାଷଣ ଦେବା ବ୍ୟତୀତ ଲେଖକଙ୍କ ଠୁଁ ଗ୍ରହଣ କରୁଥିବା ବହି ଖଣ୍ଡକର ସାମାନ୍ୟ ମୂଲ୍ୟ କେତେଜଣ ଦିଅନ୍ତି ? କେତେଜଣ ବା ପଢ଼ନ୍ତି ସେ ବହିଟିକୁ ବୁଝିଲୁ, ସାହିତ୍ୟ ଏ ଯୁଗରେ ଗୋଟିଏ ମୂଲ୍ୟହୀନ ବସ୍ତୁ। ହଁ ତୋ ଭଳି ଲେଖକଙ୍କର ମନୋରଞ୍ଜନ ପାଇଁ ଗୋଟିଏ କ୍ଷୁଦ୍ର ମାଧ୍ୟମ। ତେଣୁ ଆଉଥରେ କହୁଛି ଏସବୁ ପାଗଳାମି ଛାଡ଼। ଲେଖାଲେଖି ପଛରେ ଅଯଥା ସମୟ ନଷ୍ଟ ନକରି ପଢ଼ାପରେ ଭଲ ଚାକିରି ଖଣ୍ଡିଏ କେମିତି ପାଇବୁ ସେ କଥା ଚିନ୍ତା କର। ନଚେତ ତାପରେ ଆମ ବ୍ୟବସାୟ କେମିତି ଚାଲିବ ସେ ବିଷୟରେ ଜାଣିବା ପାଇଁ ସମୟ ବାହାର କରି ଦୋକାନରେ ଆସି ବସ।

ଏଇ ମତାମତ ନେଇ ଘରେ ବାପ-ପୁଅଙ୍କ ମଧ୍ୟରେ ତର୍କ-ବିତର୍କ ହୁଏ। ହେଲେ ସରୋଜର ମନ ପରିବର୍ତ୍ତନ ହେବାର ନାଁ ଧରେନାହିଁ। ସୁରବାଳା ମଧ୍ୟ ପୁଅ ମନ ଭାଙ୍ଗିବା ପାଇଁ କୌଣସି ତାଡ଼ନା ଦିଅନ୍ତି ନାହିଁ। କେବଳ ସମୟ ଆସିଲେ ସବୁଠିକ୍ ହୋଇଯିବ ଭାବି ମନକୁ ସାନ୍ତ୍ୱନା ଦେଇ ବସନ୍ତି।

ପୁଅର ମତିଗତି ଦେଖି ଚିନ୍ତାରେ ରହୁଥିଲେ ସୂର୍ଯ୍ୟକାନ୍ତ ବାବୁ। ଦିନେ ରାସ୍ତାରେ ବନ୍ଧୁ ଶଶାଙ୍କ ବାବୁଙ୍କ ସାକ୍ଷାତ ପାଇ ନିଜ ଚିନ୍ତା କଥା ତାଙ୍କ ପାଖରେ ପ୍ରକାଶ କରିବାକୁ ବାଧ୍ୟ ହେଲେ। ଶଶାଙ୍କ ବାବୁ ସୂର୍ଯ୍ୟକାନ୍ତଙ୍କର ଘନିଷ୍ଠ ବନ୍ଧୁ। ସେଇ କଲେଜ ଜୀବନରୁ ଦୁହିଁଙ୍କ ମଧ୍ୟରେ ଘନିଷ୍ଠତା ରହିଛି। ସମୟ କ୍ରମରେ ପେଶାରେ ବ୍ୟବଧାନ ରହିଥିଲେ ବି ଅନ୍ତରଙ୍ଗତା ପୂର୍ବଭଳି ରହିଛି। ଶଶାଙ୍କ ବାବୁ ଏବେ ଗୋଟିଏ ବହିର୍ଦ୍ଦେଶୀୟ କମ୍ପାନୀର ଉପନିର୍ଦ୍ଦେଶକ । ସୂର୍ଯ୍ୟକାନ୍ତ ବାବୁଙ୍କ ଠାରୁ ସରୋଜ ବିଷୟରେ ଶୁଣି ତାକୁ ତାଙ୍କ କମ୍ପାନୀରେ ଗୋଟିଏ ସୁଯୋଗ ଦେବା ଅଭିପ୍ରାୟ ନେଇ ଦିନେ ତାଙ୍କ ଘରେ ଉପସ୍ଥିତ ହେଲେ। ସରୋଜକୁ ସେ ପୁଣିଥରେ ତା ବାପାଙ୍କ ଚିନ୍ତା ବିଷୟରେ ବୁଝାଇଲେ। ସେ କହିଲେ, ତୋର ତ ପରୀକ୍ଷା ସରିଛି। ଆଶା ମଧ୍ୟ ରହିଛି ତୁ ଭଲ ର୍‍ୟାଙ୍କ ନେଇ ଉତ୍ତୀର୍ଣ୍ଣ ହେବୁ। ମୋ ମତରେ ଏଇ ସମୟ ଭିତରେ ଘରେ ନବସି କିଛି ବଳକା ସମୟରେ ଉପାର୍ଜନ ପାଇଁ ଚିନ୍ତା କରିବା ଭଲ। ତୁ ଚାହିଁଲେ ଆମ କମ୍ପାନୀରେ ଖାଲିଥିବା କୌଣସି ଭଲ କାମରେ ତୋତେ ରଖାଇ ଦେବି। କିଛିଦିନ କାମକର। ଭଲଲାଗିଲେ 'କଣ୍ଟିନ୍ୟୁ' ପାଇଁ ଭାବି ଦେଖିବୁ। ନଚେତ୍ ଯେକୌଣସି ମୁହୂର୍ତ୍ତରେ ଚାକିରି ଛାଡ଼ି ଅନ୍ୟ କଥା ଭାବିବୁ।

କିନ୍ତୁ କକା, ମୋର ତ ବିଜନେସ ବା ମ୍ୟାନେଜମେଣ୍ଟ ବିଷୟରେ କୌଣସି ଅଭିଜ୍ଞତା ନାହିଁ? ସରୋଜ ତାଙ୍କୁ କଥା ଶୁଣି ନିଜ ଅପାରଗତା ଜଣାଇଲା।

ସେଥିପାଇଁ ତୋର ଚିନ୍ତା କରିବା ଦର୍କାର ନାହିଁ। ମୁଁ ସବୁ ବୁଝାଇ ଦେବି। ନୂଆନୂଆରେ କିଛିଦିନ ହୁଏତ ଅସୁବିଧା ହେବ। ହେଲେ ଥରେ ଟେକନିକ ବୁଝିଗଲେ ସବୁ ସହଜ ମନେହେବ। ସରୋଜ ଠାରୁ ସମ୍ମତି ପାଇ ଶଶାଙ୍କ ବାବୁ ଉତ୍ସାହିତ ହୋଇ କହିଲେ।

ତଥାପି ନିଜକୁ ସହଜ କରିପାରୁନଥିଲା ସରୋଜ। ତା ଦ୍ୱିଧାଗ୍ରସ୍ତ ମୁହଁକୁ ଚାହିଁ ଶଶାଙ୍କ ବାବୁ ପୁଣି କହିବାକୁ ଲାଗିଲେ, ମୋର ମନେହେଉଛି ତୁ ଏବେ ମଧ୍ୟ ନିଜ ଉପରେ ଭରସା କରି ପାରୁନାହିଁ। ତୋ ବାପାଙ୍କ ପାଖରୁ ଶୁଣିଛି ତୁ କୁଆଡ଼େ କାହାଣୀ ଲେଖୁ। ଆମର ଏଇ ବିଜନେସ ବିଷୟରେ ମୋ ଅନୁଭୂତିରୁ କାହାଣୀଟିଏ କହୁଛି।

ତୋ'ରି ଭଳି ବୟସ ଥିଲା। ଦିନେ ରାସ୍ତାରେ ଯାଉଥିଲା ବେଳେ ଦେଖିଲି ଜଣେ କାରିଗର ରାସ୍ତା କଡ଼ରେ ପଥର ଖଣ୍ଡ ଉପରେ ବିଭିନ୍ନ ମୂର୍ତ୍ତି ନିହାଣରେ କାଟି ଗଢୁଛି। ତା କାମ ଦେଖି ମୁଁ ଚକିତ ହେଲି। ପାଖକୁ ଯାଇ ପଚାରିଲି, ଏତେବଡ଼ବଡ଼ ପଥର ଖଣ୍ଡରେ ତୁମେ ଏତେ ସୁନ୍ଦର ମୂର୍ତ୍ତି କେମିତି ଗଢୁଛ? ମୋ କଥା ଶୁଣି କାରିଗର ହସିଲା। କହିଲା, ନା ..ନା, ଏ ପଥରରେ ମୁଁ କୌଣସି ମୂର୍ତ୍ତି ଗଢ଼ିନାହିଁ। ବରଂ ମୂର୍ତ୍ତି ସବୁ ଏଇ ପଥର ଖଣ୍ଡରେ ପୂର୍ବରୁ ଥିଲା। ମୁଁ କେବଳ ସେଥିରୁ କିଛି ଅନାବଶ୍ୟକୀୟ ଅଂଶ କାଟି ମୂର୍ତ୍ତିର ପ୍ରକୃତ ରୂପ ଆଣିଛି। ତା କୁହେଳିକା ପୂର୍ଣ୍ଣ କଥାଶୁଣି ନୀରବରେ ଆଉ କିଛି ସମୟ ସେଠାରେ ଠିଆ ହୋଇପଡ଼ିଥଲି ସେଦିନ।

ଶଶାଙ୍କ ବାବୁଙ୍କ କଥାଶୁଣି ସରୋଜ ମଧ୍ୟ କିଛି ସମୟ ପାଇଁ ନୀରବ ହୋଇ ଯାଇଥିଲା। ତା ଗମ୍ଭୀର ମୁହଁକୁ ଚାହିଁ ଶଶାଙ୍କ ବାବୁ ତା ଧ୍ୟାନ ଭାଙ୍ଗି ପଚାରିଲେ, ମୋର ଏ କାହାଣୀରୁ କ'ଣ ବୁଝିଲୁ?

ମୁହୂର୍ତ୍ତିଟିଏ ନିରବ ରହିବା ପରେ ସରୋଜ କହିଲା, ଅନେକ କିଛି। ଯାହା ହେଉ ଠିକ୍ ସମୟରେ ମୋତେ ଗୋଟିଏ ବିହିତ ଉପଦେଶ ଦେଇଛନ୍ତି। ଆପଣଙ୍କର ଏ କାହାଣୀର ଅର୍ଥ ମୋ ପାଇଁ 'ଗୁରୁ ବାଣୀ' ହୋଇ ଚିରକାଳ ରହିବ। ଏ କାହାଣୀର ମହତ୍ତ୍ୱ ସବୁ ଜାଗାରେ ରହିଛି। ବିଜନେସରେ ବି। ପ୍ରକୃତ କଥା ହେଲା ଉପସ୍ଥିତ ସୁଯୋଗର ସଦ୍‌ବ୍ୟବହାର କରି ଆକାଙ୍କ୍ଷିତ ସମୟ ପାଇଁ ଅପେକ୍ଷା କରିବା ଆବଶ୍ୟକ।

## ରତନ କୁମାର ଶିଉଳି



ରତନ କୁମାର ଶିଉଳି ଓଡିଆ ଗଳ୍ପ, ଅନୁବାଦ ଓ ଫିଚର ଜଗତ ପାଇଁ ଏକ ଜଣାଶୁଣା ନାଁ। ମାନବିକ ମୂଲ୍ୟବୋଧ ଓ ସାମାଜିକ ସଂସ୍କାରକୁ ନିଜ ଲେଖନୀରେ ରୂପ ଦେବାକୁ ନିଜର ପ୍ରଥମ କ□ବ୍ୟ ମନେ କରୁଥିବା, ଗୋଟେ ସରଳ, ନିରହଙ୍କାର ମଣିଷ ତଥା ଧ୍ୱନି ପ୍ରତିଧ୍ୱନିର ଜଣେ ଶୁଭେଚ୍ଛୁ ତଥା ସାଗରିକା ପରିବାରର ଜଣେ ନିୟମିତ ଲେଖକ ଭାବରେ ପରିଚିତ ଶ୍ରୀଯୁକ୍ତ ଶିଉଳି ଆଉ ଇହଜଗତରେ ନାହାନ୍ତି । ୧୯୪୫ ମସିହା ସେପ୍ଟେମ୍ବର ୧୫ ତାରିଖରେ ଜନ୍ମଗ୍ରହଣ କରିଥିବା ଶ୍ରୀଯୁକ୍ତ ଶିଉଳି ଗତ ଗତ ୧୨ ମଇ ୨୦୨୩ରେ ଲକ୍ଷ୍ମୌ ଠାରେ ପରଲୋକ ଗମନ କରିଛନ୍ତି । ଚାକିରୀରୁ ଅବ୍ୟାହତି ନେଇ ସାହିତ୍ୟ କ୍ଷେତ୍ରରେ ଜଣେ ନୀରବ ସାଧକ ଭାବରେ ଜୀବନ ଜୀଉଁଥିବା ରତନ କୁମାର ଶିଉଳିଙ୍କ ସହଧର୍ମିଣୀଙ୍କ ସମେତ ଦୁଇ ପୁତ୍ର ଓ ପୁତ୍ରବଧୂ, ଏକମାତ୍ର କନ୍ୟା ଓ ଜାମାତା ଅଛନ୍ତି । ତାଙ୍କ ଅମର ଆତ୍ମାର ସଦ୍ଗତି ହେଉ, ଏତିକି ଆମର କାମନା।

– ଧ୍ୱନି ପ୍ରତିଧ୍ୱନି ପରିବାର

# ଛୋଟ ଗପ ଚିର୍‌କୁଟ

## ଶ୍ରୀନିବାସ ସେଠୀ





ମୋ ଦେଈ ଖୁବ୍ ଛୋଟ ବୟସରୁ ଶାଢ଼ି ପିନ୍ଧେ । ଆମ ଗାଁରେ ତା ବୟସର ସବୁ ଝିଅମାନେ କିନ୍ତୁ ସେତେବେଳେ ଶାଢି ପିନ୍ଧୁଥାନ୍ତି ।

ମୁଁ ସିନା ଦେଈ ପାଖରେ ଗେହ୍ଲା ଥିଲି ସେ କିନ୍ତୁ ବହୁତ ଗେହ୍ଲା ଥିଲା ବାପା ବୋଉଙ୍କ ପାଖରେ । ଦେଈ ରୁଷିଲେ, ବାପା ତାକୁ କହନ୍ତି, 'ଠିକ୍ ଅଛି, ତୋ ପାଇଁ ଏଥର ବଜାର ଗଲେ କାଞ୍ଜିବରହମପୁରୀ ଶାଢି ନେଇ ଆସିବି ।' ଅପା ସେ ଶାଢ଼ିକୁ ବହୁତ ପସନ୍ଦ କରେ ।

ଦେଈର ଗୋଟିଏ ସିକ୍ରେଟ ଛୋଟ ଟ୍ରଙ୍କ ଥିଲା । ତା ଭିତରେ ସେ ସବୁ କିଛି ରଖି ଦେଉଥିଲା । ତା ଭିତରେ ଥିଲା ବାପା ଆଣି ଦେଇଥିବା ଶାଢି । ସେଇ ଟ୍ରଙ୍କ ଦେଈ କେବଳ ମୋତେ ଛାଡ଼ି କାହାରିକୁ ଦେଖାଉନଥିଲା । ମୋତେ ଦେଖାଇବାର ଦୁଇଟି କାରଣ ଥିଲା, ମୁଁ ତା'ର ଗେହ୍ଲା ଛୋଟ ଭାଇ ଥିଲି ।

ଦ୍ୱିତୀୟଟି ସେ ଟ୍ରଙ୍କରେ ରଖୁଥିବା କିଛି ଜିନିଷ ହଠାତ୍ କମ୍ ପଡ଼ିଲେ ଦେଇ ମୋତେ କାଗଜର ଚିର୍କୁଟ୍‌ଟିଏ ଦେଇ ନିଜର ଦୂତ ଭଳି ପଠାଇ ଦିଏ ମିନି ଖୁଡି ମନୋହରି ଦୋକାନକୁ କିଣି ଆଣିବାକୁ। ମୁଁ ସେ ଚିରୁକୁଟ ଧରି ଦଉଡ଼ି ଯାଉଥିବା ସମୟରେ ଜାଣିଥାଏ, ଚିର୍‌କୁଟ୍‌ର ଶେଷ ଆଇଟମଟି ହିଁ କୁକି ଚକୋଲେଟ, ଯେଉଁଟା କେବଳ ମୋ ପାଇଁ । ବେଳେ ବେଳେ ଦେଈ ମୋ ହାତରେ ପଇସା ଦେଇ ପଠାଏ ମିନି ଖୁଡି ବାକି ଖାତାର ପଇସା ସବୁ ଚୁକ୍ତି କରି ନାମ କାଟିଦେବାକୁ । ସେଦିନ ମିନି ଖୁଡି ମୋତେ ନିଜ ତରଫରୁ କୁକି ଚକୋଲେଟ ପାଂଚଟି ଦିଅନ୍ତି । ଏଇ ସବୁ କାରଣରୁ ଦେଈ ତା ଟ୍ରଙ୍କ ଦେଖିବାର ଅଧିକାର ମୋତେ କେବଳ ଦେଇଥିଲା । ମୋତେ ମଧ୍ୟ ଦେଈ ସବୁ ଜିନିଷ ଦେଖାଉନଥିଲା କେବଳ ପଣ୍ଡସ୍ ପାଉଡର, କୁଙ୍କୁମ, କାଜଲ ଓ ନେଲ୍‌ପଲିସକୁ ଛାଡ଼ି । ମୁଁ ତା ପଣ୍ଡସ୍ ପାଉଡର ଡବାଟିକୁ ଯୋରରେ ଚାପିଧରି ସବୁ ପାଉଡର ନଷ୍ଟ କରିଦିଏ ବୋଲି ସେ ପାଉଡର ନେଇ ମୋ ମୁହଁରେ ଓ ବେକରେ ନିଜେ ଲଗାଇ ଦିଏ ।

ଝିଦେଈ ଶାଶୁଘରକୁ ଯିବା ପୂର୍ବରୁ ସେ ଟ୍ରଙ୍କଟି ବୋଉ ପାଖରେ ହିଁ ଛାଡ଼ି ଦେଇଥିଲା ।

ଦେଈ ବାହାଘରର କିଛି ବର୍ଷ ପରେ ଦିନେ ବୋଉ ଓ ଦେଈ ବସି କଥା ହେଉଥାନ୍ତି। ମୁଁ କୁଆଡ଼େ ଥିଲି ଆସି କହିଲି,

– 'ଦେଈଲୋ ! ତୋ ପୁରୁଣା ଟ୍ରଙ୍କ ଯିବା ସମୟରେ ତୋ ସାଙ୍ଗରେ ଶାଶୁଘରକୁ ନେଇ ଯାଉନୁ କାହିଁକି ?'

– 'କାହିଁକି ? ଏଠି ରଖିଲେ ତୋତେ ଏତେ ଭାରି ଲାଗୁଛି କାହିଁକି ? ତୋତେ ଆଜିକାଲି କେହି ଶିଖାଉଛନ୍ତି ନା କ'ଣ ଦେଈ ଟ୍ରଙ୍କ ନ ରଖିବାକୁ ଏ ଘରେ ?'

ବୋଉ କିଛି କହୁନଥିଲା, କେବଳ ଆମ ଦୁଇଜଣଙ୍କ କଥା ଶୁଣି ମୁଚୁକି ହସୁଥିଲା ।

– 'ମୋତେ କିଏ କାହିଁକି ଶିଖାଇବ । ଥାଉ । କିନ୍ତୁ ତୁ ଶାଶୁ ଘରକୁ ଗଲାପରେ ଏକୁଟିଆ ଥିବା ବେଳେ ସେ ଟ୍ରଙ୍କ ଖୋଲି ବୋଉ ଖାଲି କାନ୍ଦେ । କ'ଣ ରଖିଛଯାଇଛୁ ତୁ ସେ ଟ୍ରଙ୍କରେ କେଜାଣି ।'

ବାସ୍, ସେତକ କଥା ଶୁଣି ସେ ଦୁଇଜଣଙ୍କୁ ଆଉ ସମ୍ଭାଳେ କିଏ । ଖାଲି ତ କାନ୍ଦିଲେ । ଦୁଇଜଣ ଦୁଇଜଣଙ୍କୁ ଜଡାଇ ଧରି କାନ୍ଦିଲେ । ଯେମିତି ଏ କାନ୍ଦ ଶେଷ ହେବନି ।

ବାପା ଫେରୁଥାନ୍ତି ଠିକ୍ ସେ ସମୟରେ । ମୁଁ ଖୁଣ୍ଟକୁ ଧରି ଛିଡା ହୋଇଥାଏ । ଦେଈ ଓ ବୋଉକୁ ସେମିତି ଅବସ୍ଥାରେ ଦେଖି ବାପା ମୋତେ ସିଧା ଅନେଇଲେ । ମୁଁ ଯେ ଏ ନାଟର ଗୋବର୍ଦ୍ଧନ ସେତକ କେହି ପ୍ରମାଣିତ କରିବା ପୂର୍ବରୁ ମୁଁ ଘର ବାଡିକୁ ଯାଇ ଆମ୍ବଗଛ ଛାଇରେ ବସି ଗଡିଆ ଭିତର ପାଣିକୁ ଟୁକୁରା ଟୁକୁରା ଖପରା ଫିଙ୍ଗୁଥିଲି ଆଉ ଦେଖୁଥିଲି ଖପରାଟି କେତେ ଥର ଉଠି ପଡ଼ି ପାଣିରେ ବୁଡୁଛି ।

ସେଇଟା ମୋ'ର ଓ ଦେଈର ପୁରୁଣା ଖେଳ। ଦେଈ କଥା ମନେ ପଡି ମନ ଖରାପ ହେଲେ ମୁଁ କେବେ କେବେ ସେ ଖେଳ ଏବେ ଏକୁଟିଆ ଖେଳେ ଆଉ ସେ ଖପରା ଏକା ଥରକରେ ପାଣିରେ ବୁଡିଯାଏ ।

ଏବେ ଦେଈ ତା ଶାଶୁ ଘରେ ବହୁତ ବ୍ୟସ୍ତ। ଦେଈ ଆଉ କିଛିରେ ଅଳି କରେନି। ତା ଅଳି ଶୁଣିବାକୁ ବାପା ବୋଉ କେହି ଏ ଦୁନିଆରେ ନାହାନ୍ତି ।

ଦେଈର ସେଇ ଛୋଟ ଟ୍ରଙ୍କ କିନ୍ତୁ ଏବେ ବି ଅଛି । ତା ଭିତରେ ବନ୍ଦ ଅଛି ତା କୁଆଁରୀ ବେଳର ଅଳି, ରାଗ ରୁଷା । ସେ ଟ୍ରଙ୍କ ମୁଁ କେବେ କେବେ ଖୋଲେ । କିଛି ପୁରୁଣା ଚିର୍‌କୁଟ ଟ୍ରଙ୍କର ସବାତଳକୁ ଖସି ପଡିଥାଏ । ସେ ଚିର୍କୁଟ ହାତରେ ଧରିଲେ ସମୟରେ ହଜି ଯାଇଥିବା ସ୍ମୃତିର କୁକି ଚକୋଲେଟ୍‌ର ମିଠା ବାସ୍ନାଟିଏ ପୁଣି ପବନରେ ପହଁରି ଆସେ ।

ସେହି ପୁରୁଣା କାଞ୍ଜି ବରହମ୍ପୁରୀ ଶାଢ଼ି ଏବେ ବି ଅଛି । ତାକୁ କିନ୍ତୁ ମୁଁ ଖୋଲି ପାରେନା। ସେ ଶାଢି ଖୋଲି ଧରିଲେ ଝଣ୍ କରି ଖସିପଡେ ବୋଉ ଆଖିର ପୁରୁଣା କିଛି ଲୁହଟୋପା ଆଉ ମୋ ଆଖିରୁ ତାଜା ତାଜା ଲୁହଧାର ।

❤ ରେଲ୍ ମିନାର , ଜୋଜେସ୍
କୋର୍ଟ ରୋଡ, କଲିକତା -୨୭

ଆଲୋଚନା

# ସମୟର ମୂଲ୍ୟ ଦିଏ ସୁଖ ଓ ସମୃଦ୍ଧି

ବିଚିତ୍ରାନନ୍ଦ ପ୍ରଧାନ

ମନୁଷର ଜୀବନ କାଳ ସୀମିତ । ସମୟର ଗତି ଅତି ଦ୍ରୁତ । ମହା ମୂଲ୍ୟବାନ ସମୟ କାହାରି ପାଇଁ ଅପେକ୍ଷା କରେ ନାହିଁ । ସମୟ ଆମର ଅନୁବର୍ତ୍ତୀ ନୁହେଁ, ଆମକୁ ସମୟର ଅନୁବର୍ତ୍ତୀ ହେବାକୁ ପଡିବ । ତେଣୁ ପ୍ରବାଦ ଅଛି "ସମୟ ଓ ସ୍ରୋତ କାହାରି ପାଇଁ ଅପେକ୍ଷା କରେ ନାହିଁ । ଆମ ମାନଙ୍କର ନିର୍ଦ୍ଧାରିତ ଆୟୁଷ ମଧ୍ୟରେ ସମୟର ମୂଲ୍ୟ ଯେ କେତେ ବେଶୀ, ତାହା ବିବେକୀ ମନୁଷ୍ୟ ହିଁ କେବଳ ହୃଦୟଙ୍ଗମ କରି ପାରିବେ । ଅତୀତ ଯୁଗରେ ଲୋକମାନେ ଦିନରେ ସୂର୍ଯ୍ୟ ଓ ରାତ୍ରୀକାଳରେ ଚନ୍ଦ୍ର ଦେଖି ସମୟ ଜାଣି ପାରୁଥିଲେ । ନିଜର ଛାଇ ଦେଖି ମଧ୍ୟ ଦିନରେ ସମୟ ଅନୁମାନ କରୁଥିଲେ । କାଳକ୍ରମେ ବିଜ୍ଞାନର ସହାୟତାରେ ସମୟ ଜାଣିବା ପାଇଁ ଘଣ୍ଟାର ଉଦ୍ଭାବନ ହେଲା । ଏହା ଦ୍ୱାରା ଛାତ୍ର ମାନେ ଘଣ୍ଟା ଦେଖି ସ୍କୁଲକୁ ଯାଉଥିଲେ ଓ ସରକାରୀ ଓ ବେସରକାରୀ କର୍ମଚାରୀ ମାନେ ଠିକ୍ ସମୟରେ କାର୍ଯ୍ୟାଳୟରେ ପହଚିଂବା ପାଇଁ ଘଣ୍ଟାର ସହାୟତା ନେଉଥିଲେ । ସକାଳରେ ଶଜ୍ୟାତ୍ୟାଗ, ବିଦ୍ୟାଭ୍ୟାସ ଭୋଜନ ଓ ଶୟନ ଯଥା ସମୟରେ ସଂପାଦନ କରିବା ପାଇଁ ଘଣ୍ଟା ଆମକୁ ସମୟ ସୁଚାଇ ଦିଏ । ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ଠିକ୍ ସମୟରେ ଆରମ୍ଭ ଓ ଠିକ୍ ସମୟରେ ଶେଷ କରିବା ଉଚିତ ଅଟେ । ଏହା ହିଁ ସମୟାନୁବର୍ତ୍ତିତା, ଯେଉଁ ବ୍ୟକ୍ତି ଆଳସ୍ୟର ବଶବର୍ତ୍ତୀ, ସେ କେବେ ମୂଲ୍ୟବାନ ସମୟର ସଦୁପଯୋଗ କରିପାରିବ ନାହିଁ । ସେଥିପାଇଁ ମନୁଷ୍ୟଠାରେ ନିଷ୍ଠା ଓ ଦୃଢ ମନୋବଳ ରହିବା ଦରକାର ।

ସମୟର ସଦ୍ ବ୍ୟବହାର କରିବା ପାଇଁ ବାର ମ୍ବାର ଅଭ୍ୟାସ ଦ୍ୱାରା ତାହା କ୍ରମଶଃ ନିଜ ପ୍ରକୃତିର ଅଙ୍ଗୀଭୂତ ହୋଇଯିବ, ଆଉ କୌଣସି କଷ୍ଟ କିମ୍ବା ଅସୁବିଧା ଅନୁଭୂତ ହେବ ନାହିଁ । କିନ୍ତୁ ଦୁଃଖର କଥା କେତେକ ବ୍ୟକ୍ତି ସମୟର ଅପବ୍ୟବହାର କରୁଛନ୍ତି, ଯଦ୍ୱାରା ସେମାନେ ନିଜର କ୍ଷତି କରୁଛନ୍ତି । ନିଜର ଆତ୍ମ ବିଶ୍ୱାସ ଓ ଆତ୍ମବଳ ହରାଇ ବସୁଛନ୍ତି । ଜୀବନକୁ ସରସ ସୁନ୍ଦର କରିବା ପାଇଁ ସମୟକୁ ବୃଥାରେ ଯିବାକୁ ନ ଦେବା ଆମ୍ଭମାନଙ୍କର ପରମ କର୍ତ୍ତବ୍ୟ ହେବା ଉଚିତ୍ । ମନୁଷ୍ୟ ଆତ୍ମନିର୍ଭରଶୀଳ ହେବା ପାଇଁ ଯେତେ ଗୁଡିଏ ସୁଗୁଣ ଆବଶ୍ୟକ ତନ୍ମଧ୍ୟରୁ ସମୟାନୁବର୍ତ୍ତିତା ଅନ୍ୟତମ । ଏହା ଆମ୍ଭମାନଙ୍କର ବହୁ ମୂଲ୍ୟବାନ ସମୟର କୌଣସି ଅଂଶକୁ ନଷ୍ଟ କରିବାକୁ ଦିଏ ନାହିଁ । ସଞ୍ଚିତ ସମୟରେ ବ୍ୟକ୍ତି ଅଧିକ ଜ୍ଞାନ ଓ ଧନ ଅର୍ଜନ କରିବାରେ ସକ୍ଷମ ହୁଏ । ଦୈନନ୍ଦିନ ଜୀବନ ଯାତ୍ରାରେ ସମୟାନୁବର୍ତ୍ତିତା ପାଳନ କଲେ ବ୍ୟକ୍ତି ମାନଙ୍କର ସ୍ୱାସ୍ଥ୍ୟ ଅତୁଟ ରହେ । ଠିକ୍ ସମୟରେ ଆବଶ୍ୟକୀୟ କାର୍ଯ୍ୟ ଦ୍ୱାରା ମନୁଷ୍ୟ ସୁଖ ଓ ସମୃଦ୍ଧି ଲାଭ କରେ ଓ ତାହାର ଜୀବନ ଧନ୍ୟ ହୁଏ । କୃଷି ଓ ଶିଳ୍ପ ଆଦି କାର୍ଯ୍ୟରେ ଆବଶ୍ୟକତା ଅନୁଯାୟୀ କାର୍ଯ୍ୟ ନ କରାଗଲେ ଗୁରୁତର କ୍ଷତି ସହିବାକୁ ପଡେ । ଶସ୍ୟ କ୍ଷେତ୍ରରେ ଉପଯୁକ୍ତ ସମୟରେ ଜଳସେଚନ ଓ ସାର ପ୍ରୟୋଗ ନ କରାଗଲେ କୃଷକର ବହୁ ପରିଶ୍ରମର ଫସଲ ନଷ୍ଟ ହୋଇଯାଏ । ଭୋଜନ ଓ ଶୟନ ସମୟାନୁସାରେ ନ କରାଗଲେ କ୍ରମଶଃ ସ୍ୱାସ୍ଥ୍ୟ ହାନି ଘଟିଥାଏ । ଏହାଦ୍ୱାରା ରୋଗ ସୃଷ୍ଟି ହୋଇ ମନୁଷ୍ୟ ଅକାଳରେ ମୃତ୍ୟୁବରଣ କରିଥାଏ । ସମୟର ସଦୁପଯୋଗ ନକଲେ କର୍ମ କ୍ଷେତ୍ରରେ ମନୁଷ୍ୟର ଦକ୍ଷତା ହ୍ରାସ ପାଏ । ସମୟ ମୂଲ୍ୟବାନ ଏହାର ଅପବ୍ୟବହାର କରିବା ଦ୍ୱାରା ମଣିଷ ଦୁଃଖ ପାଏ, ମାନସିକ ସ୍ଥିରତା ହରାଇ ଥାଏ । ନିଜର ମନବଳ କ୍ରମଶଃ କମିଯାଏ । ନିଜେ ଆତ୍ମନିର୍ଭରଶୀଳ ହୋଇ ପାରେ ନାହିଁ । ମନବଳ ଓ ନୈତିକ ଶକ୍ତି ଅଭାବରୁ ସେ ଦୁଃଖ ଓ ଅଶାନ୍ତିରେ କାଳତିପାତ କରେ । ସେହିଭଳି ବ୍ୟକ୍ତି ମାନଙ୍କର ସଂଖ୍ୟା ବୃଦ୍ଧି ହେଲେ ସମାଜର ଅଧଃପତନ ଘଟେ ଓ ଦେଶର ପ୍ରଗତି ଓ ବିକାଶ ବାଧାପ୍ରା ପ୍ତ ହୁଏ ।

ବଡ ବଡ ଯୋଦ୍ଧା ଶାସକ, ରାଜନୀତିଜ୍ଞ ଓ ପଣ୍ଡିତମାନେ ସେମାନଙ୍କର ଉନ୍ନତି ମୂଳରେ ସମୟାନୁର୍ବ ତାକୁ ଭି ରୂପେ ସ୍ଥାପନ କରିଥିଲେ । ମହାବୀର ଆଲେକ୍‌ଜାଣ୍ଡାର, ନେପୋଲିୟନ ବୋନାପାର୍ଟ ପରି ବୀରମାନେ ସମୟର ମୂଲ୍ୟକୁ ପ୍ରଧାନ ନୀତି ରୂପେ ଗ୍ରହଣ କରିଥିଲେ । ବଡ ବଡ ଯୋଦ୍ଧା



ଯୁଦ୍ଧ ସମୟରେ ମଧ୍ୟ ସମୟାନୁବର୍ତ୍ତିତା ବଳରେ ସମୟ ବାହାର କରି କାବ୍ୟକବିତା, ସାହିତ୍ୟ ପାଠ କରିବା ପାଇଁ ସକ୍ଷମ ହୋଇ ପାରୁଥିଲେ । ଆମ ଦେଶର ଯେଉଁ ବ୍ୟକ୍ତିମାନେ ଉନ୍ନତିର ତୁଙ୍ଗ ଚୂଡାରେ ପ୍ରତିଷ୍ଠିତ ହୋଇପାରିଛନ୍ତି ସେମାନଙ୍କ ଉନ୍ନତି ମୂଳରେ ସମୟାନୁବର୍ତ୍ତିତା, ଦୃଢ ଇଚ୍ଛାଶକ୍ତି ଓ ସଶ୍ରମ ଉଦ୍ୟମ ମୂଳକ କର୍ମ ପ୍ରବାହ ରହିଛି । ମହାମାନବ ମହାତ୍ମାଗାନ୍ଧି ଅବସର ସମୟରେ ଅରଟରେ ସୂତା କାଟୁଥିଲେ । ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାର ନେଟାଲଠାରେ ଏକ ଉଦ୍ୟାନରେ ନିଜର ସହକର୍ମୀମାନଙ୍କ ସହିତ ସମୟ ଦେଇ ନିୟମିତ ଭାବରେ ଉଦ୍ୟାନ କର୍ମମାନ କରୁଥିଲେ । ତାଙ୍କର ଅଭ୍ୟାସ ବଳରେ ସେ ସମାୟାନୁବର୍ତ୍ତୀ ହୋଇ ନିଜ ଆଦର୍ଶରେ ଲୋକମାନଙ୍କୁ ଅନୁପ୍ରାଣିତ କରି ପାରିଥିଲେ ।

ଠିକ୍ ସମୟରେ ନିଜର ଆବଶ୍ୟକତା ଅନୁଯାୟୀ କାର୍ଯ୍ୟ କରିବା ସମୟାନୁବର୍ତ୍ତିତା ଏକ ଅଙ୍ଗ । ଏହାଦ୍ୱାରା ମନୁଷ୍ୟର କୌଣସି ସମୟ ବୃଥା ଯାଏ ନାହିଁ । ସମୟାନୁବର୍ତ୍ତିତା କେବଳ ବ୍ୟକ୍ତି ପାଇଁ ଆବଶ୍ୟକ ସେତିକି ନୁହେଁ । ଆନୁଷ୍ଠାନିକ ଓ ପ୍ରଶାସନିକ କ୍ଷେତ୍ରରେ ମଧ୍ୟ ଏହାର ଆବଶ୍ୟକତା

ରହିଅଛି । ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଓ ପ୍ରଶାସନ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀ ମାନେ ସମୟାନୁବର୍ତ୍ତିତା ପାଳନ କରିବା ଆବଶ୍ୟକ ଅଟେ । ଏହାଦ୍ୱାରା ଗ୍ରାମ, ସହର ଓ ରାଜ୍ୟରେ ସମୃଦ୍ଧି ଓ ବିକାଶ ସ ମ୍ଭବ ହୋଇପାରିବ ।

❤ ସେକ୍ଟର-୯, ସି.ଡି.ଏ କଟକ,
ମୋ: ୯୯୩୭୨୨୪୦୮୫

ଭିନ୍ନ ସ୍ୱାଦ

# ସଙ୍ଗୀତ ସାଧନା

ନଗେନ୍ଦ୍ରନାଥ ପଟ୍ଟନାୟକ

ମହମହ ବାସ୍ନାଯୁକ୍ତ ମିଠେଇ ପ୍ୟାକେଟ୍‌ଟି ଧରି ଦୋକାନରୁ ଝଡ ବେଗରେ ବାହାରି ଆସିଲା ତ୍ରିଶା । ବୋଧହୁଏ ସେ ଘରକୁ ଯିବାକୁ ଉଦ୍ୟତ ହେଉଥିଲା । ବରିଷ୍ଠ ପରିଚାଳିକା ପାହ୍ୟାକୁ ତା'ର ପଦୋନ୍ନତି । ଦାମିକା କାର, ବିରାଟ ବଙ୍ଗଳା ସାଙ୍ଗକୁ ଫୋନ । ସବୁକିଛି ଲୋଭନୀୟ ସୁବିଧା ଯୋଗାଇ ଦେବେ ନାମଜାଦା ବହୁରାଷ୍ଟ୍ରୀୟ କମ୍ପାନୀ । ତା' ଛଡା ମାସିକ ମୋଟା ଅଙ୍କର ଦରମା ମଧ୍ୟ । ଖାଲି ତ୍ରିଶାକୁ ନୁହେଁ, ପୂରା ପରିବାର ସଦସ୍ୟଙ୍କୁ ଏହାର ଶ୍ରେୟ ଯିବ ସେପାଇଁ । ତ୍ରିଶା ଏକମାତ୍ର ରୋଜଗାରିଆ କନ୍ୟା ସାରା ପରିବାରର । ପରିବାରର ଖୁସି ଆନନ୍ଦ ନିମନ୍ତେ ସେ ଯେକୌଣସି ସକାରାତ୍ମକ ସ୍ତରକୁ ଚାଲିଯାଇପାରେ, କିଛି ବି କରିପାରେ ସେଥିପାଇଁ । ତେବେ କାଇଁକି କେଜାଣି ଅଚାନକ ତା' ବିଚାରଧାରା ଉପେର ଲଗାମ କଷାଗଲା । ତ୍ରିଶା କ'ଣ ସ୍ୱରାଜ ସହିତ ହାତକୁ ଦି ହାତ ହେବାକୁ ଯାଉଛି ।

ଯଦି ଶ୍ୱଶୁର ଘର ଲୋକେ ସଫାସଫା ମନା କରିଦିଅନ୍ତି ତା'ହେଲେ ତା' ସୁନେଲି କ୍ୟାରିୟରକୁ ଜଳାଂଜଳି ଦେବାକୁ ପଡିବ ।

ତ୍ରିଶା ଘରେ ପହଁଚିଲା ସେଦିନ । ତ୍ରିଶା ଆଡେ ମୁହଁ ବୁଲାଇ ମାଆ କହିଲେ- ଆଲୋ ଝିଅ, ଚଂଚଳ ସଜବାଜ ହୋଇ ତୟାର ହୋଇଯା', ଏତେ ଭାବୁଚୁ କ'ଣ ଯେ ! ସେମାନେ ପରା ଏଠିକି ଆସିବେ ତୋତେ ଦେଖିବା ଲାଗି । ସୌମ୍ୟକାନ୍ତ ସ୍ୱରଜାକୁ ସତୃଷ୍ଣ ନୟନରେ ଦେଖି ତ୍ରିଶାକୁ ଲାଗିଲା ମୁହଁରେ ରୋକଠୋକ ମନା କରିଦେଲେ ବଡ ମୁସ୍କିଲ ବ୍ୟାପାର ହୋଇଯିବ । ଚୁପଚାପ ତଳକୁ ମୁହଁପୋତି କଣ ସବୁ ଭାବୁଥିଲା ବେଳେ ସ୍ୱରାଜର ପାଟିଶବ୍ଦ ଶୁଣି ପ୍ରକୃତିସ୍ଥ ହେଲା ତ୍ରିଶା ।

ସ୍ୱରାଜ କହୁଥିଲା-ଯଦି ପରିବାରର ବୟୋଜ୍ୟେଷ୍ଠମାନେ ଅନୁମତି ଦିଅନ୍ତି ତେବେ ମୁଁ ତ୍ରିଶା ସହିତ ଏକାନ୍ତରେ କଥାବାର୍ତ୍ତା ହେବାକୁ ଆଗ୍ରହ କରିବି । ସହର୍ଷ ଅନୁମତି ମିଳିଗଲା ସ୍ୱରାଜକୁ । ତ୍ରିଶା ଗମ୍ଭୀର ।

କୋଠରି ଭିତରେ ପଶୁ ପଶୁ ସ୍ୱରାଜ କହି ପକାଇଲା - ସତରେ ବିଶେଷ କିଛି ଖୁସି ଲାଗୁନି ମତେ । ତମେ ମୋତେ ଅନ୍ତରର ଅବ୍ୟକ୍ତ କଥା ବିନା ଦ୍ୱିଧାରେ ପ୍ରକାଶ କରିପାର ।

ତ୍ରିଶା ତଟସ୍ଥ ହୋଇ ସକଳ ଦ୍ୱନ୍ଦ୍ୱକୁ ସ୍ୱରାଜ ସାମନାରେ ପେଶ୍‌କଲା । କରୁଣ ସ୍ୱରରେ କହିଲା -ଏବର କନ୍ୟାରତ୍ନ ଉପରେ ପ୍ରବଳ ଚାପ ପ୍ରୟୋଗ କରନ୍ତି ସାରା ପରିବାର, ସେବା ପରି ସମାଜ...

ସ୍ୱରାଜ ମଝିରେ କଥାକାଟି କହିଲା - ଉଭୟ ଝିଅ-ପୁଅ ଚାପଗ୍ରସ୍ତ । ହେଇ ମୋ କଥା ଦେଖ, ଘରେ ଆମର ଅଚଳାଚଳ ସମ୍ପତି, ଚାକରବାକର ଖଂଜା ହୋଇଛନ୍ତି । ବାଟିବାଟି ବିଲବାଡି, ଦୋକାନ କାରଖାନା ସବୁକିଛି ସାଧନରେ ପରିପୂର୍ଣ୍ଣ ଆମ ଘର । ସାତ ପିଢି ବସି ଖାଇଲେ ବି ସରିବନି । ମୁଁ ସଙ୍ଗୀତ ଅନୁରାଗୀ । ମୁଁ ଏକାନ୍ତ ଭାବେ ସମର୍ପିତ ସଙ୍ଗୀତ ପ୍ରତି । ଏକାଧିକ ଭବ୍ୟ ସଙ୍ଗୀତ କାର୍ଯ୍ୟକ୍ରମରେ ସଙ୍ଗୀତ ପରିବେଷଣରେ ସକ୍ରିୟ ଭାଗନେଇ ମୁଁ ଭୂରିଭୂରି ପ୍ରଶଂସା ସାଉଁଟିଛି, କରତାଳିରେ ମଂଚ ପ୍ରକମ୍ପିତ ହୋଇଉଠିଛି ମୋ ସୁଲଳିତ ସୁମଧୁର ଗାୟନରେ, ସଙ୍ଗୀତର ସ୍ୱର ମୂର୍ଚ୍ଛନାରେ ।

କିନ୍ତୁ ପରିବାର ଲୋକଙ୍କ କହିବା କଥା ହେଲା ବଡ ଡ୍ରିଗ୍ରୀ ହାସଲ କରି ବହୁରାଷ୍ଟ୍ରୀୟ ଆଇଟି କମ୍ପାନୀରେ ଚାକିରି କର, ମାସିକ ପକେଟଫୁଲା ଦରମାରେ । ସଙ୍ଗୀତ ପ୍ରତି ଅନୁରାଗ ରହିଲେ ବିବାହଯୋଗ୍ୟ ପ୍ରୋଫାଇଲ ବନିପାରିବ ନାହିଁ । ଏଣୁ ମୁଁ ଏଭଳି ଜଣେ ଝିଅକୁ ଆପଣାଇବାକୁ ଚାହେଁ ଯିଏକି ମୋ ମନରେ ବୁଣିଥିବା ସୁନେଲି ସ୍ୱପ୍ନକୁ ସାକାର କରିପାରିବ ଏବଂ ମତେ ବି ସଙ୍ଗୀତ ସାଧନା କରିବାକୁ ବିଶେଷ ଉତ୍ସାହିତ କରୁଥିବ ଅବଶିଷ୍ଟ ଦାମ୍ପତ୍ୟ ଜୀବନ ପର୍ଯ୍ୟନ୍ତ । ଏଭଳି କୌଣସି ପାତ୍ରୀ ତୁମ ନଜରର ଅଛି ଯଦି ଅନାୟାସରେ କହିପାର ।

ପ୍ରତିକ୍ରିୟାରେ କେବଳ ହଁ ବୋଲି କହି ଜଳଜଳ ହୋଇ ଚାହିଁଥିଲା ତ୍ରିଶା । ସ୍ୱରାଜ ଦିଶୁଥିଲା ତ୍ରିଶାର ସଜଳ ଆଖି ହଳକରେ । ଏମିତି ତ ସେ କେବେବି ଭାବି ନ ଥିଲା !!

❤ ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,
ଓସ୍କାର ସିଟି, ଲକ୍ଷ୍ମୀସାଗର କେନାଲ ରୋଡ, ଭୁବେନଶ୍ୱର
(ମୋ) ୯୪୩୮୩୩୨୧୩

> କଲମ ଆଜ୍ ଉନକୀ ଜୟ ବୋଲ୍
> ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
> ଲିୟେ ବିନା ଗରଦନ୍ କା ମୋଲ୍,
> ସାକ୍ଷୀ ହେଁ ଜିନକୀ ମହିମା କେ
> ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
> କଲମ ଆଜ୍ ଉନକୀ ଜୟ ବୋଲ୍ ...
>
> - ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'



## ପେଶାଓ୍ୱର କାଣ୍ଡର ମହାନାୟକ



୬୭

ଦୀପକ ରଂଜନ ମିଶ୍ର

(ସଂକ୍ଷିପ୍ତ ଜୀବନ ଚରିତ)

## ॥ ବୀର ଚନ୍ଦ୍ରସିଂହ ଗଢ଼ବାଲୀ - ୮ ॥

ରମାଦୀ ଓ କାନ୍-ବାଗ୍‌ଦାଦ୍ ଯୁଦ୍ଧ ପରେ ମେସୋପୋଟାମିଆରୁ ଚନ୍ଦ୍ରସିଂହଙ୍କ ବାଟାଲିୟନ୍‌କୁ ଭାରତ ଫେରିବାକୁ ଆଦେଶ ହୁଏ । ସେମାନେ ବସ୍‌ରା ଆସି ସେଠାରୁ ଜାହାଜ ଚଢ଼ି ସାତଦିନର ଜଳଯାତ୍ରା ପରେ କରାଚୀରେ ପହଞ୍ଚନ୍ତି । ସେଇଠୁ ଗଢ଼ବାଲୀ ପଲଟଣ ଆସନ୍ତି ଡେରାଡୁନ୍ । ତାଙ୍କ ଭିତରୁ ଅନେକଙ୍କୁ ଯୁଦ୍ଧଭୂଇଁରେ ଅସାମାନ୍ୟ ବୀରତ୍ୱ ପ୍ରଦର୍ଶନ ହେତୁ ମେଡାଲ୍ ମିଳିଥାଏ । କେତେଜଣ ପାଇଥାନ୍ତି ଭିକ୍ଟୋରିଆ କ୍ରସ୍ । ତେଣୁ ଇଂରେଜମାନେ ଆନନ୍ଦିତ ହୋଇ ଗଢ଼ବାଲ୍ ରାଇଫଲ୍ସର ନାମ ପରିବର୍ତ୍ତନ କରି 'ରଏଲ୍ ଗଢ଼ବାଲ୍ ରାଇଫଲ୍ସ' କରିଦିଅନ୍ତି । ଚନ୍ଦ୍ରସିଂହଙ୍କୁ ଲେନ୍ସଡୋନ୍ ସେନା ଛାଉଣୀରେ ନୂଆ ପିଲାଙ୍କୁ ପ୍ରଶିକ୍ଷଣ ଦେବାର ଦାୟିତ୍ୱ ଦିଆଯାଏ । ଖାଇ ଖୋଳିବା, ତମ୍ବୁ ଟାଣିବା, ରାସ୍ତାରେ ଦଳବଦ୍ଧ ହୋଇ ମାର୍ଚ୍ଚ କରିବା, ବନ୍ଧୁକ ଚାଳନା ଇତ୍ୟାଦି ସେ ଖୁବ୍ ମନଯୋଗର ସହ ପିଲାଙ୍କୁ ଶିଖାଇବାରେ ଲାଗିପଡ଼ନ୍ତି । ତାଙ୍କ ଛାତ୍ର ପ୍ରତ୍ୟେକ ବିଦ୍ୟାରେ ପାରଙ୍ଗମ ହେବା ଦେଖି ଅଫିସରମାନେ ଚନ୍ଦ୍ରସିଂହଙ୍କ ଉପରେ ଭାରି ଖୁସି ହୁଅନ୍ତି । କିଛିମାସ ପ୍ରଶିକ୍ଷକର ଦାୟିତ୍ୱ ତୁଲାଇବା ପରେ ତାଙ୍କୁ ମସ୍କେଟରୀ (ବନ୍ଧୁକ ସମ୍ବନ୍ଧୀୟ) କୋର୍ସ କରିବା ପାଇଁ ପଞ୍ଚମଢ଼ି ପଠାଯାଏ । ସେଠି କୋର୍ସ କଲାବେଳେ ତାଙ୍କ ପତ୍ନୀଙ୍କ ଦେହାନ୍ତ ଖବର ଆସି ପହଞ୍ଚେ । ଦୁଃଖଦ ଖବର ପାଇ ସେ ଖୁବ୍ ଉଦାସ ହୋଇଯାଆନ୍ତି । ହେଲେ କୋର୍ସ ଚାଲିଥିବା ଯୋଗୁଁ ତାଙ୍କୁ ଛୁଟି ମିଳେନି ଘରକୁ ଯାଇ ପତ୍ନୀଙ୍କ ଅନ୍ତେଷ୍ଟି କ୍ରିୟାରେ ଯୋଗ ଦେବାପାଇଁ ।

ବାପା, ଚନ୍ଦ୍ରସିଂହଙ୍କ ଦ୍ୱିତୀୟ ବିବାହ କରିଦିଅନ୍ତି କୁଁବରୀ ନାମକ ଏକ ଝିଅସହ । ହେଲେ ବିବାହ ବର୍ଷେ ନପୂରୁଣୁ କୁଁବରୀର ଦେହାନ୍ତ ହୋଇଯାଏ । ଏଥର ଚନ୍ଦ୍ରସିଂହଙ୍କୁ ତାଙ୍କ ଶାଳୀ 'ଭୂରୀ'ର ପାଣିଗ୍ରହଣ କରିବାକୁ ବାଧ କରାଯାଏ । ଝିଅଟିର ବୟସ ୧୩ ବର୍ଷ ହୋଇଥିଲେ ସୁଦ୍ଧା ଦେଖିବାକୁ ଅତି ସାନ ହୋଇଥିବାରୁ ତା' ସହ ବିବାହ କରିବାକୁ ଅମଙ୍ଗ ହୁଅନ୍ତି ଚନ୍ଦ୍ରସିଂହ । ହେଲେ ବାପା କି ଶୁଣିବା ଲୋକ । ବାପାଙ୍କ କଥା ମାନି 'ଭୂରୀ' (ଭାଗିରଥୀ ଦେବୀ)ଙ୍କ ସହ ବିବାହ ସମ୍ପନ୍ନ ହେବା ପରେ ସେ ଆପଣା କର୍ମସ୍ଥଳୀ, ଲେନ୍ସଡୋନ୍‌କୁ ଫେରିଯାଆନ୍ତି ପଲଟଣ କାମରେ ଯୋଗଦେବାପାଇଁ । ବର୍ଷେ ପରେ ଛୁଟିରେ ଘରକୁ ଆସିବାରୁ ସେ ତାଙ୍କର ଜଣେ ବନ୍ଧୁ, ଅବସରପ୍ରାପ୍ତ ହାବିଲ୍‌ଦାର୍ ଝଗଡ଼୍ ସିଂହଙ୍କ ଘରକୁ ଯାଆନ୍ତି ବୁଲିବାକୁ । ହାବିଲ୍‌ଦାରଙ୍କର ଗୋଟେ ବିବାହଯୋଗ୍ୟ ଝିଅ ଥାଏ । ସେ ପୂର୍ବେ ତା' ବାପାମା'ଙ୍କ ସହ ସେନାଛାଉଣୀରେ ବି ରହୁଥିଲା ଯେଉଁଠି ଚନ୍ଦ୍ରସିଂହ କାମ କରୁଥିଲେ । ହାବିଲ୍‌ଦାର୍ ଅନେକ ଦିନ ପରେ ତାଙ୍କୁ ଦେଖି ଥଟ୍ଟାରେ କହନ୍ତି, "ଚନ୍ଦ୍ର, ତୁମ ପତ୍ନୀଙ୍କ ଦେହାନ୍ତ ଖବର ଶୁଣି ଭାରି ଦୁଃଖ ଲାଗିଲା । ବିପତ୍ନୀକ ଜୀବନ ଭାରି କଷ୍ଟଦାୟକ । (ନିଜ ଝିଅ ଆଡ଼କୁ ଆଙ୍ଗୁଳି ଦେଖାଇ) ୟା'କୁ ସାଙ୍ଗରେ ନେଇଯାଅ । ଇଏ ତୁମର ଶାଳୀ ।" ଗୋଟେ ଛୋଟ ଝିଅ ସହିତ ଜବରଦସ୍ତି ବିବାହ କରିଦେଇଥିବାରୁ ଚନ୍ଦ୍ରସିଂହଙ୍କ ମନ ଭଲ ନଥାଏ । ବନ୍ଧୁଙ୍କ କଥା ତାଙ୍କ ମନକୁ ବେଶ୍ ପାଇଯାଏ । ଦୁଇବନ୍ଧୁ ଶ୍ୱଶୁର-ଜୋଇଁ ସମ୍ବନ୍ଧରେ ବାନ୍ଧି ହେବାକୁ ସ୍ଥିର କରନ୍ତି । ଚନ୍ଦ୍ରସିଂହ ଘରକୁ ଫେରି କାହାକୁ କିଛି ନକହି ନିଜ ବିବାହ ଆୟୋଜନରେ ଲାଗିପଡ଼ନ୍ତି ।

ଘର ସାମ୍ନାରେ ବାଜା ବାଜିବା ଆରମ୍ଭ ହେବାରୁ ବାପା କ'ଣ ହେଉଛି ବୋଲି ପୁଅକୁ ପଚାରନ୍ତି । ପୁଅ କାହାକୁ କିଛି ନଜଣାଇ ନିଜେ ନିଜେ ଝିଅ ଠିକ୍ କରି ବିବାହ କରିବାକୁ ସ୍ଥିର କରିଥିବା ଓ ବାଜା ବାଜିବା ପର୍ଯ୍ୟନ୍ତ ସେ କଥା ବାପାଙ୍କୁ ମଧ୍ୟ କହି ନଥିବା ଯୋଗୁଁ ସେ ଭୀଷଣ ରାଗିଯାଆନ୍ତି । ଚନ୍ଦ୍ରସିଂହ କିଛି ନଶୁଣିଲା ଭଳି ନିଜ ସାଙ୍ଗସାଥୀଙ୍କ ସହ ଯାଇ ପହଞ୍ଚିଯାଆନ୍ତି କନ୍ୟାଘରେ । ହେଲେ ଫୌଜୀ ଜୀବନରେ ସୁଖ ଶାନ୍ତି କାହିଁ ଯେ । ବାହା ବେଦୀରେ ବସିଥିବା ବେଳେ, ପଲଟଣରେ ଆସି ତୁରନ୍ତ ଯୋଗ ଦେବାପାଇଁ ଖବର ଆସି ପହଞ୍ଚେ । ରାତିରେ ବିବାହ ସାରି ଭୋର ସକାଳୁ ସେ ଲେନ୍ସଡୋନ୍ ଚାଲିଯାଆନ୍ତି । ସେଇଠି ପହଞ୍ଚି ହାବିଲ୍‌ଦାର ଶ୍ୱଶୁରଙ୍କୁ ଚିଠି ଲେଖନ୍ତି ତାଙ୍କ ପତ୍ନୀଙ୍କୁ ଯେତେ ଶୀଘ୍ର ସମ୍ଭବ ସେନାଛାଉଣୀକୁ ପଠାଇ ଦେବାର ବ୍ୟବସ୍ଥା କରିବା ପାଇଁ ।

ସହାରନପୁର ଷ୍ଟେସନ୍‌ରେ ନିଯୁକ୍ତ ହାବିଲ୍‌ଦାର ଛୁଟିରେ ଯିବାରୁ ଚନ୍ଦ୍ରସିଂହଙ୍କୁ ସେଠିକୁ ଯାଇ ହାବିଲ୍‌ଦାର କାମ କରିବାକୁ ହୁକୁମ୍ ହୁଏ । ସେଠାରେ ହାଜତ୍‌ରେ ଦୁଇଜଣ ବୃଦ୍ଧ ରାଜନୈତିକ କଏଦୀ ଥାଆନ୍ତି । ତାଙ୍କ ସହିତ କେହି କଥା ନହେବାପାଇଁ ଥାଏ ଶକ୍ତ ନିର୍ଦ୍ଦେଶ । ଚନ୍ଦ୍ରସିଂହ ପ୍ରଥମ ଦିନ ସେମାନଙ୍କ ସହ ଆଦୌ କଥା ନହୋଇ ନିଜ କାମ କରିଚାଲନ୍ତି । ହେଲେ ଦ୍ୱିତୀୟ ଦିନ ତାଙ୍କୁ ସେଭଳି ବ୍ୟବହାର ପାଇଁ ଟିକେ ଖରାପ ଲାଗେ । ସେ ଭାବନ୍ତି, ଏମାନେ ବି ତ ଆମରି ଦେଶର ଲୋକ । ତାଙ୍କ ସହ କଥା ହେବାରେ ଅସୁବିଧା କ'ଣ ଅଛି ଯେ ? କଥା ଦି'ପଦ ହେଲେ କ'ଣ ପାପ ହୋଇଯିବ ? ସେ ବୃଦ୍ଧଦ୍ୱୟଙ୍କ ପାଖକୁ ଯାଇ ପଚାରନ୍ତି, "ବୁଢ଼ାବାବା, ଏଇ ବୟସରେ ଆପଣମାନେ ଏଇଠି କେମିତି ବନ୍ଦୀ ହେଲେ ? ସରକାରଙ୍କ ବିରୁଦ୍ଧରେ ଯାଇଛନ୍ତି ବୋଲି ଫାଇଲ୍‌ରେ ଯେଉଁ ଲେଖା ହୋଇଛି ତାହା କ'ଣ ସତ ? ଆପଣମାନଙ୍କୁ ଦେଖି ମୋତେ ତ କାହିଁ ଆଦୌ ବିଶ୍ୱାସ ହେଉନି ।" ପୁଣି ବୁଝାଇବା ଭଙ୍ଗୀରେ କହନ୍ତି, "ଇଂରେଜୀ ଶାସନରେ କେତେ ଶାନ୍ତି ଅଛି ଦେଶରେ ଦେଖନ୍ତୁତ । ଜଣକ ପାଖରେ ଯାହା ବି ପଇସା ଥାଉ କେହି ଛଡ଼େଇ କରି ନେଇ ପାରିବେ ନାହିଁ । ଇଂରେଜ ଆମକୁ ରେଳ, ଡାକ, ତାର, ଡାକ୍ତରଖାନା ଆଦି କେତେ ସୁବିଧା ଦେଇଛନ୍ତି । ନ୍ୟାୟ ନିଶାପ ପାଇଁ କେତେ ବଡ଼ ବଡ଼ ଅଦାଲତର ବ୍ୟବସ୍ଥା କରିଛନ୍ତି ସେମାନେ ।"

ବୃଦ୍ଧଦ୍ୱୟ ଶାନ୍ତ ଭାବେ ଚନ୍ଦ୍ରସିଂହଙ୍କ ସବୁକଥା ଶୁଣିବା ପରେ ତାଙ୍କ ଭିତରୁ ଜଣେ କହନ୍ତି, "ଦେଖ ବାବୁ, ମୋ ପୁଅ ବି ତୁମ ଭଳି ବ୍ରିଟିଶ୍ ସେନାରେ ଅଛି । ତେବେ ସେ ଯଦି ତୁମ ବୁଢ଼ା ବାପାଙ୍କୁ ଏମିତି ଆଣି ବନ୍ଦୀ କରି ରଖିବ ତେବେ ତୁମକୁ ଖରାପ ଲାଗିବ କି ନାହିଁ ? ଏଇଟା ବିଦେଶୀ ସରକାର । ଆମମାନଙ୍କ ଭିତରେ କନ୍ଦଳ ଭିଆଇ ଏମାନେ ଲାଭବାନ୍ ହେବା ସହ ଆମକୁ ତାଙ୍କ ହାତମୁଠାରେ ରଖିବାକୁ ଚାହାନ୍ତି । ତୁମେ ଜାଣିଛ, ଦୁନିଆଁର ସବୁଠି ଇଂରେଜ ଶାସନ ନାହିଁ । ଜାପାନ, ଚୀନ, ତୁର୍କୀ, ଋଷିଆ ଆଦି ଅନେକ ବଡ଼ ବଡ଼ ଦେଶ ଅଛନ୍ତି । ସେମାନେ ଇଂରେଜଙ୍କ କବ୍‌ଜାରେ ନାହାନ୍ତି । ତାଙ୍କ ଦେଶରେ ତାଙ୍କ ନିଜର ସରକାର ଅଛି । ସେଇଠି ବି ତ ରେଳ, ତାର, ଡାକ, ଡାକ୍ତରଖାନା ଇତ୍ୟାଦି ଅଛି । ଏଠି ଯଦି ଇଂରେଜଙ୍କ ଶାସନ ନଥାନ୍ତା ତେବେ ଆମେ ସେସବୁ ବନେଇ ନିଅନ୍ତେ । ଯୁଗ ଅନୁଯାୟୀ ଲୋକ ତାଙ୍କର ଆବଶ୍ୟକୀୟ ସୁବିଧା ଆପେ ଆପେ କରିଥାଆନ୍ତି । ଇଂରେଜମାନେ ତାହା କରି ଯଦି ଆମ ଉପରେ ଦୟା ଦେଖାଉଛନ୍ତି ବୋଲି ତୁମେ ଭାବୁଛ ତେବେ ତାହା ଭୁଲ । ତାଙ୍କ ପ୍ରତ୍ୟେକ କାମ ପଛରେ ସ୍ୱାର୍ଥ ଛପି ରହିଛି । ଯେକୌଣସି ପ୍ରକାରେ ଏଠାରୁ ଧନ ସମ୍ପତ୍ତି ଲୁଟି ସେମାନେ ବୋହି ନେଉଛନ୍ତି ତାଙ୍କ ଦେଶକୁ । ଆମ ପିଲାଙ୍କୁ ନେଇ ସେଇଠି ତାଙ୍କ ଯୁଦ୍ଧଭୂଇଁରେ ନିଆଁକୁ କିଭଳି ଠେଲି ଦେଉଛନ୍ତି ଦେଖୁନ । ଆଉ ଏଇ ଯେଉଁ ଡାକ୍ତରଖାନା କଥା କହୁଛ ସେଇଟା କ'ଣ କି ? ଇଂରେଜୀ ଔଷଧ ବିକିବାର ଗୋଟେ ଗୋଟେ ଏଜେନ୍ସୀ ପରା ।" ତାଙ୍କ କଥାକୁ ଆଉ ଟିକିଏ ପ୍ରଭାବଶାଳୀ କରିବା ଉଦ୍ଦେଶ୍ୟରେ ସେ ଲର୍ଡ଼ସ୍ ସତ୍ୟେନ୍ଦ୍ର ପ୍ରସାଦ ସିହ୍ନାଙ୍କ ଇସ୍ତଫା ପ୍ରସଙ୍ଗ, ଜାଲିଆନାବାଲା ବାଗ୍ ହତ୍ୟାକାଣ୍ଡ ତଥା ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନ ଇତ୍ୟାଦି ବିଷୟରେ ବିସ୍ତାରରେ ଚନ୍ଦ୍ରସିଂହଙ୍କୁ ବୁଝାନ୍ତି । ତିନିଦିନ ପର୍ଯ୍ୟନ୍ତ ଚନ୍ଦ୍ରସିଂହ ସେଇ ବୃଦ୍ଧଦ୍ୱୟଙ୍କ ପାଖରେ ବସି ଗଭୀର ମନଯୋଗର ସହ ଶୁଣନ୍ତି ତାଙ୍କ କଥା ସବୁ । ଏସବୁ ଶୁଣି ତାଙ୍କ ମୁଣ୍ଡ ଯେମିତି ଗୋଳମାଳ ହୋଇଯାଏ । ଏତେଦିନ ଯାଏ ସେ ତ କାହିଁ ଏସବୁ ବିଷୟରେ ଆଦୌ ଚିନ୍ତା ହିଁ କରି ନଥିଲେ । ଘନ ଅନ୍ଧକାର ଭେଦି କୋଠରୀ ଭିତରକୁ ଯେମିତି ଧାରେ ସୂର୍ଯ୍ୟକିରଣ ପଶିଆସୁଛି ସେଇଭଳି ଅନୁଭବ କରନ୍ତି ଚନ୍ଦ୍ରସିଂହ । ବୃଦ୍ଧଦ୍ୱୟ ଯାହା ଯାହା କହିଯାଆନ୍ତି ସେସବୁରୁ କିଛି କିଛି ତାଙ୍କ ପାଇଁ ଅବୁଝା ରହିଗଲେ ବି ତାଙ୍କ ଭିତରେ ଧାରଣା ସୃଷ୍ଟି ହୋଇଯାଏ ଯେ ଏମିତି ଅନେକ କିଛି ଅଛି ଯାହା ଇଂରେଜମାନେ ଆମ ଭାରତୀୟଙ୍କ ପାଖରୁ ଲୁଚେଇ ରଖିଛନ୍ତି । ଏସବୁ କଥାକୁ ଅଣଦେଖା ନକରି ଆମେ ସେଥିପ୍ରତି ଧ୍ୟାନ ଦେବା ନିହାତି ଆବଶ୍ୟକ । ସହାରନପୁରରେ ତାଙ୍କର ଡ୍ୟୁଟି ସରିଯିବା ପରେ ସେ କୋଟଦ୍ୱାର ଦେଇ ପୁଣି ଲେନ୍ସଡୋନ୍ ଚାଲି ଆସନ୍ତି ସିନା ହେଲେ ବୃଦ୍ଧଦ୍ୱୟଙ୍କ କଥା ତାଙ୍କ ହୃଦୟ ଭିତରେ ପଥରର ଗାର ସଦୃଶ ଚିରଦିନ ପାଇଁ ସ୍ଥାୟୀ ହୋଇ ରହିଯାଏ ।

ପ୍ରଥମ ବିଶ୍ୱଯୁଦ୍ଧ ୧୯୧୮ ମସିହା ବେଳକୁ ସମାପ୍ତ ହୋଇଯିବାରୁ ବ୍ରିଟିଶ୍ ସେନାରେ ଆଉ ଅଧିକ ସିପାହୀଙ୍କ ଆବଶ୍ୟକତା ନଥାଏ । ଲେନ୍ସଡୋନ୍‌ରେ ଥିବା ୧୮୦୦ ଗଢ଼ବାଲୀ ସିପାହୀଙ୍କ ମଧ୍ୟରୁ ୯୦୦ ଜଣଙ୍କ ଛଟେଇ ପାଇଁ ଆଦେଶ ଆସେ ଉପରୁ । ହାବିଲ୍‌ଦାର, ଲାନ୍ସ-ନାୟକ ଇତ୍ୟାଦି ପଦରେ ଥିବା ବ୍ୟକ୍ତିଙ୍କୁ କୁହାଯାଏ, କାମ କମିଯାଇଥିବାରୁ ଆଉ ପଦସ୍ଥ କର୍ମଚାରୀଙ୍କ ଆବଶ୍ୟକତା ନାହିଁ । ତେଣୁ ସେମାନେ ଯଦି ସେନାରେ ଚାକିରି କରିବାକୁ ଇଚ୍ଛୁକ ତେବେ ସାଧାରଣ ସିପାହୀ ଭାବେ କାମ କରି ପାରିବେ । ଛଟେଇ ହୋଇ ଘରେ ବସିବା ଅପେକ୍ଷା ସେନାରେ ସିପାହୀ ଭାବେ କାମ କରିବା ବରଂ ଭଲ ଭାବି କେତେକ ଇଂରେଜଙ୍କ ପ୍ରସ୍ତାବରେ ରାଜି ହୋଇଯାଆନ୍ତି । ଯୁଦ୍ଧ କାଳରେ ଗତ ଚାରିବର୍ଷ ହେଲା ଯେତେ ସିପାହୀ ସେନାରେ ଭର୍ତ୍ତି ହୋଇଥିଲେ ସେମାନଙ୍କୁ ଚାରି ମାସର ଲେଖା ଦରମା ଦେଇ ଘରକୁ ବିଦା କରିଦିଆଯାଏ । ୧୫ ବର୍ଷରୁ ଅଧିକ ଚାକିରୀ କରିଥିବା ସିପାହୀଙ୍କୁ ପେନସନ୍ ଦେବାର କରାଯାଏ ବ୍ୟବସ୍ଥା । ଏଇ ସବୁ ନିଷ୍ପତ୍ତି ଯୋଗୁଁ ପଲଟଣରେ ପ୍ରତ୍ୟେକ ନିଜ ନିଜ ଭବିଷ୍ୟତ ବିଷୟରେ ଭାବି ନିରାଶ ହୋଇଯାଆନ୍ତି । ଇଂରେଜ ସରକାରଙ୍କ ଏଭଳି ବୈମାତୃକ ବ୍ୟବହାରରେ ସେମାନେ ଭିତରେ ଭିତରେ ରକ୍ତଚାଉଳ ଚୋବାଇବାକୁ ଲାଗନ୍ତି । ସେତେବେଳେ ଯଦି କେହି ସେମାନଙ୍କୁ ଟିକିଏ ଉସୁକେଇ ଦେଇଥାଆନ୍ତା ତେବେ ନିଶ୍ଚିତ ବିଦ୍ରୋହଟିଏ ଦେଖାଦେଇଥାଆନ୍ତା ସେନାରେ । ସିପାହୀମାନେ ପରସ୍ପର ଭିତରେ କିଛି ଏଭଳି କଥାବାର୍ତ୍ତା ହେଉଥାଆନ୍ତି - "ରୁହରେ ଫିରଙ୍ଗୀ ବେଟେ, ଆସନ୍ତା ଥରକୁ ଯେତେବେଳେ ଆସି ଆମ ଘର ଆଗରେ ହାତ ପତେଇବ ସେତେବେଳେ ତୁମକୁ ମଜା ଚଖେଇବୁ ।... ଯୁଦ୍ଧ ସରିଗଲା ବୋଲି କ'ଣ ଛଟେଇ କରିଦେବ ?... ନୂଆ କାରଖାନା ଖୋଲି ସେଠାରେ ଆମକୁ ଚାକିରି ଦେଉନ ?... ତୁମ କଥାରେ ଆମେ ସବୁକିଛି ଛାଡ଼ି ନିଆଁକୁ ଡେଇଁ ପଡୁଥିଲୁ । ତୁମେ କିନ୍ତୁ କାମ ହାସଲ ହୋଇଗଲା ପରେ ମୁହଁ ବଙ୍କେଇ ଆମ ଆଡ଼କୁ ଅନାଉନ ସୁଦ୍ଧା !... ସତରେ ଏଇ ଫିରଙ୍ଗୀଗୁଡ଼ା ଭାରି ସ୍ୱାର୍ଥୀ । ଯେବେ ଦରକାର ଥିଲା ଗାଁକୁ ଆସି ଫୁସୁଲା ଫୁସୁଲି କରି, ୫୦ ଟଙ୍କା ଲେଖା ବକସିସ୍ ଦେଇ ଆମକୁ ସେନାରେ ଭର୍ତ୍ତି କଲ । ଏବେ ସେଇ ସିପାହୀମାନଙ୍କୁ ଭୋକରେ ମରିବାକୁ ଛାଡ଼ି ଦେଉଛ.... !"

୧୯୨୦ ମସିହା ବେଳକୁ ଭୀଷଣ ମରୁଡ଼ି ପଡ଼େ ଗଢ଼ବାଲ ଅଞ୍ଚଳରେ । ଲୋକେ ଭୋକରେ ଆଉଟୁ ପାଉଟୁ ହେଲାବେଳେ ଦାଉ ସାଧେ ହଇଜା, ପ୍ଲେଗ୍ ତଥା ମ୍ୟାଲେରିଆ ଭଳି ମହାମାରୀ । ହଜାର ହଜାର ଲୋକ ପୋକମାଛି ଭଳି ମରିଯାଆନ୍ତି । ଏଭଳି ଦୁଃସମୟରେ ସିପାହୀମାନେ ପଲଟଣରୁ ଛଟେଇ ହୋଇ କିଛି ଟଙ୍କା, ଦୁଇହଳ ପୋଷାକ, ହଳେ ଜୋତା ସାଙ୍ଗରେ ନେଇ ଘରକୁ ଫେରନ୍ତି । ପଇସା ପାଖରେ ରହିଲେ ଖର୍ଚ୍ଚ ହୋଇଯିବ ବୋଲି ଭାବି କେତେକ ତାଙ୍କ ପତ୍ନୀମାନଙ୍କ ପାଇଁ ସେନାରୁ ପାଇଥିବା ପଇସାରେ ତୋଳେ ଦୁଇତୋଳା ଲେଖା ଓଜନର ସୁନାଗହଣା ସାଙ୍ଗରେ ନେଇକରି ଆସିଥାଆନ୍ତି । ପାଖରେ ସୁନା ଥିଲେ ଅସମୟରେ କାମରେ ଆସିବ ମଧ୍ୟ । ସେତେବେଳେ ସୁନା ଗୋଟେ ତୋଳାର ମୂଲ୍ୟ ଥାଏ ପଚିଶ ଟଙ୍କା । ପ୍ରଥମ ବିଶ୍ୱଯୁଦ୍ଧ ବେଳେ କାଗଜ ନୋଟ୍‌ର ମଧ୍ୟ ବହୁଳ ପ୍ରସାରଣ ହୋଇଥିଲା । ତେବେ ସେଇ ନୋଟ୍ ଆଗକୁ ଚଳିବ କି ନାହିଁ ସେଥିରେ ସନ୍ଦେହ ଥାଏ ସିପାହୀଙ୍କର । ତେଣୁ ସେମାନେ ସେଇ ନୋଟ୍ ବଦଳକରି ବଜାରରୁ ରୂପାଟଙ୍କା ନେଇ ଆସନ୍ତି । ହେଲେ ସେତେବେଳର ମରୁଡ଼ି ଅବସ୍ଥା ଯୋଗୁଁ ପ୍ରତ୍ୟେକ ଜିନିଷର ଦର ଆକାଶଛୁଆଁ ହୋଇଯାଏ । ସିପାହୀମାନେ ସାଙ୍ଗରେ ଆଣିଥିବା ସୁନାଗହଣା କି ରୂପାଟଙ୍କା ଖୁବ୍ କମ୍ ଦିନ ଭିତରେ ଖର୍ଚ୍ଚ ହୋଇଯାଏ । ଶେଷକୁ ସେମାନେ ତାଙ୍କ ଗରମ ଓଭରକୋଟ୍, ଆର୍ମୀଜୋତା ତଥା ମେଡାଲ୍‌କୁ ମଧ୍ୟ ବିକି ଖାଇଯାଆନ୍ତି । ସବୁ ଅବଲମ୍ବନ ସରିଯିବା ପରେ କେତେକ ସିପାହୀ ତାଙ୍କ ଚାକିରି ବେଳେ ଦେଖିଥିବା ଦୂର ଦୂରାନ୍ତର ସ୍ଥାନକୁ ପେଟ ପାଟଣା ଉଦ୍ଦେଶ୍ୟରେ ଚାଲିଯାଆନ୍ତି ଗାଁ ଛାଡ଼ି । କିଏ ଯାଏ କ୍ୱେଟା ତ କିଏ କରାଚୀ, ଆଉ କିଏ ଅନ୍ୟ କୋଉଠିକି ।

ପୂର୍ବରୁ ଥିବା ପଦସ୍ଥ ସୈନିକମାନେ ଚାକିରି ମୋହରେ ସାଧାରଣ ସିପାହୀ ଭାବେ ଯୋଗ ଦେବା ପରେ ମାନସିକ ରୂପେ ଖୁବ୍ ଆଘାତ ପାଆନ୍ତି । ପଦୋନ୍ନତି ପାଇଁ କ'ଣ ସେମାନଙ୍କୁ କମ୍ ପରିଶ୍ରମ କରିବାକୁ ପଡ଼ିଛି ଅତୀତରେ । ଚନ୍ଦ୍ରସିଂହ ସେମିତି ସେମିତି ହାବିଲ୍‌ଦାର ବନିଯାଇ ନାହାନ୍ତି । ରାତିଦିନ ଏକ କରି ଫୌଜୀ ବହି ପଢ଼ି, ସବୁ ପ୍ରକାରର ସାମରିକ ଶିକ୍ଷା ଗ୍ରହଣ କରି, ଶେଷକୁ ପରୀକ୍ଷା ଦେଇ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । କେତେ ନୂଆ ପିଲାଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି କଠିନ ପରିଶ୍ରମ କରି । ଆପଣା ଜୀବନକୁ ପାଣି ଛଡ଼େଇ ପ୍ରାଣମୂର୍ଚ୍ଛା ଲଢ଼େଇ କରିଛନ୍ତି ଫ୍ରାନ୍ସ ତଥା ମେସୋପୋଟାମିଆ ମାଟିରେ । ତେବେ ଯାଇ ହାସଲ କରିଛନ୍ତି ହାବିଲଦାର ପଦ । ଏହା ତାଙ୍କ ହକ୍, ଇଂରେଜଙ୍କ ତାଙ୍କ ପ୍ରତି ଦୟାର ପ୍ରଦର୍ଶନ ଆଦୌ ନୁହେଁ । ସହାରନ୍‌ପୁର ଷ୍ଟେସନ୍ ହାଜତରେ ବନ୍ଦୀଥିବା ବନ୍ଦୀ ବୃଦ୍ଧଦ୍ୱୟ କହିଥିବା ଗୋଟି ଗୋଟି କଥା ତାଙ୍କର ମନେ ପଡ଼ିଯାଏ । ଏଇ ଇଂରେଜମାନେ ପ୍ରକୃତରେ ବହୁତ୍ ସ୍ୱାର୍ଥୀ । ଆମ୍ବ ଖାଇ ଟାକୁଆ ଫୋପାଡ଼ିବା ଭଳି ବ୍ୟବହାର ତାଙ୍କର । ଏବେ ତାଙ୍କୁ ସେନାରେ ସାଧାରଣ ସିପାହୀ ଭାବେ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ଭାବିଲା ବେଳକୁ ଦେହ କ'ଣ ହୋଇ ଯାଉଛି । ବର୍ଦ୍ଦୀରେ ଲାଗିଥିବା ହାବିଲଦାର୍‌ର ବେଜ୍ ତିନୋଟିକୁ ଖୋଲି ରାଗରେ ସେ ନଷ୍ଟ କରିଦିଅନ୍ତି । ସବୁଦିନ ଭଳି ସାଥୀଙ୍କ ସହ ପ୍ୟାରେଡ୍ କରିବାକୁ ଆଉ ତାଙ୍କ ମନ ହୁଏନି । ସେନାବାହିନୀରୁ ତାଙ୍କ ନାଁ କାଟି ଦେବାକୁ ଅଫିସରଙ୍କ ଠାରେ ଆବେଦନ କରନ୍ତି । ସେନା ବଦଳରେ ତାଙ୍କୁ ପଠେଇ ଦିଆଯାଉ ଡେରାଡୁନ୍ । ସେଇଠି ଥିବା ଫୌଜୀ ମୋଟର କମ୍ପାନୀରେ ସେ ସାଧାରଣ ଶ୍ରମିକ ଭାବେ ପଛେ କାମ କରିବେ ହେଲେ ସେନାରେ ଆଉ ନୁହେଁ । କମାଣ୍ଡିଂ ଅଫିସର ସେଭଳି ନକରିବାକୁ ବହୁତ ବୁଝାନ୍ତି ହେଲେ ସେ କି ବୁଝିବା ଲୋକ । ନଛୋଡ଼ବନ୍ଧାଙ୍କୁ ମନାଇବା ପାଇଁ ଶେଷକୁ କମାଣ୍ଡିଂ ଅଫିସର ତାଙ୍କୁ ତାଙ୍କ ହାବିଲଦାର୍ ପଦ ପୂର୍ବପରି କାୟମ ରହିବ ବୋଲି ପ୍ରତିଶ୍ରୁତି ଦେବାରୁ ସେ ଟିକିଏ ଶାନ୍ତ ହୁଅନ୍ତି । ଶେଷରେ ଅଫିସରଙ୍କ କଥା ମାନି ମାସେ ଛୁଟି ନେଇ ଗାଁକୁ ଯାଆନ୍ତି ମନ ପରିବର୍ତ୍ତନ କରିବା ଉଦ୍ଦେଶ୍ୟରେ.....

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୨୧ ମଇ ୨୦୨୩

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com




# ମୃତ୍ୟୋର୍ମା ଅମୃତଂ ଗମୟଃ

## ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ଯୌବନକୁ ଦୀର୍ଘଦିନ ଧରି ରଖି ନୀରୋଗ, ସୁସ୍ଥ, ସ୍ୱସ୍ଥ ଓ ସ୍ମୃତିବାହୀ ଚେତନାଯୁକ୍ତ ଦୀର୍ଘାୟୁ ଜୀବନ ପାଇଁ ଆମ ଶରୀରର କେଉଁ ଅଂଶ ବିଶେଷ ଭାବରେ କ୍ରିୟାଶୀଳ ତାହା ବହୁତ ହଜାର ବର୍ଷ ପର୍ଯ୍ୟନ୍ତ ସାଧାରଣ ମନୁଷ୍ୟକୁ ଜ୍ଞାତ ନଥିଲା, ଜ୍ଞାତ ଥିଲା କେବଳ ଆର୍ଯ୍ୟ ମୁନି, ଋଷି ଓ ଅବତାର ପୁରୁଷମାନଙ୍କୁ । ସେଥିପାଇଁ ସେମାନେ ନିଜର ଅନୁସରଣକାରୀମାନଙ୍କୁ ଆଜ୍ଞାଚକ୍ର (ଦୁଇ ଭ୍ରୁକୁଟିର ମଧ୍ୟ ନାସିକା ମୂଳରେ ଅବସ୍ଥିତ) ରେ ମନକୁ ସ୍ଥିର କରି ନାମଧ୍ୟାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀଗୁରୁଙ୍କ ଦ୍ୱାରା ପ୍ରଦତ୍ତ ବୀଜମନ୍ତ୍ର ନାମଧ୍ୟାନ କରି ଆଜ୍ଞାଚକ୍ରରେ ମନକୁ ସ୍ଥିର କରିବା ପାଇଁ ଆର୍ଯ୍ୟ ଋଷିମାନେ କହିଛନ୍ତି । କଳିଯୁଗର ଯୁଗାବତାର ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଜପ ଧ୍ୟାନର ସୁବିଧା ପାଇଁ ଚକ୍ରଫଟୋରେ ମନ ସ୍ଥିର କରି ଜପ କରିବାକୁ କହିଛନ୍ତି । ଏହି ନାମର ସ୍ପନ୍ଦନ ପିନିୟଲ ଗ୍ଲାଣ୍ଡକୁ ଉତ୍ତେଜିତ କରି ତାର କ୍ଷରଣକୁ ବଢ଼ାଇବାରେ ବିଶେଷ ସହାୟତା କରିଥାଏ । ପିନିୟଲ ଗ୍ରନ୍ଥିର କ୍ଷରଣ ଓ ଜୀବନ ପାଇଁ ତାର ପ୍ରୟୋଜନ ପ୍ରସଙ୍ଗରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ଦୁଇ ଭ୍ରୁକୁଟି ମଧ୍ୟରେ ଗୋଟିଏ ସରଳରେଖା ଭିତର ଆଡ଼କୁ ଟାଣିଲେ ଯେଉଁଠି ପହଞ୍ଚେ ସେଇଠାରେ ପିନିୟଲ ଗ୍ରନ୍ଥି ଅବସ୍ଥିତ । ଏହି ପିନିୟଲ ଗ୍ଲାଣ୍ଡ ଏବଂ ତାର କ୍ଷରଣ ମେଲାଟୋନିନ୍ ଚିକିତ୍ସାଜଗତ ପାଇଁ ଏହି ଶତାବ୍ଦୀର ବିସ୍ମୟକର ଆବିଷ୍କାର । ଏହି ପିନିୟଲ ଗ୍ଲାଣ୍ଡ ଆମର ମସ୍ତିଷ୍କର ମଧ୍ୟସ୍ଥଳରେ ଥେଲାମସ୍ ର ପଛରେ ଅବସ୍ଥିତ । ଏହାର ଆକାର ଅଧା ସେଣ୍ଟିମିଟର ଏବଂ ଓଜନ ୧୨୦ ମିଲିଗ୍ରାମ୍ ପାଖାପାଖି। ସାଧାରଣତଃ ୪୦ ବର୍ଷ ପରେ ଏହି ଗ୍ରନ୍ଥି ଶୁଖି ଯାଏ ଓ ଏହି ସମୟରୁ ହିଁ ମନୁଷ୍ୟର ବାର୍ଦ୍ଧକ୍ୟ ଆରମ୍ଭ ହୁଏ ଏବଂ ଧିରେ ଧିରେ ଏହାର ପ୍ରକୋପ ବଢେ । ମେଲାଟୋନିନ୍‌ର ପ୍ରଧାନ କାମ ହେଲା ଶରୀରର କୋଷକୁ ଧ୍ୱଂସରୁ ରକ୍ଷା କରିବା । ମାନବ ଶରୀରରେ ପ୍ରତିକ୍ଷଣ ଅକ୍ସିଡ଼େସନ ଚାଲିଥାଏ। ଯେପରି ଭାବରେ ଲୁହାରେ କଳଙ୍କି ଲାଗେ ସେହି ପ୍ରକାର ମଣିଷର ଶରୀରରେ ମଧ୍ୟ କଳଙ୍କି ଲାଗ ଶରୀରକୁ ବାର୍ଦ୍ଧକ୍ୟ ଆଡ଼କୁ ନେଇଯାଏ । ସ୍ୱାସ୍ଥ୍ୟ ପାଇଁ କୋଷ ଓ ତାର ରାସାୟନିକ ପ୍ରକ୍ରିୟା ଅତି ଆବଶ୍ୟକ । ମେଲାଟୋନିନ୍ ଅଭାବରେ ଏହି ପ୍ରକ୍ରିୟା ବାଧିତ ହୋଇଯାଏ । ମେଲାଟୋନିନ୍ ଆଣ୍ଟି-ଅକ୍ସିଡେଣ୍ଟର କାମ କରେ, କୋଷକୁ ସଚେତନ ରଖେ, କଳଙ୍କି ଲାଗିବାକୁ ଦେଇ ନଥାଏ । ଯେଉଁ ବ୍ୟକ୍ତିର ମେଲାଟୋନିନ୍‌ର କ୍ଷରଣ ଦୀର୍ଘଦିନ ଧରି ହୋଇଥାଏ ସେ ସେତେ ସୁଦୀର୍ଘଜୀବୀ ହୋଇଥାନ୍ତି । ଯୌବନ ଦୀର୍ଘସ୍ଥାୟୀ ହୋଇଥାଏ ଓ ଦେହ ନୀରୋଗ ରହିଥାଏ । ସ୍ମୃତିଶକ୍ତି ଅକ୍ଷୁର୍ଣ୍ଣ ରହିଥାଏ, ବହୁଦିନ ଧରି ମନୁଷ୍ୟ ସକ୍ରିୟ ଓ କର୍ମଠ ରହେ, ନିଦ ବି ଭଲ ଆସିଥାଏ, ଉଚ୍ଚ ରକ୍ତଚାପର ସମସ୍ୟା ରହେ ନାହିଁ ଓ ରୋଗ ପ୍ରତିରୋଧକ କ୍ଷମତା ମଧ୍ୟ ବଢ଼ିଯାଏ ।

**ଯୌବନକୁ ଦୀର୍ଘଦିନ ଧରି ରଖି ନୀରୋଗ, ସୁସ୍ଥ, ସ୍ୱସ୍ଥ ଓ ସ୍ମୃତିବାହୀ ଚେତନାଯୁକ୍ତ ଦୀର୍ଘାୟୁ ଜୀବନ ପାଇଁ ଆମ ଶରୀରର କେଉଁ ଅଂଶ ବିଶେଷ ଭାବରେ କ୍ରିୟାଶୀଳ ତାହା ବହୁତ ହଜାର ବର୍ଷ ପର୍ଯ୍ୟନ୍ତ ସାଧାରଣ ମନୁଷ୍ୟକୁ ଜ୍ଞାତ ନଥିଲା, ଜ୍ଞାତ ଥିଲା କେବଳ ଆର୍ଯ୍ୟ ମୁନି, ଋଷି ଓ ଅବତାର ପୁରୁଷମାନଙ୍କୁ ।**

ମେଲାଟୋନିନ୍‌ର କ୍ଷରଣ ଅନ୍ଧକାର ଓ ଆଲୋକ ଦ୍ୱାରା ପରିଚାଳିତ ହୁଏ । ସେଥିପାଇଁ ତାକୁ ଜୈବିକ ଘଣ୍ଟା କୁହାଯାଏ । ପିନିୟଲ ଗ୍ଲାଣ୍ଡ ସ୍ନାୟୁ ଦ୍ୱାରା ଆଖି ସହିତ ଯୁକ୍ତ । ଏଥିପାଇଁ ଅନ୍ଧାର ହେଲେ ପିନିୟଲ୍ ଗ୍ରନ୍ଥିରୁ ସଙ୍କେତ ଚାଲିଯାଏ ଓ ମେଲାଟୋନିନ୍‌ର କ୍ଷରଣ ଆରମ୍ଭ ହୋଇଯାଏ। ସୂର୍ଯ୍ୟ ଉଦୟ ହେଲେ ଆଲୋକର କ୍ଷରଣ ବନ୍ଦ ହୁଏ । ସେଥିପାଇଁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହି ବାଣୀରେ ପ୍ରକାଶ କରିଛନ୍ତି - ଉଷା ନିଶାରେ ମନ୍ତ୍ର ସାଧନ ଚଲାବୁଲାରେ ଜପ, ଯଥା ସମୟେ ଇଷ୍ଟ ନିର୍ଦ୍ଦେଶ ମୂର୍ତ୍ତ କରିବାହିଁ ତପ ।

ଉଷାନିଶାରେ ମନ୍ତ୍ର ସାଧନ ମେଲାଟୋନିନ୍‌ର କ୍ଷରଣକୁ ବଢ଼ାଇ ଦେଇଥାଏ । ନାମର ସ୍ପନ୍ଦନ ପିନିୟଲ ଗ୍ଲାଣ୍ଡକୁ ଉତ୍ତେଜିତ କରିଥାଏ । ସେଥିପାଇଁ ଶ୍ରୀ ଶ୍ରୀ ଠାକୁର କହିଛନ୍ତି - ନାମ କରିବାକୁ ବସିଲେ ନିଦର ଗୋଟିଏ ଝୁଙ୍କ ଆସିଥାଏ, ତାକୁ ଅତିକ୍ରମ କରିବାକୁ ହେବ । ସେଥିପାଇଁ ଯାହାର ଅନିଦ୍ରା ରୋଗ ଅଛି ସେ ଯେତେବେଳେ ନାମ କରିବାକୁ ବସେ, ତାକୁ କିଛିକ୍ଷଣରେ ନିଦ ଆସିଯାଏ । ନାମ-ଜପ ମସ୍ତିଷ୍କର ସ୍ନାୟୁକୁ ସୁଷମ କରି ରଖେ, ମସ୍ତିଷ୍କ କମ୍ ଉତ୍ତେଜିତ ହୁଏ ଓ ମନୁଷ୍ୟର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ । ଯଥା ସମୟରେ ଇଷ୍ଟ ନିର୍ଦ୍ଦେଶ ପାଳନ ମାଧ୍ୟମରେ ମନୁଷ୍ୟ ଭକ୍ତ ହନୁମାନ ପରି ଉର୍ଜ୍ଜୀତେଜା, କ୍ଷମତାବାନ୍ ଓ ବଳବାନ୍ ହୋଇଉଠେ । ଭକ୍ତ ଅସମ୍ଭକୁ ସମ୍ଭବ କରି ଦେଇଥାଏ । ଅସତ୍ ଓ ବାଧାବିଘ୍ନକୁ ଅତିକ୍ରମ କରି ଭକ୍ତ ବୀର୍ଯ୍ୟବାନ୍ ହୋଇଉଠେ । ନିର୍ଭୟ ଓ ନିର୍ଭୀକ ହୁଏ । ଉପସ୍ଥିତ ବୁଦ୍ଧି ବୃଦ୍ଧି ପାଏ । ଏଥିପାଇଁ ନାମମୟ ହୋଇ ରହିଲେ ମନୁଷ୍ୟ ଧ୍ୟାନଦୀପ୍ତ ହେବ ଓ ବ୍ୟକ୍ତିତ୍ୱ ସୁଗଠିତ ହୁଏ । ଏଥିନିମିତ୍ତ ସଦ୍‌ଗୁରୁ ଗ୍ରହଣ ଆବଶ୍ୟକ । ସଦ୍‌ଗୁରୁ ଗ୍ରହଣ କରି ତତ୍-ନିର୍ଦ୍ଦେଶିତ ପଥରେ ଚାଲି, ନିୟମିତ ନାମ-ଧ୍ୟାନ ପରାୟଣ, ସଦାଚାର ପାଳନ ଓ ସାତ୍ତ୍ୱିକ ଆହାର ଗ୍ରହଣ କରି ମଣିଷ ଅମିତ-ତେଜା ହୁଏ ଇଷ୍ଟ ବା ଗୁରୁ ଭକ୍ତିର ପ୍ରଭାବରେ ।

କଲ୍‌କି ଅବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଯାହା ହିଁ କରିବାକୁ ଯାଅ ମୂଳରେ ଗୁରୁଭକ୍ତି ରହିବା ଦରକାର । ଗୁରୁଭକ୍ତି ମାଧ୍ୟମରେ ପ୍ରବୃତ୍ତି କାବୁ ହୋଇ ରହିଥାଏ। ସେବା ବୃତ୍ତି ସାବଲୀଳ ଓ ସହଜ ହୋଇ ଉଠେ, କର୍ମ ନିଖୁଁତ ହୁଏ । ଏହି ଗୁରୁ ଭକ୍ତିରୁ ହିଁ ମନୁଷ୍ୟ ମଙ୍ଗଳର ଅଧିକାରୀ ହୁଏ । ତେଣୁ ଗୁରୁଙ୍କୁ ଇଷ୍ଟ କୁହାଯାଏ, ଇଷ୍ଟ ଅର୍ଥ ମଙ୍ଗଳ, ଅର୍ଥାତ୍ ଗୁରୁଙ୍କୁ ଅନୁସରଣ କରିଲେ ମଣିଷର ମଙ୍ଗଳ ଆସେ ଓ ଏହି ଅନୁସରଣର ପନ୍ଥା ହେଉଛି - ଯଜନ, ଯାଜନ ଓ ଇଷ୍ଟଭୃତି ।

ପୁନର୍ବାର ପ୍ରେମାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଯିଏ ପ୍ରକୃତ ଗୁରୁ ତାଙ୍କ ଭିତରେ ପୂର୍ବବର୍ତ୍ତୀ ପ୍ରତ୍ୟେକଙ୍କୁ ଖୋଜି ପାଇ ହେବ । ଏହା ପୂରାପୂରି ମାନଚିତ୍ର ଦେଖିବା ପରି । ଯେପରି ଶ୍ରୀ ରାମକୃଷ୍ଣଙ୍କୁ ଦେଖିଲେ ବୁଝି ହେବ ସେ ହିଁ ଶ୍ରୀକୃଷ୍ଣ, ସେ ହିଁ ବୁଦ୍ଧ, ସେ ହିଁ ଯୀଶୁ, ସେ ହିଁ ମହମ୍ମଦ ଓ ସେ ହିଁ ଚୈତନ୍ୟ ମହାପ୍ରଭୁ । ପରିଷ୍କାର ସମସ୍ତଙ୍କୁ ବୁଝିହେବ ଓ ଦେଖି ହେବ । ଯୁଗ ପରୁଷୋତ୍ତମଙ୍କୁ କେନ୍ଦ୍ର କରି ସମନ୍ୱୟର ସଙ୍ଗତି ଅକ୍ଷୁର୍ଣ୍ଣ ରଖି ପାରିଲେ ନାନା ମତର ଲୋକ ରହିଲେ ମଧ୍ୟ କିଛି ଯାଏ ଆସେ ନାହିଁ ।

ଏହି ଯୁଗ ପୁରୁଷୋତ୍ତମଙ୍କ ପ୍ରଦତ୍ତ ବୀଜମନ୍ତ୍ର ଜପଧ୍ୟାନ ମାଧ୍ୟମରେ ମନୁଷ୍ୟ ଅମୃତକୁ ଲାଭ କରିପାରିବ । ସ୍ମୃତିବାହୀ ଚେତନା ମାଧ୍ୟମରେ ମନୁଷ୍ୟ ମୃତ୍ୟୁକୁ ଅତିକ୍ରମ କରିପାରିବ। ଏ ଆଉ ଏହାହିଁ ହେଉଛି ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ବିଂଶ ଶତାବ୍ଦୀର ଚରମ ଓ ବିସ୍ମୟକର ଆହ୍ୱାନ - ମା ମ୍ରିୟସ୍ୟ ମା ଯହି, ଶକ୍ୟତେ ଚେତ୍ ମୃତ୍ୟୁଂ ଅବଲୋପୟ ।


♥ ପ୍ରଫେସର, ହେପାଟୋଲୋଜି ବିଭାଗ, ଏସ୍.ସି.ବି. ମେଡ଼ିକାଲ କଲେଜ, କଟକ, ଓଡ଼ିଶା,
ମୋ : ୯୪୩୭୦୫୧୯୫୭


# ସ୍ମୃତି ଶତଦଳ ୨୮

(ପୂର୍ବ ପ୍ରକାଶିତ ଉତ୍ତାରୁ)

## କବି ସମ୍ମିଳନୀ-୩



## ଡା. ସରୋଜିନୀ ଷଡଙ୍ଗୀ


♥ ଲିଙ୍କ୍‌ରୋଡ଼, କଟକ-୧୨
(ମୋ) -୯୪୩୭୦୫୫୦୦୭


**ସଂଗୀତର ଚମତ୍କାର ଯାଦୁକରୀ ଶକ୍ତିଟିଏ ଅଛି, କିନ୍ତୁ ତା'ଠାରୁ ଅଧିକ ଯାଦୁକରୀ ଶକ୍ତିଅଛି ଲିରିକ୍ ବା' ଗୀତି କବିତାରେ ଯାହା ମୁହୂର୍ତ୍ତକ ମଧ୍ୟରେ ଶ୍ରୋତାକୁ ଟାଣି ନେଇ ଯାଇପାରେ ସ୍ୱପ୍ନ ରାଇଜର ଅମରାବତୀକୁ ।**

କବି ହୃଦୟରେ ଶୁଦ୍ଧ ଆବେଗର ସ୍ଫୁରଣ ନ ହେଲେ, ଭାବ, ଭାଷାର ମଧୁର ମୁହୂର୍ତ୍ତଟିଏ ଜନ୍ମ ନ ନେଲେ କବିତାର ଅଂକୁରୋଦ୍‌ଗମ୍ ହୁଏ ନାହିଁ । ଯେମିତି କୋମଳ ଚାରାଟିଏ ପାଇଁ ଲୋଡା ହୋଇଥାଏ ମାଟି, ପାଣି, ପବନ ଯେଉଁଥିରେ ସେ ନିଃଶ୍ୱାସ ପ୍ରଶ୍ୱାସନିଏ ଏବଂ ତା'ଭିତରୁ ଆତ୍ମପ୍ରକାଶ କରେ କବିତାର ପାଦପ, ଠିକ୍ ସେମିତି ନିଜ ମନର ଉଚ୍ଛ୍ୱସିତ ଉଲ୍ଲାସଟିଏ କବିତାର ରୂପନେଇ ଆତ୍ମପ୍ରକାଶ କଲେ ମଧ୍ୟ କବି ଚାହିଁଥାଏ କେବଳ କାଗଜ, କାଳି, କଲମ ନୁହେଁ ତା' କବିତା ସମସ୍ତେ ଶୁଣନ୍ତୁ ଏବଂ ତା' କବିତାର ଆତ୍ମା ଭିତରୁ କ୍ଷରିତ ହୋଇଥିବା ଭାଷାଟିକୁ ମଧ୍ୟ ସମସ୍ତେ ଶୁଣନ୍ତୁ । ସେଥିପାଇଁ କବି ସମ୍ମିଳନୀମାନଙ୍କରେ କବିତାଟିଏ ଆବୃତ୍ତି କରିବାକୁ ସମସ୍ତେ ଚାହିଁ ବସିଥାନ୍ତି । ଏବେ ଅବଶ୍ୟ ମିଡିଆମାନେ ଆକ୍ଟିଭ ହେବା ଯୋଗୁଁ କିଛି କବି ସମ୍ମିଳନୀକୁ ଦର୍ଶକ ମାନେ ଦେଖି ପାରୁଛନ୍ତି ଓ ଶୁଣି ମଧ୍ୟ ପାରୁଛନ୍ତି ।

ତେଣୁ ଅଲ ଇଣ୍ଡିଆ ରେଡିଓରେ ହେଉଥିବା କବି ସମ୍ମିଳନୀକୁ ମୁଁ ଆନନ୍ଦର ସହ ଅପେକ୍ଷା କରିଥାଏ । ତନ୍ମଧ୍ୟରୁ ଅନୁଗୁଳରେ ହୋଇଥିବା ରାଜ୍ୟସ୍ତରୀୟ କବି ସମ୍ମିଳନୀ କଥା ଉଲ୍ଲେଖଯୋଗ୍ୟ । ଅନେକ ବରିଷ୍ଠ କବିଙ୍କ ମଧ୍ୟରୁ ମତେ ମଧ୍ୟ ନିମନ୍ତ୍ରଣ କରାଯାଇଥିଲା । କିନ୍ତୁ ଏଗୁଡିକ ରବିବାର ଦିନ ହେଉଥିବାରୁ ମତେ ଟିକେ ଅସୁବିଧା ହେଉଥିଲା କାରଣ ସେଦିନ ମୋର ରୋଗୀ ସଂଖ୍ୟା ବଢିଯାଏ । ତଥାପି ଅନେକ କବି ଅଲ ଇଣ୍ଡିଆ ରେଡିଓ ତରଫରୁ ଯାଇ ବହୁ ଆଗରୁ ପହଞ୍ଚି ବିଶ୍ରାମ ନେଇଥିଲେ ଓ ଅପରାହ୍ନରେ ଚା' ପିଇ ଅନୁଗୁଳର ନାଲକୋ ଅଡିଟୋରିୟମ ଭିତରେ ପହଞ୍ଚି ଯାଇଥିଲେ । ସଂଧ୍ୟା ୭ଟାରେ ପ୍ରୋଗ୍ରାମ୍, ମୋର ରୋଗୀ ଦେଖା ସାରି ବାହାରିଲା ବେଳକୁ ପ୍ରାୟ ୪ଟା ବାଜି ଯାଇଥିଲା । ଡଃ ରମାରମଣ ଖୁବ୍ ସ୍ପିଡ ସହ ନେଇ ସଂଧ୍ୟା ୭ଟା ସୁଦ୍ଧା ନାଲ୍‌କୋ ଅଡିଟୋରିୟମ୍ ପାଖରେ ପହଞ୍ଚାଇ ଦେଲେ । ମୁଁ ପ୍ରଥମେ ଅଡିଟୋରିୟମ୍‌ର ବିଶାଳତା ଦେଖି ଖୁସିରେ ଉଲ୍ଲସିତ ହୋଇ ଯାଇଥିଲି । ଅବଶ୍ୟ ମୋ ପାଖକୁ ଅନୁଗୁଳରୁ ବିଶେଷ ଭାବେ ନାଲ୍‌କୋରୁ ଅନେକ ରୋଗୀ ଯାଆନ୍ତି । କିନ୍ତୁ ମୁଁ ଜାଣିନଥିଲି ନାଲ୍‌କୋ ଏତେ ଦୂର ଏବଂ ବିଶେଷ ଭାବରେ ଅନୁଗୁଳର ଅନତି ଦୂରରେ ନାଲ୍‌କୋ ନଗରର ଏ ବିଶାଳତା ।

ଷ୍ଟେଜ୍ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ପ୍ରତିମୂର୍ତ୍ତିଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରାଗଲା । ତା'ପରେ ପ୍ରାରମ୍ଭିକ ସଂଗୀତ ଗାନ, 'ବନ୍ଦେ ଉତ୍କଳ ଜନନୀ' ଠାରୁ ଆରମ୍ଭ ହୋଇଥିଲା । ପରବର୍ତ୍ତୀ କାର୍ଯ୍ୟକ୍ରମ ଥିଲା ସଂଗୀତ ଓ କବିତାର ଯୁଗଳବନ୍ଦୀ କାର୍ଯ୍ୟକ୍ରମ । ତିନୋଟି ସଂଗୀତ ପରେ ଜଣେ ଲେଖାଏଁ ନିମନ୍ତ୍ରିତ କବି ଷ୍ଟେଜ୍ ଉପରକୁ ଯାଇ ନିଜର କବିତା ପଢୁଥିଲେ । ସେ ସଂଗୀତ ଗୁଡିକ ପ୍ରଖ୍ୟାତ ସଂଗୀତଜ୍ଞମାନେ ଗାଇଥିଲେ ଏବ ସଂଗୀତ ଗୁଡିକ କେବଳ ପୁରାତନ ରଚନାରୁ ହିଁ ବୋଲା ଯାଉଥିଲେ । ମୁଁ ବିହ୍ୱଳ ହୋଇ ଯାଉଥିଲି ସେହି ପିଲାଦିନର ପୁରୁଣା ସଂଗୀତ ଶୁଣିଶୁଣି, ବିଶେଷ ଭାବରେ ଗୁରୁ କୃଷ୍ଣ ଗୋସ୍ୱାମୀ ଓ ଜୀବନାନନ୍ଦ ପାଣି ଙ୍କର ଲିରିକ୍ ଥିବା ଗୀତ ଶୁଣି ମୁଁ ହଜି ଯାଉଥିଲି । ମୋର ଭାବାବେଗର ଉଦ୍‌ବେଳନ ହେଲା ଯେତେବେଳେ ଜୀବାନନ୍ଦ ପାଣିଙ୍କର ଲିରିକ୍ ଜଣେ ସଂଗୀତଜ୍ଞ ଗାଇଲେ 'ଝରିଯିବ ଯେବେ ବୟସର ଫୁଲ, ତନ୍ଦ୍ରା ଆସିବ ଘେରି, ତୋଳିନିଅ ବୁକେ ଏଇ ଗୀତି ମମ ନୟନେ ସ୍ୱପ୍ନ ଭରି ।'

ସତରେ ବୟସର ଫୁଲ ଝରିଗଲେ ତନ୍ଦ୍ରା ତ' ନୟନ ପଟଳକୁ ଛୁଇଁଯିବ ଏବଂ ସବୁ ମାୟା, ସବୁ ବନ୍ଧନ, ସବୁ ବେଗ ଓ ଆବେଗ ତ' ଅସ୍ତମିତ ହୋଇଯିବ , ତେବେ ପୁନରାୟ ସୁନ୍ଦର ସ୍ୱପ୍ନଟିଏ କ'ଣ ଆଖି ଉପରକୁ ସତରେ ନଇଁ ଆସିବ ? ସଂଗୀତର ତ' ଚମତ୍କାର ଯାଦୁକରୀ ଶକ୍ତିଟିଏ ଅଛି, କିନ୍ତୁ ତା'ଠାରୁ ଅଧିକ ଯାଦୁକରୀ ଶକ୍ତିଅଛି ଲିରିକ୍ ବା' ଗୀତି କବିତାରେ ଯାହା ମୁହୂର୍ତ୍ତକ ମଧ୍ୟରେ ଶ୍ରୋତାକୁ ଟାଣି ନେଇ ଯାଇପାରେ ସ୍ୱପ୍ନ ରାଇଜର ଅମରାବତୀକୁ । ମନେ ପଡିଗଲା ସ୍କୁଲରେ ପଢୁଥିବା ବେଳେ କିଛି ମଧ୍ୟ ମିଡିଆ ନଥିଲା । ଟି.ଭି ମଧ୍ୟ ନଥିଲା । କେବଳ ରେଡିଓଟିଏ ସମସ୍ତଙ୍କ ପାଖରେ ଥାଏ ନିଉଜ ଶୁଣିବା ପାଇଁ । ନନା ଓ ବୋଉ ପ୍ରତିଦିନ ସକାଳେ ଦିଲ୍ଲୀରୁ ସର୍ବ ଭାରତୀୟ ନିଉଜ ଓ ଓଡିଶା ନିଉଜ ଶୁଣନ୍ତି । ରବିବାର ଦିନ ଖରାବେଳେ ମୁଁ ସେଥିରୁ ସୁଗମ ସଂଗୀତ ଶୁଣେ । ସୁଗମ ସଂଗୀତରେ ଭଲ ସ୍ୱର ଥିବା ଗୀତ ତ' ମତେ ଭଲ ଲାଗେ କିନ୍ତୁ ଆହୁରି ଭଲଲାଗେ ଗୀତର ଲିରିକ୍ ବିଶେଷ ଭାବରେ ଗୁରୁକୃଷ୍ଣ ଗୋସ୍ୱାମୀ, ଜୀବନାନନ୍ଦ ପାଣି ଓ ନାରାୟଣ ପ୍ରସାଦ ସିଂ ଯେଉଁମାନେ ଶରୀର ତ୍ୟାଗ କରିବା ପରେ ମଧ୍ୟ ଆଜି ପର୍ଯ୍ୟନ୍ତ ଜୀଇଁ ରହି ଛନ୍ତି ତାଙ୍କ ଲିରିକ୍ ମାଧ୍ୟମରେ । ଲକ୍ଷ ଲକ୍ଷ ଶ୍ରୋତା ତାଙ୍କ ଲିରିକ୍ ଥିବା ଗୀତ ଶୁଣି ବିହ୍ୱଳ ହୋଇ ଯାଉଥିଲେ । ନ୍ତପାଠ ନପଢି କାହିଁକି ଗୀତ ଶୁଣୁଛୁନ୍ତ ବୋଲି ବୋଉଠାରୁ ମୃଦୁ ମୃଦୁ ଗାଳି ଶୁଣିଛି କିନ୍ତୁ ଲିରିକ୍ ଆଗରେ ସେ ଗାଳି କିବା ଛାର । ଏବେ ମଧ୍ୟ କେତୋଟି ହିନ୍ଦୀ ଗୀତର ଲିରିକ୍ ସଂଗୀତ ଅପେକ୍ଷା ମତେ ଅଧିକ ମନ୍ତ୍ର ମୁଗ୍ଧ କରେ । (କ୍ରମଶଃ)

## ଧାରାବାହିକ ଅନୁବାଦ ଉପନ୍ୟାସ-(୨୨)

# ମାଆ



ମୂଳ ମରାଠୀ :
ଉତ୍ତମ କାମ୍ବଳେ





ଅନୁସୃଜନ:
ନନ୍ଦିତା ମହାନ୍ତି

(ପୂର୍ବ ପ୍ରକାଶିତ ଉତ୍ତାରୁ)

(୨୨)

"ତୋ ମାଆର ନାଁ କଣ ?"

କାହାର ସରଳ ପ୍ରଶ୍ନର ଉତ୍ତରରେ ମୁଁ କହୁଥିଲି "ଇଲନ୍ଦା ।"

"ଇଲନ୍ଦା ? ଏଇଟା କେମିତି ନା ? ମରାଠୀ ନାଁପରି ତ ଲାଗୁନି ।"

"ମୁଁ କହି ପାରିବିନି ।"

"ଏଇ ନାଁ ମହାରାଷ୍ଟ୍ରର ବୋଲି ଲାଗୁନାହିଁ ।"

"ମୁଁ ଜାଣେ ନାହିଁ ।"

"ଏଇଟା ଆଉ କର୍ଣ୍ଣାଟକୀ ନାଁ କି ?"

"ଜାଣେନା ।"

"ଏଇ ନାଁର ଅର୍ଥ କଣ ?"

"ମୁଁ କହି ପାରିବିନି ।"

"ଇଏ ତ ବଡ଼ ଆଶ୍ଚର୍ଯ୍ୟ କଥା ।"

"ହଁ, ସେମିତି ଲାଗୁଛି ହେଲେ ସେଥିପାଇଁ କଣ କରାଯାଇପାରିବ ।"

ଅନେକ ସମୟରେ କୌଣସି ଶାସକୀୟ ଆବେଦନ ପାଇଁ ବିବରଣୀ ଦେବା ସମୟରେ ସାମ୍ନାରେ ବସିଥିବା ବ୍ୟକ୍ତି ଏଇ ଅପରିଚିତ ନାଁ ଶୁଣି ଘାବରେଇ ଯାଏ । କିଛି ଲୋକ ଭାବନ୍ତି ଯେ ମାଆର ନାଁ ଲେଖିବାବେଳେ ମୁଁ କିଛି ଭୁଲ୍ କରି ଦେଇଛି । କିନ୍ତୁ ନାଁ ଠିକ୍ ଅଛି ବୋଲି କହିଲେ ସେମାନେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ଯାଇଥାନ୍ତି । ଏମିତି ଗୋଟେ ନାଁ କ'ଣ ମ ? କେବେ ଶୁଣିଲା ପରି ତ ଲାଗୁନି । ବାପାଙ୍କର ମୃତ୍ୟୁ ପରେ, ସାନ ଭାଇ ରମେଶ ଯେତେବେଳେ ପେନ୍‌ସନ୍‌ର କାଗଜପତ୍ର ପୂରଣ କରିବାକୁ ଗଲା ସେତେବେଳେ 'ଇଲନ୍ଦା' ନାଁ ପଢି ଅଧିକାରୀମାନେ ବି ଆଶ୍ଚର୍ଯ୍ୟ ହୋଇଗଲେ । ସେତେବେଳେ 'ଇଲନ୍ଦା' ନାମ ରଖିଥିବା ଲୋକର ସପ୍ତପୁରୁଷ ଉଝାଳି ଥିଲା ରମେଶ ।

ମୋର ଖାଲି ଏତିକି ମନେଅଛି, ବାପଘରେ ଅଜାଆଈ ତାକୁ କେବେ କେବେ ଗେହ୍ଲାରେ ଇଲୁ , ଇଲଗ୍ୱା ବୋଲି ଡାକୁଥିଲେ । ହେଲେ ତାର ଅର୍ଥ କଣ, ସେ କଥା ମାଆକୁ ଜଣା ନଥିଲା । ମାଆବାପା ନାଁ ରଖିଲେ, ତାର ଅର୍ଥ ପଚାରିବା କଣ ଦରକାର.. କେବଳ ଏତିକି କହି ଦେଇ ମାଆ ସେକଥାକୁ ଟାଳି ଦେବାକୁ ଚେଷ୍ଟା କରେ । ମୁଁ କିନ୍ତୁ ସେଇ ନାଁର ପିଛା ଛାଡ଼ି ନଥିଲି । ସେଇ ନାଁର ଅର୍ଥ ଜାଣିବା ପାଇଁ ଯଥାସାଧ୍ୟ ଚେଷ୍ଟା କରୁଥିଲା । ମୋତେ ଲାଗୁଥିଲା ଏହା ଏକ କନ୍ନଡ଼ ଶବ୍ଦ ହେଉଥିବ । ମୋର ମାମୁଁ ଘର ଏମିତିରେ ମହାରାଷ୍ଟ୍ର, କର୍ଣ୍ଣାଟକ ସୀମାରେ ଥିଲା । ସେଇ ଗାଁରେ ଅନେକ ଲୋକ କନ୍ନଡ଼ ଭାଷାରେ କଥାବାର୍ତ୍ତା କରୁଥିଲେ । ସେଠାକାର ସଂସ୍କୃତିରେ କନ୍ନଡ଼ ସଂସ୍କୃତି ପ୍ରତିବିମ୍ବିତ ହେଉଥିଲା । ଇଲ ଓ ଅନ୍ଦା, ଇଲନ୍ଦା ଶବ୍ଦର ସନ୍ଧି-ବିଚ୍ଛେଦ କଲେ ତାର ଅର୍ଥ 'କହି ନାହିଁ' ଅଥବା 'ଦରକାର ନାହିଁ' ହିଁ ଆସୁଥିଲା । ହେଲେ ଏହା ମୋତେ ନିରର୍ଥକ ଲାଗୁଥିଲା । ବିଶ୍ୱ ଶବ୍ଦକୋଷ ଦେଖିଲି, ସଂସ୍କୃତି କୋଷ ଦେଖିଲି । ପ୍ରାଚୀନ ଲୋକଗୀତର କଥାଗୁଡ଼ିକରେ ଏପରି ଶବ୍ଦ କେଉଁଠି ଦେଖାଯାଏ କି, ଜାଣିବାକୁ ଚେଷ୍ଟା କଲି । ମରାଠୀ ଭାଷାରେ କିଛି ବିଶେଷଜ୍ଞଙ୍କୁ ବି ପଚାରିଲି । ହୁଏତ ଏକ ଯୁଗ୍ମଶବ୍ଦ ହୋଇଥିବ, କୌଣସି ଶବ୍ଦର ଅପଭ୍ରଂଶ ମଧ୍ୟ ହୋଇଥାଇ ପାରେ, ଏହିପରି ଉତ୍ତର ମିଳୁଥିଲା । ହେଲେ ଆକ୍ଷରିକ ଅର୍ଥ ଜଣାପଡୁନଥିଲା । ସେଇ ନାଁର ଅର୍ଥ ଜାଣିବା ମୋ ପାଇଁ ଏକ ବିରାଟ ଉତ୍ସୁକତାର କାରଣ ହୋଇଯାଇଥିଲା । ଶେଷରେ ଦିନେ ମାମୁଁଙ୍କୁ ଫୋନ୍ ଲଗେଇଲି ହେଲେ ସିଏ ବି ଏହାର ଅର୍ଥ କହି ପାରିଲେନି । ସିଏ କହିଲେ, 'ତୋର ବଡ଼ ମାଉସୀକୁ ପଚାର ।" ବଡ଼ ମାଉସୀ ସୁଶୀଳା ଇଚଲକରଞ୍ଜିରେ ରହୁଥିଲେ । ତାଙ୍କର ବୟସ ୭୫ ପାଖାପାଖି ହୋଇଯାଇଥିଲା । ଫୋନ୍‌ରେ ତାଙ୍କ ସହିତ କଥାବାର୍ତ୍ତା ହେଲି । ସିଏ କହିଲେ, "ଆମ ବାବାଙ୍କର ଜଣେ ସମ୍ପର୍କୀୟ ଭଉଣୀ ଏଇ ନାଁ ରଖିଥିଲେ ।"

ମୁଁ କହିଲି, "ଠିକ୍ ଅଛି ମାଉସୀ, ହେଲେ ଏଇ ନାଁର ଅର୍ଥ କଣ ?" ସିଏ କହିଲେ,"କଣ ଗୋଟେ ହୋଇଥିବ । କୌଣସି ଏକ ନାଁ ରଖିବାକୁ ପଡେ, ସେଇଥିପାଇଁ ରଖାଯାଇଛି ।"

ମାଉସୀ କହୁ କହୁ ସିଧା ସପାଟ ସ୍ୱରରେ ଏଇ କଥା କହିଦେଲେ ଯେ ଜୀବନର ପ୍ରତ୍ୟେକ କ୍ଷେତ୍ରରେ, ଏଠାକାର ବ୍ୟବସ୍ଥା କେଉଁ ସ୍ତର ଯାଏଁ ବୈଷମ୍ୟତାକୁ ଖୁନ୍ଦି ଖୁନ୍ଦି ଭର୍ତ୍ତିକରିଦେଇଛି । ଗାଁରେ ମୋର ସମବୟସ୍କ କିଛି ପିଲାଙ୍କର ନାଁ ଥିଲା ଦୁଷ୍କାଳ୍ୟା (ଦୁର୍ଭିକ୍ଷ ସହିତ ଜଡ଼ିତ), ଉକୀରଣ୍ଡ୍ୟା (ଅଳିଆ, ଆବର୍ଜନା ଉପରେ ଆଧାରିତ), କଚରାୟା (ଅଳିଆ ସହିତ ସମ୍ବନ୍ଧିତ), ଝିପରି (ଅଡୁଆ ଚୁଟିବାଲା), ଚିଂଘି (ଛିଣ୍ଡା କପଡ଼ା), ଝିଙ୍ଗରିୟା (ବାଲୁଙ୍ଗା), ହାଡ଼ାବ୍ୟା (ଦଳିତ ଜାତି ସମ୍ବନ୍ଧିତ), ଏମିତି ନାଁ ସବୁର ଜନ୍ମ କେମିତି ହୁଏ ସେ କଥା ମୋତେ ମନୁସ୍ମୃତି ପଢ଼ି ଜଣାପଡ଼ିଲା । ଆଉ ଆଶ୍ଚର୍ଯ୍ୟ ବି ଲାଗିଲା । ବ୍ରାହ୍ମଣମାନଙ୍କର ନାମ ଶୁଭର ପ୍ରତୀକ, କ୍ଷତ୍ରିୟମାନଙ୍କ ନାମ ଶକ୍ତିର ପ୍ରତୀକ, ବୈଶ୍ୟମାନଙ୍କର ନାମ ଧନର ପ୍ରତୀକ ଆଉ ଶୁଦ୍ର ତଥା ନିମ୍ନ ଶୁଦ୍ରମାନଙ୍କର ନାଁ ନିନ୍ଦାର ପ୍ରତୀକ ହେବା ଉଚିତ୍ । ଏଇ ଉଲ୍ଲେଖ ମନୁ ହିଁ କରିଛନ୍ତି ? ଅର୍ଥାତ୍ ନାଁର ମାମଲାରେ ବି ମାଆ ମନୁସ୍ମୃତି ଦ୍ୱାରା ନିଆଯାଇଥିବା ଏକ ବଳି ନୁହେଁ କି ? ମାଆ ସ୍ୱୟଂ ନାଁର ମାମଲାରେ ବଳି ଚଢି ଯାଇଛି, ହେଲେ ସିଏ ନିଜ ପିଲାମାନଙ୍କର ନାଁ ଉତ୍ତମ, ସୁଦାମ, ରମେଶ, ଶକୁନ୍ତଳା । ଆଉ ପ୍ରଭାବତୀ ରଖିଛି । ମୁଁ ତା ଠାରୁ ବି ଆଉ ପାଦେ ଆଗକୁ ଚାଲିଗଲି । ଆଉ ମୋ ପୁଅର ନାଁ ରଖିଦେଲି ଚାର୍ବାକ୍ ।

ଯାହା ବି ହୋଇଯାଉ, ମାଆର ନାଁ ପଛରେ ଥିବା ଅର୍ଥକୁ ଖୋଜିବାର ପ୍ରୟାସ ମୁଁ ଛାଡ଼ି ନଥିଲି । ଏଇ ନାଁର ଆଖପାଖ ଅର୍ଥ ଥିବା, କିମ୍ବା ମାଆର ନାଁର ସାଦୃଶ୍ୟ ଥିବା ଶବ୍ଦ ମୁଁ ଖୋଜି ଲିଥିଲି । ଇଳା ଅର୍ଥାତ୍ ପୃଥିବୀ, ଇଳା, ଅର୍ଥାତ୍ ବୈବସ୍ୱତ ମନୁଙ୍କର କନ୍ୟା, ଇଲୟୁତ ତାମିଲନାଡୁରେ ରହୁଥିବା ଏକ ଜାତି, ଇଲିକେ କର୍ଣ୍ଣାଟକରେ ବାସ କରୁଥିବା ଏକ ଜାତି ତଥା ଇଲମର ଅର୍ଥ ଜ୍ଞାନ । ୟା' ଭିତରୁ କୌଣସି ନାଁ, ମାଆର ନାଁର ଆଖ-ପାଖରେ ବି ପହଞ୍ଚିପାରୁ ନଥିଲେ । ବେଲଗାଁଓରେ ମୋ ମିତ୍ର ଡାକ୍ତର ବିନୋଦ ଗାଇକ୍ୱାଡ଼, ପୁନାର ବିଦ୍ୱାନ ରା.ଚିଂ. ଢ଼େରେଙ୍କ ସହିତ ବିଚାର ବିମର୍ଶ କଲି । ସେମାନେ କହିଲେ, ଆମେ ଖୋଜିବୁ । ଆହୁରି ଜଣାଶୁଣା ଲୋକଙ୍କ ସହିତ କଥାବାର୍ତ୍ତା ହେଲି ହେଲେ ହାତକୁ କିଛି ଆସୁ ନଥିଲା । ବିନୋଦ ବେଲଗାଁଓ ଓ ଧାରୱାଡ଼ର ଅନେକ କନ୍ନଡ଼ ଅଧ୍ୟାପକଙ୍କ ସହିତ ବିଚାରବିମର୍ଷ କଲେ । କନ୍ନଡ଼ ନିଘଣ୍ଟୁ, କନ୍ନଡ଼-ଇଂରାଜୀ ଶବ୍ଦକୋଷ ମଧ୍ୟ ଦେଖିଲି । ଇଲିନ୍ଦାର ଅର୍ଥ 'ଏଇ ସ୍ଥାନର', 'ଏଠାକାର', 'ଭୂମିକନ୍ୟା' ଆଦି ଦିଆଯାଇଥିଲା । 'ଇଲ୍ଲି + ଅନ୍ଦା = ନ କୋଣୀ ଅର୍ଥାତ୍ 'ଯାହାର ଆବଶ୍ୟକତା ନାହିଁ' ମିଳିଲା ହେଲେ ଏ ସବୁ ଶବ୍ଦ ଇଲନ୍ଦାର ଆଖପାଖରେ ଥିଲା । 'ଇଲନ୍ଦା' ଶବ୍ଦର ଅର୍ଥ ମିଳୁ ନଥିଲା । ୟଲ୍ଲମ୍ମା ଶବ୍ଦର ଅପଭ୍ରଂଶ ବି ଇଲନ୍ଦା ହୋଇପାରେ । ହେଲେ ୟଲ୍ଲମ୍ମା ଓ ଇଲନ୍ଦା ଶବ୍ଦର ପ୍ରକୃତିରେ ଅତ୍ୟଧିକ ଅନ୍ତର ଥିଲା । ହେଲେ ବି ଯଦି ପର୍‌ମାର ପୱାର୍, ଯୋଗୀ ଯୋଗୀ, ହୋଇପାରିଲା ତେବେ ୟଲ୍ଲମ୍ମା ବି ଇଲନ୍ଦା ହୋଇପାରିବ । ଏହିପରି ଏକ ତର୍କ ବିନୋଦ ନିଜର ପଠେଇଥିବା ଚିଠିରେ ଦେଇଥିଲା । ଢ଼େରେ ସାର୍‌ଙ୍କ ସାଙ୍ଗେ ବି କଥାବାର୍ତ୍ତା ହୋଇଥିଲା । ହେଲେ ସିଏ ଯେ ଚିଠି ପଠେଇବେ ସେ ଆଶା ନଥିଲା । ହେଲେ ଆଶ୍ଚର୍ଯ୍ୟର କଥା ହେଲା ତାଙ୍କର ପତ୍ର ଆସିଲା, ମାଆଙ୍କ ନାମର ଅର୍ଥର ଯାଞ୍ଚ ଜଣେ ବରିଷ୍ଠ ଗବେଷକ କରିବା ପ୍ରକୃତ ପକ୍ଷେ ଏକ ଖୁସିର ବିଷୟ ଥିଲା । ସାର୍‌ଙ୍କର ୨୬ ଜୁନ ୨୦୦୬ରେ ଲେଖାଯାଇଥିବା ପତ୍ର ମୋତେ ୨୮ ଜୁନ ୨୦୦୬ରେ ମିଳିଲା । ସାର୍‌ଙ୍କର ମତ ଅନୁସାରେ, "ଆପଣଙ୍କର ମାଆଙ୍କ ନାମ କନ୍ନଡ଼ ଭାଷାରୁ ଉତ୍ପନ୍ନ, ଏହା ଆପଣଙ୍କର ମତ" । ମୋତେ ଲାଗୁଛି, ତାକୁ ଆଧାର କରି ମୁଁ କିଛି ନିର୍ଣ୍ଣାୟକ ସୂତ୍ରରେ ପହଞ୍ଚିପାରିଛି । ଆପଣଙ୍କୁ ଠିକ୍ ଲାଗୁଛି ନା ନାହିଁ ଦେଖନ୍ତୁ । କନ୍ନଡ଼ ଭାଷାରେ ଇଲୁ-ଇଲ୍ଲୁ-ଇଲ୍‌ର ଅର୍ଥ ହେଉଛି ପ୍ରେମ, ପସନ୍ଦ, ଆସ୍ଥା ଇତ୍ୟାଦି । ବାଟରେ ଯିବାଆସିବା ସମୟରେ କାନରେ ପଡିଥିବା ଗୋଟେ ହିନ୍ଦୀ ସିନେମାର ଗୀତରେ ମନୋରଞ୍ଜନ ପାଇଁ ପ୍ରୟୋଗ କରାଯାଇଥିଲା ଗୋଟେ ଶବ୍ଦ 'ଇଲୁ' ଅର୍ଥାତ୍ ପ୍ରେମ ବୋଲି କୁହାଯାଇଛି । କନ୍ନଡ଼ ଭାଷାରେ 'ଦ' ଷଷ୍ଠୀ ପ୍ରତ୍ୟୟ (ମରାଠୀରେ ଖୁଡୀ ପରି) ଅଟେ । ଉଦାହରଣ ନିମନ୍ତେ କର୍ଣ୍ଣାଟକରେ ପଟ୍‌ଟଦକଲ(ସିଂହାସନଶୀଳା) ଏହି ପ୍ରାଚୀନ ସହରର ନାମ ଦେଖନ୍ତୁ ।

କନ୍ନଡ଼ ଶବ୍ଦର ଏହି ଅଧ୍ୟୟନରୁ ଏହା ସ୍ପଷ୍ଟ ହୋଇଥିଲା ଯେ 'ଇଲନ୍ଦା' ନାମର ଅର୍ଥ ହେଉଛି ଯାହାକୁ ଭଲ ପାଇହୁଏ, ନିଜ ପସନ୍ଦର ମଣିଷ ମଧ୍ୟ କୁହା ଯାଇପାରିବ । ମରାଠୀରେ ମହିଳାମାନଙ୍କର 'ଆଓ୍ୱଡ଼ି' ଖୁବ୍ ଚର୍ଚ୍ଚିତ । ପ୍ରଭାତ ଦ୍ୱାରା ନିର୍ମିତ 'ସନ୍ଥ ତୁକାରାମ' ଚଳଚ୍ଚିତ୍ରରେ ସନ୍ଥ ତୁକୋବାଙ୍କର ପତ୍ନୀଙ୍କର ନାମ ଥିଲା ଆଓ୍ୱଡ଼ି ବାଈ । ଏହା କହିବା ନିଷ୍ପ୍ରୟୋଜନ ଯେ, ରାମବଲ୍ଲଭ ଦାସ (ରାଲେସକର, ସୋଲାପୁର) ନାମକ ମରାଠୀ ସନ୍ଥ ଦକ୍ଷିଣ କାନଡ଼ା ଅଞ୍ଚଳରେ ଯେଉଁ ମଠ ସ୍ଥାପନ କରିଛନ୍ତି ତାଙ୍କର ଏହି ଆସ୍ଥାନରେ ଆଓ୍ୱଡ଼ି ନାମକ ଶିଷ୍ୟାଙ୍କର ଆଗମନ ଖୁବ୍ ମହତ୍ୱପୂର୍ଣ୍ଣ । ନାମ ବିଷୟରେ ତର୍ଜମା କରିବା ଦ୍ୱାରା ମୋତେ ଯାହା କିଛି ବି ମିଳିଲା ତାହା ଏତିକି । ଆପଣଙ୍କୁ ଯଦି ମାଆ ବିଷୟରେ ଆଗକୁ କିଛି ଚର୍ଚ୍ଚା କରିବାକୁ ହୁଏ ତେବେ ଏହି ଉଲ୍ଲେଖ ଯେ ଉପଯୁକ୍ତ ହେବ, ଏମିତି ମୋତେ ଲାଗୁଛି ।

ସାର୍‌ଙ୍କର ଚିଠିର ତର୍କରୁ ମୋତେ ଆହୁରି କିଛି ଯୋଗସୂତ୍ର ମିଳୁଥିଲା । ହେଲେ ଏହି ସବୁ ତର୍କ 'ଇଲନ୍ଦା' ନାମର ପାଖାପାଖି ବି ପହଞ୍ଚି ପାରିବେକି ନାହିଁ ସେ ବିଷୟରେ ମୁଁ ଏବେ ମଧ୍ୟ ସନ୍ଦିହାନ । ଦେଖିବାକୁ ଗଲେ ଏତେ ସବୁ ପରେ ବି ଆମେ କେବଳ ତର୍କ ଯାଏ ହିଁ ପହଞ୍ଚି ପାରିଛେ । ମାଆକୁ ବୁଝିବା ଯେତିକି ଦୁଷ୍କର ଥିଲା, ତାର ନାଁକୁ ବୁଝିବା ବି ସେତିକି କଷ୍ଟକର ହୋଇ ଯାଇଥିଲା । (କ୍ରମଶଃ)


♥ ରାଜଭବନ ଡାକଘର,
ଭୁବନେଶ୍ୱର-୮
(ମୋ) ୮୨୪୯୪୩୭୨୭୬

# 'ମନା' ପକ୍ଷରୁ ନିଲୁ ମହାପାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା



ବାଲେଶ୍ୱର:ମିଳିତ ନିଶା ନିବାରଣ ଅଭିଯାନ, ବାଲେଶ୍ୱର ପକ୍ଷରୁ ଶ୍ରୀଯୁକ୍ତ ନିଲୁ ମାହାପତ୍ର, ଅତିରିକ୍ତ ଜିଲ୍ଲାପାଳଙ୍କ ବିଦାୟକାଳୀନ ସଭା ଆଇନଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ନେଳିଆବାସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ନିଲୁ ମାହାପତ୍ର ଉପ-ଜିଲ୍ଲାପାଳ, ଏ.ପି.ଡ଼ି ଓ ପରେ ଅତିରିକ୍ତ ଜିଲ୍ଲାପାଳ ଭାବେ ବାଲେଶ୍ୱରରେ କାର୍ଯ୍ୟକରି କେନ୍ଦ୍ରାପଡ଼ାରେ ଅତିରିକ୍ତ ଜିଲ୍ଲାପାଳ ଭାବେ ଯୋଗଦେଉଥିବା ସଭାପତି ସୂଚନା ଦେଇଥିଲେ । ଦୀର୍ଘ ୭ବର୍ଷ ମଧ୍ୟରେ ସେ 'ମନା' ପରିବାର ସହ ଜଡ଼ିତ ଥିଲେ ଓ 'ମନା'ର ସଚେତନତା ଶିବିରରେ ଯୋଗ ଦେଇ ଉତ୍ସାହିତ କରୁଥିଲେ ବୋଲି ସ୍ମରଣ କରି ତାଙ୍କର 'ମନା' ସହ ସଂପର୍କ ଅତୁଟ ରହିବ ବୋଲି କହିଥିଲେ । ସାଧାରଣ ସଂପାଦିକା ମମତା ମହାପାତ୍ର ନିଲୁ ମହାପାତ୍ରଙ୍କୁ ଜଣେ ଲୋକପ୍ରିୟ ଶାସକ ଭାବେ ଚିତ୍ରଣ କରି ତାଙ୍କର ବିଦାୟ ଦୁଃଖଦାୟକ ବୋଲି ପ୍ରକାଶ କରିଥିଲେ । ଉପଦେଷ୍ଟା ସୁବ୍ରତ କର ନିଲୁ ମହାପାତ୍ର ଅତିରିକ୍ତ ଶାସନ ସଚିବ ସହ ଅତିରିକ୍ତ ଜିଲ୍ଲାପାଳ ଭାବେ ପଦୋନ୍ନତି ପାଇ ଯାଉଥିଲେ ବି 'ମନା' ପ୍ରତି ତାଙ୍କର ଆନ୍ତରିକତା ଅତୁଟ ରହିବ ବୋଲି ଆଶା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ. କେଶବ ଚରଣ ପଣ୍ଡା, ନିରଞ୍ଜନ ପରିଡ଼ା, ଡ. କ୍ଷିତିଶ୍ୱର ଦାଶ, କୁମୁଦରଞ୍ଜନ ଗିରି, ଅକ୍ଷୟ ତ୍ରିପାଠୀ, କମଳାକାନ୍ତ ଦାଶ, ଗୌରାଙ୍ଗ ପାଣିଗ୍ରାହୀ, ଅର୍ଚ୍ଚନା ନନ୍ଦୀ ଓ ଭାରତୀ ପଣ୍ଡା ପ୍ରମୁଖ ବିଦାୟୀ ଅତିରିକ୍ତ ଜିଲ୍ଲାପାଳଙ୍କର କାର୍ଯ୍ୟକାଳକୁ ପ୍ରଶଂସା କରିବା ସହ ସେ ଜଣେ ଭଲ ମଣିଷ ଥିଲେ ବୋଲି କହିଥିଲେ । ବିଦାୟୀ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସେ ଯଥା ସମ୍ଭବ ଲୋକସେବା କରି ଆନନ୍ଦ ସହିତ ଶାନ୍ତି ପାଇଛନ୍ତି ଓ ଏହି ଭାବଧାରା ଅତୁଟ ରଖିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । 'ମନା' ପକ୍ଷରୁ ତାଙ୍କୁ ମାନପତ୍ର ଓ ଉତରୀୟ ଦେଇ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପ୍ରସନ୍ନ କୁମାର ପାଢ଼ୀ, ରବିନରାୟଣ ଭୋଳ, ସନାତନ ଦାସ, ଗୀତାଞ୍ଜଳି ସିଂହ, ପ୍ରଣିତା ମିଶ୍ର, ଶଶାଙ୍କ ଶେଖର ଦତ, ରବି କୁମାର ପାଣିଗ୍ରାହୀ, ଗଙ୍ଗାଧର ଦାସ, ପୂର୍ଣ୍ଣଚନ୍ଦ୍ର ବେହେରା, ଯୋଗେଶ ଚନ୍ଦ୍ର ପ୍ରଧାନ, ରମେଶଚନ୍ଦ୍ର ଜେନା, ସ୍ନେହଲତା ପତି, ସରସ୍ୱତୀ ପଣ୍ଡା, ସଂଯୁକ୍ତା ବେହେରା, ସୀତାରାମ ପ୍ରଧାନ ଓ ବସନ୍ତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ବେଣୁଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସହୋଦର ସାହିତ୍ୟାୟନର ୫ମ ସଂସ୍କରଣ ଲୋକାର୍ପିତ

ଭଦ୍ରକ, ୨୦/୦୫ (ନି.ପ୍ର): ପଥ ପ୍ରାଚୀର ସାହିତ୍ୟ ପତ୍ରିକା 'ସହୋଦର ସାହିତ୍ୟାୟନ'ର ୫ମ ସଂସ୍କରଣ ଭଦ୍ରକ ନୂଆବଜାର ସ୍ଥିତ ଋତୁରାଜ ଆୟୁର୍ବେଦ ଭବନ ଠାରେ ଲୋକାର୍ପିତ ହୋଇ ଯାଇଛି । କବି କିଶୋର ପାଣିଗ୍ରାହୀ ଅତିଥି ଭାବେ ଯୋଗ ଦେଇ ଏହାକୁ ଲୋକାର୍ପଣ କରିଥିଲେ । ଏହି ଅବସରରେ ବକ୍ତବ୍ୟ ରଖି ସେ କହିଥିଲେ ଯେ ପ୍ରାଚୀରପତ୍ରରେ ପ୍ରକାଶ ପାଉଥିବା କବିତା ସବୁ ବହୁ ଉଚ୍ଚକୋଟୀର ହୋଇଥିବାରୁ ଏହା ପାଠକୀୟ ଆଦୃତି ଲାଭ କରୁଛି । ବିଗତ ୪ଟି ସଂସ୍କରଣକୁ ଅନୁଧ୍ୟାନ କରାଗଲେ ଦିନକୁ ଦିନ ଏହାର ଲୋକପ୍ରିୟତାରେ ଯେ ବୃଦ୍ଧି ଘଟୁଛି, ଏହା ନିଃସନ୍ଦେହ । ତେବେ ଏହା ସାଙ୍ଗକୁ ପାଠକୀୟ ମତାମତ ପାଇଁ ଏକ ଡ୍ରପ୍ ବକ୍ସର ବ୍ୟବସ୍ଥା ହେଲେ ଆହୁରି ସୁନ୍ଦର ହୋଇ ପାରନ୍ତା ବୋଲି ସେ ମତ ଦେଇଥିଲେ । ଏହି ଅବସରରେ ଅନ୍ୟତମ ଅତିଥି ଭାବେ କବି ମୁକ୍ତିକାନ୍ତ ମଲ୍ଲିକ, ସମ୍ପାଦିକା ସୁଜାତା ରାଉତ, ପ୍ରକାଶକ ଅଶୋକ କୁମାର ନାୟକ, ସହସମ୍ପାଦକ ଅକ୍ଷୟ ଜେନା ଓ ଅରୂପାନନ୍ଦ ନାୟକ, କଳା ସମ୍ପାଦକ ଚୂଡ଼ାମଣି ଦାସ ପ୍ରମୁଖ ଯୋଗ ଦେଇ ସାହିତ୍ୟାୟନର ପ୍ରକାଶ କ୍ଷେତ୍ରରେ ସମସ୍ତ କବି, କବୟିତ୍ରୀଙ୍କ ଲେଖା ଅତ୍ୟନ୍ତ ମନୋରମ, ଉଚ୍ଚକୋଟୀର ହେଉଥିବାରୁ ସାଧୁବାଦ ଅର୍ପଣ କରିଥିଲେ । କବି ବିଜୟ ବହଳୀ ସ୍ୱାଗତ ଭାଷଣ ଓ ଧନ୍ୟବାଦ ରଖିଥିବା ବେଳେ ଲୋକାର୍ପଣ ଉତ୍ସବରେ କବି ଅବନୀ ପ୍ରଧାନ, ଗୀତାରାଣୀ ଆଇଚ, ରୂପକ ରାୟ, ଦିପ୍ତୀମୟୀ ନାଥ, ନାଟ୍ୟଶ୍ରୀ ନିର୍ମଳ ରାଉତ, ମାନସ ପଣ୍ଡା ପ୍ରମୁଖ ଏହି ପ୍ରାଚୀରପତ୍ର ପାଇଁ ଭଦ୍ରକ ଜିଲ୍ଲା ବ୍ୟତୀତ ବାଲେଶ୍ୱର, ଯାଜପୁର, କେଉଁଝର ଜିଲ୍ଲାର କବିମାନେ ଲେଖା ଦେଉଥିବାରୁ ଆଗାମୀ ଦିନରେ ଏହାର କଳେବର ବୃଦ୍ଧି ପାଇବା ନିଶ୍ଚିତ ବୋଲି କହିଥିଲେ । ଏହି ସଂସ୍କରଣରେ କବି ରଜନୀକାନ୍ତ ମହାନ୍ତି, ରାଧାରାଣି ମହାପାତ୍ର, ଗୌତମ ମହାରଣା, ମହେନ୍ଦ୍ର ମହାକୁଡ଼, ସ୍ମୃତି ବାନାର୍ଜୀ, କୈଳାସ ଦାସ, ଅକ୍ଷୟ ବରାଳ, ପତିତପାବନ ପାଣି, ମନେରଂଜନ ପାତ୍ର, ରାଜକିଶୋର ସାହୁ, ରବୀନ୍ଦ୍ର ବେହୁରିଆ, ସ୍ରୋତସ୍ୱିନୀ ପରିଡ଼ା, ପ୍ରଦୀପ୍ତ ମହାନ୍ତି, ସୁଭଦ୍ରା ଓଝା ପ୍ରମୁଖଙ୍କ ଲେଖା ସ୍ଥାନିତ ହୋଇଥିବାରୁ ସମ୍ପାଦିକା ଓ ପ୍ରକାଶକ କୃତଜ୍ଞତା ଜ୍ଞାପନ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ଆଗେଇ ଚାଲିଛି ....

ବେଳେ ଦୋଳବେଦୀର ଅସ୍ଥାୟୀ କମାରଶାଳରେ କମାର ସେବକମାନେ ଦଣ୍ଡା ବିଡିଆ କଣ୍ଟା ନିର୍ମାଣ ଜାରି ରଖିଛନ୍ତି । ଅନ୍ୟପଟେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ନୀତି ସବ୍ କମିଟି ବୈଠକ ଆରମ୍ଭ ହୋଇଛି । ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ବୈଠକ ଆରମ୍ଭ । ଆସନ୍ତା ସ୍ନାନ ପୂର୍ଣ୍ଣିମା, ଘୋଷଯାତ୍ରା ନେଇ ପ୍ରସ୍ତୁତ ହେବ ନୀତିକାନ୍ତି । ଏହାସହିତ ଶ୍ରୀମନ୍ଦିର ନୀତି କାନ୍ତିରେ ଶୃଙ୍ଖଳା ଆଣିବା ପାଇଁ ହେଉଛି ଆଲୋଚନା । ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସହ ପରିଚାଳନା କମିଟି ସଦସ୍ୟ ମଧ୍ୟ ବୈଠକରେ ଉପସ୍ଥିତ ।

## କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ....

ସିଦ୍ଦରମେୟା ଓ ଡି.କେ. ଶିବକୁମାର 'ଏକତା ପ୍ରଦର୍ଶନ' କରିଥିଲେ । ଆଜିର ଏହି ଶପଥ ଗ୍ରହଣ ଉତ୍ସବରେ କଂଗ୍ରେସ ମୁଖ୍ୟ ମଲ୍ଲିକାର୍ଜୁନ ଖଡ଼ଗେ, ରାହୁଲ୍ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ତାମିଲ୍‌ନାଡୁର ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନ୍, 'ପିଡିପି' ମୁଖ୍ୟ ମେହ୍‌ବୁବା ମୁଫ୍‌ତି, ଅଭିନେତା ତଥା 'ଏମ୍‌ଏନ୍‌ଏମ୍'ର ମୁଖ୍ୟ କମଲ୍ ହସନ୍, ବିହାରର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଓ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ, ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ୍ ଏବଂ ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁକୱିନ୍ଦର ସିଂହ ସୁଖୁ ଆଦି ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ ।

## ପୁଣି ସୁପ୍ରିମକୋର୍ଟରେ.....

କିନ୍ତୁ କେନ୍ଦ୍ର ସରକାର ଶୁକ୍ରବାର ଅଧ୍ୟାଦେଶ ଦ୍ୱାରା ଟ୍ରାନ୍ସଫର ଓ ପୋଷ୍ଟିଂ ଦାୟିତ୍ୱ ନ୍ୟାଶନାଲ କ୍ୟାପିଟାଲ ସିଭିଲ ସର୍ଭିସ ଅଥୋରିଟିର ବୋଲି କହିଥିଲେ । ଏହି ଅଥୋରିଟିରେ ମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷ ରହିବେ । ଏହାବାଦ ମୁଖ୍ୟ ଶାସନ ସଚିବ ଓ ପ୍ରିନ୍ସିପାଲ ଗୃହ ସଚିବ ଅଥୋରିଟିର ସଦସ୍ୟ ରହିବେ । ସବୁ ପୋଷ୍ଟିଂ ଓ ବଦଳି ସଦସ୍ୟଙ୍କ ଭୋଟ ଆଧାରରେ ହେବ । ମତପାର୍ଥକ୍ୟ ଦେଖାଗଲେ ଉପ ରାଜ୍ୟପାଳ ଚୂଡ଼ାନ୍ତ ନିଷ୍ପତ୍ତି ନେବେ । ଏହାକୁ କେହି ବି ବେଖାତିର କରିପାରିବେ ନାହିଁ ବୋଲି ଅଧ୍ୟାଦେଶରେ କୁହାଯାଇଥିଲା । କେନ୍ଦ୍ର ସରକାରଙ୍କ ଏହି ଅଧ୍ୟାଦେଶ ମେ' ୧୧ରେ ସୁପ୍ରିମକୋର୍ଟ ଦିଲ୍ଲୀ ସରକାରଙ୍କ ସପକ୍ଷରେ ଦେଇଥିବା ରାୟକୁ ଅକାମୀ କରି ଦେଇଛି । ତେଣୁ ଆପ୍ ଏହାକୁ ଅସାମ୍ବିଧାନ କହିଛି ।

## ରାଜଧାନୀକୁ ଜଗିବ....

ଆବଶ୍ୟକ ପଡ଼ିଲେ ଆହୁରି ଆଣିବା ପାଇଁ ବ୍ୟବସ୍ଥା କରାଯିବ । ଏଥିପାଇଁ କର୍ମଚାରୀଙ୍କୁ ଟ୍ରେନିଂ ଦିଆଯାଉଛି । ରାଜଧାନୀରେ ହକି ଓ ଫୁଟବଲ ଇଭେଣ୍ଟ ଡ୍ରୋନକୁ ବ୍ୟବହାର କରାଯାଇପାରିବ । କଣ୍ଟ୍ରୋଲ ରୁମ୍‌ରେ ବସି ଇଭେଣ୍ଟ ଉପରେ ନଜର ରଖାଯାଇପାରିବ । ୨୦୨୪ ନିର୍ବାଚନ ସମୟରେ ଡ୍ରୋନ କ୍ୟାମେରା ବ୍ୟବହାର କରାଯିବ ବୋଲି ଡିସିପି ସୂଚନା ଦେଇଛନ୍ତି ।

## ଏଏସଓ ମେରିଟ୍ ....

ପୂରା ଜଜ୍‌ମେଂଟ କପି ଆସିବା ପରେ ସେମାନେ ପରବର୍ତୀ ପଦକ୍ଷେପ ନେବେ ବୋଲି କହିଛନ୍ତି । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ଗତ ବର୍ଷ ଅଗଷ୍ଟ ମାସରେ ୭୯୬ଟି ଏଏସଓ ପଦବୀ ପାଇଁ ଓଡ଼ିଶା ଲୋକସେବା ଆୟୋଗ ପକ୍ଷରୁ ଲିଖିତ ପରୀକ୍ଷା କରାଯାଇଥିଲା । ଏହା ପରେ ନଭେମ୍ବର ମାସରେ ମେରିଟ ଲିଷ୍ଟ ପ୍ରକାଶ କରାଯାଇଥିଲା । ତେବେ ନଭେମ୍ବର ମାସରେ ଓପିଏସ୍‌ସି ମେରିଟ୍ ଲିଷ୍ଟ ପ୍ରକାଶ କରିବା ପରେ ତ୍ରୁଟିପୂର୍ଣ୍ଣ ମୂଲ୍ୟାୟନ ପଦ୍ଧତି ଅବଲମ୍ବନ କରାଯାଇଥିବା ଅଭିଯୋଗ କରି ଏହା ବିରୋଧରେ ହାଇକୋର୍ଟରେ ଏକାଧିକ ଆବେଦନ କରାଯାଇଥିଲା । ସେଗୁଡ଼ିକର ବିଚାର କରି ହାଇକୋର୍ଟ ଓପିଏସ୍‌ସି ପକ୍ଷରୁ ଜାରି କରାଯାଇଥିବା ମେରିଟ ଲିଷ୍ଟକୁ ଖାରଜ କରି ଦେଇଛନ୍ତି । ଏହା ସହିତ ୨ ମାସ ମଧ୍ୟରେ ସାନି ମେରିଟ ଲିଷ୍ଟ ପ୍ରକାଶ କରିବାକୁ କୋର୍ଟ ଓପିଏସ୍‌ସିକୁ ନିର୍ଦ୍ଦେଶ ଦେଇଛନ୍ତି । ଲିଖିତ ପରୀକ୍ଷାରେ ପିଲାମାନେ ପାଇଥିବା ମୋଟ ମାର୍କ ଆଧାରରେ ସାନି ମେରିଟ ଲିଷ୍ଟ ପ୍ରକାଶ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

## ଅସହ୍ୟ ତାତିରେ..

ଭଦ୍ରକରେ ୪୦.୫ ଡିଗ୍ରୀ, ଯାଜପୁରରେ ୪୦.୨ ଡିଗ୍ରୀ, ବରଗଡ଼ରେ ୪୦ ଡିଗ୍ରୀ, ନୂଆପଡ଼ା ୪୧.୪ ଡିଗ୍ରୀ ଓ ରାଉରକେଲାରେ ୪୦.୬ ଡିଗ୍ରୀ ସେଲସିୟସ ରହିଛି ପାରଦ । ତା'ସହ କିଛି ସ୍ଥାନରେ ଆଜି କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି । କଟକରେ କାଳବୈଶାଖୀ ପ୍ରଭାବରେ ବହୁ ଗଛପତ୍ର ଉପୁଡ଼ି ପଡିଛି । ବଡ଼ ବଡ଼ ଗଛ ଉପୁଡ଼ି ପଡିବା ଯୋଗୁ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି ।

# ବୋଲଂରେ ବଟ ସାବିତ୍ରୀ ମେଳା ଉଦ୍‌ଯାପିତ



ଲଙ୍ଗଳେଶ୍ୱର, ୨୦/୦୫ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ବୋଲଂ ପଞ୍ଚାୟତର ବଟେଶ୍ୱର ମନ୍ଦିର ପରିସର ରେ ବଟ ସାବିତ୍ରୀ ମେଳା ଓ ପୁରସ୍କାର ବିତରଣ ସଭା ଶୁକ୍ରବାର ରାତିରେ ଉଦଯାପିତ ହୋଇଯାଇଛି । ଏହି ଅବସରରେ ମହିଳା ମାନଙ୍କ ଦ୍ୱାରା ଶଖଂ ବଜାଇବା, ପୋଚି, ଗୀତ ଗାଇବା, ଛୋଟ ଛୋଟ ପିଲା ଙ୍କ ମଧ୍ୟରେ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଏଥିରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ ଯୋଗଦେଇ ଥିଲେ । ମୁଖ୍ୟ ବକ୍ତା ଭାବେ ସାମ୍ବାଦିକା ପ୍ରତିମା ଜେନା ଯୋଗଦେଇ ଓଡ଼ିଶା ର ନାରୀମାନେ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ଏହି ବ୍ରତ ଧାରଣ କରିଥାନ୍ତି ଏଥିରେ ବହୁ ପୌରାଣିକ କିମ୍ବଦନ୍ତୀ ଅନୁସାରେ ମହିଳା ମାନେ ଏହି ପୂଜା ପାଳନ କରାଯାଏ ବୋଲି ଶ୍ରୀମତୀ ଜେନା କହିଥିଲେ । ସମ୍ମାନୀତ ଅତିଥି ଭାବେ ଯୁବ ସମାଜସେବୀ ରାଜକିଶୋର ଦାସ , ଶିକ୍ଷାବିତ ପ୍ରଫୁଲ୍ଲ ଜେନା, ଶଦାନନ୍ଦ ମହାପାତ୍ର, ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ହରିବାସ ପରିଡ଼ା ଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ହୋଇଥିଲା । ବେଣୁଧର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ମେଳା ର ପ୍ରତିଷ୍ଠାତା ଲକ୍ଷ୍ମୀପ୍ରିୟା ନାଥ, ବାବୁଲି ପାତ୍ର ଙ୍କ ନେତୃତ୍ୱରେ କାର୍ଯ୍ୟ ସମାପନ ହୋଇଥିଲା ।୩୦୦ ଶହ ମହିଳା ଏଠାରେ ଏକତ୍ରିତ ହୋଇ ପୂଜା ଅର୍ଚ୍ଚନା କରି ବ୍ରତ ଧାରଣ କରିଥିଲେ । ଚିନ୍ତାମଣି ଜେନା, ଚିନ୍ତାମଣି ମାଝୀ, ଚକ୍ରଧର ଦଳାଇ, ବୁଦ୍ଧଦେବ ଜେନା, ରାଜେନ୍ଦ୍ର ବାରିକ, ବାବୁ ପାତ୍ର, ଙ୍କ ସମେତ ସ୍ଥାନୀୟ ସରପଞ୍ଚ ପ୍ରତିନିଧି କାର୍ତ୍ତିକ ମଲ୍ଲିକ ଏବଂ ଗ୍ରାମବାସୀଙ୍କ ସହାୟତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କୃତିତ୍ୱ ହାସଲ କରିଥିବା ମହିଳା, ପିଲା ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# ପୋଲିସ କନେଷ୍ଟବଲଙ୍କ ଆତ୍ମହତ୍ୟା

ଘଟଗାଁ, ୨୦/୦୫ (ନି.ପ୍ର): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ହାତିନୋଟା ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା । ଗତକାଲି ରାତିରେ ଗାଁର ପ୍ରେମାନନ୍ଦ ନାଏକ ତାଙ୍କ ଘର ପାଖରେ ଥିବା ସଜନା ଗଛରେ ବେକରେ ଚୁନି ବାନ୍ଧି ଆତ୍ମହତ୍ୟା କରିଛନ୍ତି । ପ୍ରେମାନନ୍ଦ ପୋଲିସ କନେଷ୍ଟବଳ ଭାବେ କାର୍ଯ୍ୟରତ ଥିଲେ । ତାଙ୍କର ୫-୬ ବର୍ଷ ପୂର୍ବେ ବିବାହ ହୋଇଥିବା ବେଳେ ତାଙ୍କର ୫ ବର୍ଷର ପୁଅଟିଏ ଅଛି ଏବଂ ଏବଂ ଦୁଇ ବର୍ଷର ଛୋଟ ଝିଅଟିଏ ମଧ୍ୟ ଅଛି । ତେବେ ଦୀର୍ଘଦିନ ହେବ ଘରକୁ ଆସିଥିବା ପ୍ରେମାନନ୍ଦ ଗତକାଲି ରାତି କାହିଁକି ଆତ୍ମହତ୍ୟା କଲେ ତାହା ଅଦ୍ୟାବଧି ଅସ୍ପଷ୍ଟ ରହିଛି ।

# ବାଲେଶ୍ୱରରେ ନୂଆ ବରିଷ୍ଠ ଦେୱାନୀ ଜଜକୋର୍ଟ ଉଦ୍‌ଘାଟିତ



ବାଲେଶ୍ୱର, ୨୦/୦୫ (ନି.ପ୍ର): ଜଜମାନଙ୍କ ଅନୁପସ୍ଥିତିରେ ବିଚାର କାର୍ଯ୍ୟ ଜାରି ରଖିବା ଉଦ୍ଦେଶ୍ୟରେ ବାଲେଶ୍ୱର ଜିଲା ଓ ଦୌରାଜଜଙ୍କ ଅଦାଲତ ପରିସରରେ ନୂଆ ବରିଷ୍ଠ ଦେୱାନୀ ଜଜ 'ସିନିୟର ସିଭିଲ ଜଜ' (ଏଲଆର ଓ ଏଲଟିଭି)ଙ୍କ କୋର୍ଟ ଶନିବାର ଉଦଘାଟିତ ହୋଇଯାଇଛି । ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଏସ ମୁରଲୀଧରନ ଏହାକୁ ଆଭାସି ଜରିଆରେ ଉଦଘାଟନ କରିବା ସହ ବିଚାର ପ୍ରକ୍ରିୟା ତ୍ୱରାନ୍ୱିତରେ ଏହି କୋର୍ଟ ବେଶ ଉପାଦେୟ ସାବ୍ୟସ୍ତ ହେବ ବୋଲି ଆଶା ପ୍ରକଶ କରିଥିଲେ । ବିଶେଷ କରି ଅନ୍ୟାନ୍ୟ ସିନିୟର ଡିଭିଜନ ଜଜଙ୍କ ଅନୁପସ୍ଥିତିରେ ସମସ୍ତ ପ୍ରକାର ମାମଲାର ବିଚାର କାର୍ଯ୍ୟ ପୂର୍ବଭଳି ଜାରି ରହିବ ବୋଲି ସେ କହିଥିଲେ । କୋର୍ଟ ଉଦଘାଟନ ବେଳେ ତାଙ୍କ ସହ ହାଇକୋର୍ଟର ବିଚାରପତି ବି ପି ଚୌଧୁରୀ ଓ ହାଇକୋର୍ଟ ବିଚାରପତି ତଥା ଜିଲା ପ୍ରଶାସନିକ ବିଚାରପତି ବିଭୂପ୍ରସାଦ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ । ଅନୁରୂପ ଭାବେ ବାଲେଶ୍ୱରରେ ଏହି କୋର୍ଟ ଉଦଘାଟନ ବେଳେ ଏଠାରେ ଜିଲା ଓ ଦୌରାଜଜ ଅଶାନ୍ତ କୁମାର ଦାସ, ଓପିଆଇଡି ଜଜ ବିଶ୍ୱଜିତ ଦାସ, ଅତିରିକ୍ତ ଜିଲା ଓ ଦୌରାଜଜ (ପୋକ୍ସୋ) ରଂଜନ କୁମାର ସୂତାର, ସ୍ପେଶାଲ ଭିଜିଲାନ୍ସ ଜଜ ଶୀଖାରାଣୀ ରଥ, ଉଦଘାଟିତ ନୂଆ କୋର୍ଟର ବିଚାରପତି ମାନସ ରଞ୍ଜନ ପଣ୍ଡା, ପରିବାର ଅଦାଲତ ଜଜ ପ୍ରଶାନ୍ତ କୁମାର ନାୟକ, ଏଡିଜେ-୧ ଜଜ ସଂଜୀବ କୁମାର ନାୟକ, ଏଡିଜେ-୩ ଜଜ ବିବାଶତ ଗୌତମ, ଏସସି/ ଏସଟି କୋର୍ଟ ଜଜ ଲିର୍ଲିପ୍ତା ପଶାୟତ, ଜିଲା ଆଇନସେବା ପ୍ରାଧିକରଣ ମୁଖ୍ୟ ପ୍ରିୟରଂଜନ ଓଝା, ସଚିବ ରଂଜନ କୁମାର ପ୍ରଧାନ, କୋର୍ଟ ମ୍ୟାନେଜର ପ୍ରିୟଙ୍କା ମିଶ୍ର, ବାର ଆସୋସିଏସନ ସଭାପତି ମନୋଜ କୁମାର ନାୟକ ଓ ସମ୍ପାଦକ ଦୀପକ କୁମାର ଦାଶଙ୍କ ସମେତ ଜିଲା ବିଚାର ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ ଓକିଲମାନେ ଉପସ୍ଥିତ ଥିଲେ । ଜଜମାନଙ୍କ ଅନୁପସ୍ଥିତିରେ ସମ୍ପୃକ୍ତ କୋର୍ଟର ପ୍ରଭାବିତ ହେଉଥିବା ବିଚାର ପ୍ରକ୍ରିୟାକୁ ଦୃଷ୍ଟିରେ ରଖି ବିକଳ୍ପ ଭାବେ ବାଲେଶ୍ୱର ସମେତ ରାଜ୍ୟର ୧୨ଟି ଜିଲାରେ ଏହିଭଳି ସିନିୟର ଡିଭିଜନ କୋର୍ଟ ଆଜି ଉଦଘାଟିତ ହୋଇଛି ।

# ନିଷ୍ଟ କଲେଜରେ ଜାତୀୟ ଆଲୋଚନାଚକ୍ର 'ବିଜ୍ଞାନ ଆଉଟରିଚ'

ବାଲେଶ୍ୱର,୨୦।୫(): 'ନିଷ୍ଟ ଗ୍ରୁପ ଅଫ ଇନଷ୍ଟୁଚ୍ୟୁସନ୍ସ' ପକ୍ଷରୁ ଭୁବନେଶ୍ୱରର 'ଇନଷ୍ଟିଚ୍ୟୁଟ ଅଫ ଫିଜିକ୍ସ' ସହଯୋଗରେ 'ବିଜ୍ଞାନ ଆଉଟରିଚ'ଶୀର୍ଷକ ଏକ ଜାତୀୟ ସ୍ତରର ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି । ଚାନ୍ଦିପୁରରୋଡ଼ ସ୍ଥିତ କ୍ୟାମ୍ପସରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଇନଷ୍ଟିଚ୍ୟୁଟ ଅଫ ଫିଜିକ୍ସର ନିର୍ଦ୍ଦେଶକ ପ୍ରଫେସର କରୁଣାକର ନନ୍ଦ ଉଦଘାଟନ ସହ ମାନବ ସମାଜ ଉପରେ ବିଜ୍ଞାନର ପ୍ରଭାବ ଓ ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ । ବେଙ୍ଗାଲୁରୁ ସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ସାଇନ୍ସ ଭଳି ନିଷ୍ଟ କଲେଜର ସାଇନ୍ସ ଲ୍ୟାବ ଓ ଶିକ୍ଷାଦାନ ପଦ୍ଧତି ଛାତ୍ରଛାତ୍ରୀଙ୍କୁ ସଫଳତା ପ୍ରଦାନରେ ନିଶ୍ଚିତ ସହାୟକ ହେବ ବୋଲି ପ୍ରଫେସର ନନ୍ଦ ଆଶା ପ୍ରକାଶ କରିଥିଲେ । ବରିଷ୍ଠ ବୈଜ୍ଞାନିକ ଡ. ସଚୀନ୍ଦ୍ର ନାଥ ଷଡ଼ଙ୍ଗୀ ଏଥିରେ ସମ୍ମାନିତ ବକ୍ତାଭାବେ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ନାନୋ ସାଇନ୍ସର ବ୍ୟବହାର ତଥା ଶିକ୍ଷାଦାନର ଧାରା ସମ୍ପର୍କରେ ଆଲୋକପାତ କରିଥିଲେ । ବିଜ୍ଞାନ ପତ୍ରିକା 'ଅଗ୍ନିଡେଣା'ର ସମ୍ପାଦକ ଡକ୍ଟର ପଙ୍କଜ କୁମାର ଜେନା ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ପାଇଁ ବିଜ୍ଞାନ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ । ଭାରତରତ୍ନ ଡ.ଏପିଜେ ଅବଦୁଲ କାଲାମଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ କଠିନ ଅଧ୍ୟବସାୟ ଜାରି ରଖିବା ପାଇଁ ସେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ । ଅଧ୍ୟାପକ ବିଦ୍ୟାଧର ପ୍ରଧାନ ଏହି ଆଉଟରିଚ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ନିଷ୍ଟ କଲେଜର ଛାତ୍ରଛାତ୍ରୀଙ୍କ ଠାରେ ଜଣେ ଜଣେ କାଲାମ ହେବାର ଯୋଗ୍ୟତା ରହିଛି ବୋଲି କହିଥିଲେ । ଅଧ୍ୟାପକ ଚନ୍ଦନ କୁମାର ନାୟକ ଏଥିରେ ପଦାର୍ଥ ବିଜ୍ଞାନର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ । କଲେଜର ଅଧ୍ୟକ୍ଷ ହରିହର ରାଉତ ଏହି କାର୍ଯ୍ୟକ୍ରମ



ପରିଚାଳନା କରିଥିବା ବେଳେ କେଶବ ଚନ୍ଦ୍ର ନାୟକ ମଞ୍ଚାସୀନ ଥିଲେ । ଅଧ୍ୟାପିକା ରାଜେଶ୍ୱରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।ଏହି ଅବସରରେ ନିଷ୍ଟ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ବରିଷ୍ଠ ବୈଜ୍ଞାନିକ ଡ. ବିଶ୍ୱଜିତ ମଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅୟୋଜିତ ବିଜ୍ଞାନ କୁଇଜ ପ୍ରତିଯୋଗିତର ଶ୍ରେଷ୍ଠ ୩୦ଜଣ ଛାତ୍ରଛାତ୍ରୀଙ୍କୁ ଏଥିରେ ସମ୍ମାନିତ କରାଯାଇଥିଲା । ଏଥି ସହିତ ଚଳିତ ବର୍ଷର ମାଟ୍ରିକ ପରୀକ୍ଷାରେ ସଫଳତା ପ୍ରଦର୍ଶନ ସହ ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା । ଅଧ୍ୟାପକ ଆଲୋକ ରଞ୍ଜନ ମହାପାତ୍ର, ଦୀପ୍ତିମାନ ପାଢ଼ୀ, ଅବିନାଶ ପଣ୍ଡା, ରାଜଶ୍ରୀ ପାଢ଼ୀ, ମାନସ ଗିରି, ତ୍ରୈଲୋକ୍ୟନାଥ ଗିରି, ଗୀତାରାଣୀ ବେହେରା, ଉତ୍ତମ କୁମାର ବାରିକ, ତାପସ କୁମାର ମିଶ୍ର, ନିବାରଣ ଶତପଥୀ, ସୌମ୍ୟରଞ୍ଜନ ଦଳେଇ, ଲକ୍ଷ୍ମୀକାନ୍ତ ପଣ୍ଡା, ହରିକେଶ ଭଗତ, ସଦାଶିବ ଜେନା, ମନୋଜ ପ୍ରଧାନ, ଅଜିତ କୁମାର ସାହୁ, ଉତ୍ତମ କୁମାର ବେହେରା, ଲକ୍ଷ୍ମୀକାନ୍ତ ନାଥ, ପଦ୍ମଲୋଚନ କର, ବସନ୍ତ କୁମାର ମହାପାତ୍ର, ଉମାକାନ୍ତ ଜେନା, ତପନ କୁମାର ରାଉତ, ସ୍ମୃତିରଞ୍ଜନ ଅଧିକାରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ସମ୍ବଲପୁରରେ ମହାନଦୀ ଟ୍ରିବ୍ୟୁନାଲ ଟିମ୍

ସମ୍ବଲପୁର, ୨୦/୦୫ (ନି.ପ୍ର): ଦ୍ୱିତୀୟ ପର୍ଯ୍ୟାୟ କ୍ଷେତ୍ର ପରିଦର୍ଶନ ପାଇଁ ଓଡ଼ିଶା ଆସିଛନ୍ତି ମହାନଦୀ ଟ୍ରିବ୍ୟୁନାଲ ଟିମ୍ । ଏହି ଟିମ୍ ଆଜି ଠାରୁ ୨୩ ତାରିଖ ପର୍ଯ୍ୟନ୍ତ ଓଡ଼ିଶାରେ ମହାନଦୀର ଜଳ ସ୍ଥିତି ଅନୁଧ୍ୟାନ କରିବେ । ଗତକାଲି ଏହି ଟିମ୍ ଝାରସୁଗୁଡ଼ା ବିମାନବନ୍ଦରରେ ପହଂଚିବା ପରେ ସମ୍ବଲପୁରରେ ଆସି ପହଂଚିଥିଲେ । ଏହି ଟିମ୍ ଓଡ଼ିଶାରେ ମହାନଦୀ କ୍ଷେତ୍ର ପରିଦର୍ଶନ କରିବେ, ଆଜି ହୀରାକୁଦ ଡ୍ୟାମ୍ ର ସ୍ଥିତି ଅନୁଧ୍ୟାନ କରିବା ସହ ବିସ୍ତୃତ ତଥ୍ୟ ସଂଗ୍ରହ କରିବେ । ଏଥିସହ ବୁର୍ଲା ପାୱାର ହାଉସ୍ ବୁଲି ଦେଖିବେ । ଛତିଶଗଡ଼ ଏବଂ ଓଡ଼ିଶାର ଜଳ ସମ୍ପଦ ବିଭାଗ ଅଧିକାରୀ, ବୈଷୟିକ ଟିମ୍ ଏବଂ ଆଇନ ବିଶେଷଜ୍ଞ ମାନେ ଟ୍ରିବ୍ୟୁନାଲ ଟିମ୍ ସହିତ ଉପସ୍ଥିତ ରହିବେ । ଆସନ୍ତାକାଲି ଟିମ୍ ଚିପିଲିମା ପାୱାର ହାଉସ୍ ସହ ଅତାବିରା ବ୍ରାଂଚ କେନାଲ, ଶାସନ କେନାଲ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ସେହିପରି ୨୨ ତାରିଖରେ ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଇବ୍ ଥର୍ମାଲ ପାୱାର ଏବଂ ଡ୍ୟାମ୍ ପ୍ରୋଜେକ୍ଟ ସାଇଡ୍ ପରିଦର୍ଶନ କରିବେ । ୨୩ ତାରିଖରେ ନୂଆପଡ଼ା ଜିଲ୍ଲା ଅପର ଜୋନ୍ ଡ୍ୟାମ୍ ସାଇଡ୍ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ଏହି ଟିମ୍ ରେ ରହିଛନ୍ତି ମହାନଦୀ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଜଷ୍ଟିସ୍ ଏଏମ ଖାନୱିଲକର, ଡଃ. ଜଷ୍ଟିସ୍ ରବି ରଞ୍ଜନ ଏବଂ ଶ୍ରୀମତୀ ଜଷ୍ଟିସ୍ ଇନ୍ଦରମିତ କୌର ।

# ବର୍ଜ୍ୟବସ୍ତୁ ପରିଚାଳନା ସମ୍ବନ୍ଧିତ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, ୨୦/୦୫ (ନି.ପ୍ର): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଭଦ୍ରକ ତରଫରୁ ଜିଲ୍ଲା କୋର୍ଟ ପରିସର, ନଳାଙ୍ଗ ଭଦ୍ରକରେ ବର୍ଯ୍ୟବସ୍ତୁ ପରିଚାଳନା ସମ୍ବନ୍ଧିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ଶ୍ରୀ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ର ସଚିବ ଶ୍ରୀମତୀ ନେହା ଅଗ୍ରୱାଲ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଆମର ଦୈନନ୍ଦିନ ଜୀବନରେ ଆମେ ବ୍ୟବହାର କରୁଥିବା ବହୁ ଅନାବଶ୍ୟକ ଜିନିଷକୁ ଆମେ ଫିଙ୍ଗି ଦେଇଥାଉ । ମାତ୍ର ସେହି ଅନାବଶ୍ୟକ ପଦାର୍ଥରୁ ମଧ୍ୟ ବହୁ ଉପଯୋଗ ଜିନିଷ ପୁଣିଥରେ ତିଆରି ହୋଇପାରିବ । ବର୍ଯ୍ୟବସ୍ତୁ ନିଷ୍କାସନ ସମୟରେ ଆମେ ସାବଧାନତା ଗ୍ରହଣ କରିବା ଓ ସଚେତନ ହେବା । ନିଜେ ସୁସ୍ଥ ରହିଲେ ଆମେ ସ୍ୱଚ୍ଛ ଭାରତ ଗଢ଼ିପାରିବା । ତେଣୁ ନିଜେ ସଚେତନ ରହି ଅନ୍ୟମାନଙ୍କୁ ସଚେତନତାର ବାର୍ତ୍ତା ପ୍ରଦାନ କରିବା ଏହିପରି ସବୁ ପ୍ରକାର ଆଲୋଚନା ହୋଇ କାର୍ଯ୍ୟକ୍ରମଟିକୁ ସଫଳ କରାଇଥିଲେ ।

ରବିବାର, ମଇ ୨୧, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଚାଷଜମିରୁ ଜଳ ନିଷ୍କାସନ ପାଇଁ କୋଷ୍ଟ କେନାଲ ଆଡ଼ିରେ କଲଭର୍ଟ ନିର୍ମାଣ ଦାବି

ବାଲେଶ୍ୱର, ୨୦/୦୫ (ନି.ପ୍ର): ଚାଷଜମିରୁ ଜଳ ନଷ୍କାସନ ପାଇଁ କୋଷ୍ଟ କେନାଲ ଆଡ଼ିରେ କଲଭର୍ଟ ନିର୍ମାଣ ଦାବିରେ ଭୀମପୁର ଗ୍ରାମର ଚାଷୀମାନେ ଜିଲା ଜଳ ନିକାସ ଅଧୀକ୍ଷଣ ଯନ୍ତ୍ରୀଙ୍କଠାରେ ଫେରାଦ ହୋଇଛନ୍ତି। ଗ୍ରାମବାସୀଙ୍କ ଆପତ୍ତି ଅନୁସାରେ ଭୀମପୁର ଗ୍ରାମର ପୂର୍ବ ପାର୍ଶ୍ୱରେ ହଜାର ହଜାର ଏକର ଜମିରୁ ବର୍ଷାଜଳ ଦୀର୍ଘବର୍ଷ ଧରି କୋଷ୍ଟ କେନାଲକୁ ନିଷ୍କାସନ ହେଉଥିଲା। ଏନେଇ ଜଳସେଚନ ବିଭାଗ ପକ୍ଷରୁ ୪୦/୫୦ବର୍ଷ ପୂର୍ବେ ପକାଯାଇଥିବା ହ୍ୟୁମ ପାଇପଗୁଡ଼ିକ ନଷ୍ଟ ହୋଇଯାଥିଲା। ବର୍ଷେ ପୂର୍ବରୁ ନରେଗା ଯୋଜନାରେ ହୋଇଥିବା ଆଡ଼ିବନ୍ଧ କାର୍ଯ୍ୟ ଓ ମତ୍ସ୍ୟଚାଷୀଙ୍କ ଯାନବାହନ ଯାତାୟତ ଫଳରେ ପୁରୁଣା ହ୍ୟୁମ ପାଇପଗୁଡ଼ିକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଆଗାମୀ ବର୍ଷାଋତୁ ପୂର୍ବରୁ ଆଇଟିଆର ରୋଡ଼ର ଉତ୍ତର ପାର୍ଶ୍ୱ ତଥା କୋଷ୍ଟ କେନାଲର ପଶ୍ଚିମ ପାଖ ଆଡ଼ିବନ୍ଧର ୩ ଗୋଟି ସ୍ଥାନରେ ହ୍ୟୁମ ପାଇପ ପକାଇ କଲଭର୍ଟ ନିର୍ମାଣ ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି। ନହେଲେ ବର୍ଷାଋତୁରେ ଭୀମପୁରର ଶହ ଶହ ଏକର ଜମିର ଚାଷ ନଷ୍ଟ ହେବ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗ୍ରାମବାସୀଙ୍କ ପକ୍ଷରୁ ଜଳ ନିକାସ ଅଧୀକ୍ଷଣ ଯନ୍ତ୍ରୀ ପ୍ରଦୀପ କୁମାର ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ପୂର୍ବତନ ସରପଞ୍ଚ ଜୀବନକୃଷ୍ଣ ମହାପାତ୍ରଙ୍କ ସମେତ ଲକ୍ଷ୍ମଣ କୁମାର ଦାସ, ଅନଙ୍ଗଭୀମ ଦାସ, ଜିତେନ୍ଦ୍ର ନାୟକ, ଅଦ୍ୱୈତ୍ୟ କୁମାର ଦାସ, ପୂର୍ଣ୍ଣଚନ୍ଦ୍ର ଦାସ, ପୀତାମ୍ବର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



## ପାଠାଗାର ନିର୍ମାଣରେ ହୋଇନାହିଁ ଦୁର୍ନୀତି: ବିଡିଓ

ବସ୍ତା, ୨୦/୦୫ (ନି.ପ୍ର): ପାଠାଗାର ନିର୍ମାଣରେ ଚଂଚକତା ହୋଇଥିବା ନେଇ ଜନସାଧାରଣରେ ଅଭିଯୋଗ ହୋଇଥିଲା ।ଏନେଇ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ବସ୍ତା ପ୍ରଶାସନ ପକ୍ଷରୁ ତଦନ୍ତ ପ୍ରକ୍ରିୟା ହୋଇଥିଲା । ତେବେ କୌଣସି ଚଙ୍ଗଚକତା ହୋଇ ନାହିଁ ବୋଲି ଖୋଲା ଖୋଲି ବିଡ଼ିଓ ରଖିଲେ ପ୍ରତିକ୍ରିୟା । ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ବରୁଣଗଡ଼ିଆ ପଞ୍ଚାୟତରେ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟି ରଖି ୨୦୨୦ମସିହାରେ ରାଜ୍ୟ ପଞ୍ଚମ ଅର୍ଥ କମିଶନ ଯୋଜନାରେ ଏକ ପାଠାଗାର ନିର୍ମାଣ ହୋଇଥିଲା । ଏହି ପାଠାଗାର ନିର୍ମାଣ ପାଇଁ ୪ରି ୪ରିଥର ଅର୍ଥ ମଞ୍ଜୁର ହୋଇଥିବା କଥା କାନ୍ଥରେ ଲେଖାଯାଇଥିବା ସୂଚନା ଫଳକରେ ଦର୍ଶାଯାଇଛି !ଏହାର ପୂର୍ଣାଙ୍ଗୀ କରଣ ପାଇଁ ୨୦୨୦/୨୧ମସିହାରେ ୨ଲକ୍ଷ ୪୦ହଜାର ଟଙ୍କା ପୁଣି ୨୦/୨୧ମସିହାରେ ଛାତର ସନ୍ଦର୍ଯ୍ୟୀ କରଣ ପାଇଁ କେନ୍ଦ୍ରୀୟ ପଂଚଦଶ ଅର୍ଥ କମିଶନ ଯୋଜନାରେ ୫୦ହଜାର ଟଙ୍କା .୨୦୨୧/୨୨ ମସିହାରେ ପାଠାଗାର ପୂର୍ଣ୍ଣାଂଗି କରଣ ପାଇଁ ରାଜ୍ୟ ପଞ୍ଚମ ଅର୍ଥ କମିଶନ ଯୋଜନାରେ ୧ଲକ୍ଷ ୬୪ହଜାର ୩୨ଟଙ୍କା ଓ ବିଧାୟକ ପାଣ୍ଠିରୁ ୧ଲକ୍ଷ୨୭ହଜାର ୭୫୦ଟଙ୍କା ମଂଜୁର ହୋଇଥିବା କଥା ସୂଚନା ଫଳକରେ ଉଲ୍ଲେଖ କରା ଯାଇଛି । ଯାହାକୁ ନେଇ ଉକ୍ତ ପାଠାଗାରନିର୍ମାରେ ଅର୍ଥ ଚଂଚକତା କରାଯାଇଛି ବୋଲି ଗଣମାଧ୍ୟମରେ ପ୍ରଚାର ପରେ ବସ୍ତା ବିଡ଼ିଓ ସତ୍ୟଜିତ ମହାନ୍ତି କୁହନ୍ତି ଏହା କୌଣସି ଦୁର୍ନିତି ହୋଇ ନାହିଁ ବୋଲି ପ୍ରଷ୍ଟିକରଣ ଦେଇଛନ୍ତି ।

## ଆକ୍ସନ ମୋଡରେ ନୀଳଗିରି ପ୍ରଶାସନ : ମାଟିରେ ମିଶାଇଲେ ୩ ଇଟାଭାଟି



ନୀଳଗିରି, ୨୦/୦୫ (ନି.ପ୍ର): ନୀଳଗିରି ତହସିଲ ଅଧିନରେ ସନ୍ତରାଗଡ଼ିଆ ଆର.ଆଇ. ସର୍କଲରେ ୨୨ଟି ଚିମିନି ଇଟାଭାଟି ବେଆଇନ ଭାବେ ଚାଲିଥିବା ବେଳେ ଶନିବାର ଦିନ ନୀଳଗିରି ପ୍ରଶାସନ ପକ୍ଷରୁ ୩ଟି ଚିମିନି ଇଟାଭାଟିକୁ ଭାଙ୍ଗି ମାଟିରେ ମିଶାଇ ଦିଆଯାଇଛି ।କୁଲଡିହା ଇକୋ ସେନ୍ସିଟିଭି ଜୋନ୍ ଭିତରେ ୧୪ଟି ଇଟାଭାଟି ଚାଲିଥିବା ନେଇ ବାଲେଶ୍ୱର ଡି.ଏଫ.ଓ. ଙ୍କ ତଦନ୍ତ ଲେନ୍ସରେ ରହିଥିବା ବେଳେ ଶନିବାରଦିନ ନୀଳଗିରି ପ୍ରଶାସନ ଆକ୍ସନ ମୋଡରେ ୩ଟି ଇଟାଭାଟିକୁ ଭାଙ୍ଗି ଚୁରମାର କରିଥିବାବେଳେ ଅବଶିଷ୍ଟ ୧୧ଟି ଇଟାଭାଟିକୁ କେବେ ଭାଙ୍ଗିବ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି । ପ୍ରାପ୍ତ ସୂଚନା ଅନୁସାରେ ନୀଳଗିରି ତହସିଲ ଅଧିନରେ କୁଲଡିହା ଇକୋ ସେନସଟିଭି ଜୋନ ଭିତରେ ୧୪ଟି ଇଟାଭାଟି ସମେତ ମୋଟ ୨୨ଟି ଇଟାଭାଟି ଚାଲିଥିବା ବେଳେ ସମସ୍ତ ମାଲିକଙ୍କ ଉପରେ ରାଜସ୍ୱ ବିଭାଗ ପକ୍ଷରୁ ଜୋରିମାନା ଓ ରୟାଲଟି ପାଇଁ ନୋଟିସ ଜାରି କରିଥିବା ବେଳେ ୩ଟି ଇଟାଭାଟିର ମାଲିକ ଜୋରିମାନା ଓ ରୟାଲଟି ଦେଇ ନ ଥିବା ଯୋଗୁଁ ସେମାନଙ୍କ ଇଟାଭାଟିକୁ ବେଆଇନ ଦର୍ଶାଇ ଭାଙ୍ଗିବା ପାଇଁ ନୀଳଗିରି ଉପଜିଲ୍ଲାପାଳ ମନ୍ଦରଧର ମହାଳିକ ନୀଳଗିରି ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶନିବାର ସକାଳେ ନୀଳଗିରି ତହସିଲଦାର ରଂଜନ କୁମାର ବେହେରା ଦୁଇ ପ୍ଲାଟୁନ ପୋଲିସ ଫୋର୍ସ , ବନବିଭାଗ, ,ଅଗ୍ନିଶମ ବିଭାଗ , ବିଦ୍ୟୁତ୍ ବିଭାଗ ର କର୍ମଚାରୀଙ୍କୁ ନେଇ ଅସ୍ତିଆ ଠାରେ ଥିବା ବି.ଏସ.ବି. , ବାରାକୋଇଲି ଠାରେ ଥିବା ମାମା ଇଟାଭାଟି ଓ କାନପୁର ଠାରେ ଥିବା ରାଜ ଚିମିନି ଇଟାଭାଟିକୁ ଭାଙ୍ଗି ମାଟିରେ ମିଶାଇ ଦେଇଛନ୍ତି । ଏପଟେ ନୀଳଗିରି କୁଲଡିହା ଅଭୟାରଣ୍ୟରେ ବନ୍ୟ ଯନ୍ତୁ ସୁରକ୍ଷା ପାଇଁ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ପକ୍ଷରୁ ୨୦୧୭ ଅଗଷ୍ଟ ୯ତାରିଖରେ ଏକ ବିଜ୍ଞପ୍ତି ରେ ୨୧୯.୧୮ ବର୍ଗ କି.ମି. ଅଂଚଳକୁ ଇକୋ ସେନ୍ସିଟି ଜୋନରେ ଅର୍ନ୍ତଭୁକ୍ତ କରାଇଥିଲେ ।ପରେ ଏହି ସେନସିଟିଭି ଜୋନରେ ୧୪ଟି ଚିମିନି ଇଟାଭାଟି ରିହଥିବା ବନବିଭାଗ ଜାଣିବାକୁ ପାଇଥିଲା । ଚିମିନି ଭାଟିରୁ ବାହାରୁଥିବା କୋଇଲା ଧୂଆଁରେ ବନ୍ୟପ୍ରାଣୀଙ୍କ ଜୀବନ ପ୍ରତି ଘୋର ବିପଦ ସୃଷ୍ଟି କରୁଥିଲା । ଦୁଇ ବର୍ଷ ପୂର୍ବରୁତତ୍‌କାଳିନ ଜିଲ୍ଲାପାଳ ଓ ଡି.ଏଫ.ଓ. ବେଆଇନ ଚିମିନିଭାଟି ଗୁଡ଼ିକୁ ଭାଙ୍ଗିବାକୁ ଯାଇଥିବାବେଳେ ବିଫଳ ହୋଇଥିଲେ । ଏ ନେଇ ଇଟାଭାଟି ମାଲିକ ସଂଘ ପକ୍ଷରୁ ମିରିଗିଣି ଠାରେ ମେଳି ମଧ କରିଥିଲେ ।ମାତ୍ର ନୀଳଗିରି ପ୍ରଶାସନ ବେଆଇନ ଭାବେ ଚାଲିଥିବା ଅନ୍ୟ ଇଟାଭାଟି ଗୁଡ଼ିକୁ ଭାଙ୍ଗିବ କେବେ ତାହା ଦେଖିବାକୁ ବାକି ରହିଲା ।

## ଅଡା ଅନ୍ତରା-ବନ୍ଧଗାଁ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ



ଖଇରା, ୨୦/୦୫ (ନି.ପ୍ର): ବାଲେଶ୍ୱର ଓ ଭଦ୍ରକ ୨ଜିଲା ର ସୀମାନ୍ତବର୍ତ୍ତୀ ଗ୍ରାମକୁ ସଂଯୋଗ କରୁଥିବା ଅଡା ଅନ୍ତରା -ବନ୍ଧଗାଁ ଭୟା ରପେୟା ରାସ୍ତାର ଭୁମିପୂଜନ କାର୍ଯ୍ୟକ୍ରମ ଶନିବାର ଅପରାହ୍ନରେ ଅନୁଷ୍ଠିତ ହୋଇ ଯାଇଛି । ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏହି ରାସ୍ତାରେଁ ଭୁମିପୂଜା କରିବା ଅବସରରେ ଉକ୍ତ ରାସ୍ତା ଉଭୟ ଜିଲାର ସିମାନ୍ତବର୍ତ୍ତୀ ଗ୍ରାମଗୁଡିକର ଅଧିବାସୀଙ୍କ ଜିବନଯାତ୍ରାକୁ ଅଧିକ ସୁଗମ କରିବ ବୋଲି କହିଥିଲେ । ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର,ବ୍ଲକ ବିଜେଡି ସଭାପତି ବ୍ରଜକିଶୋର ମହାନ୍ତି, ଯୁବ ସଭାପତି ରାଜେନ୍ଦ୍ର ପ୍ରସାଦ ନାୟକ,ରପେୟା ସରପଞ୍ଚ ମଞ୍ଜୁଲତା ସାମଲ,ସମିତିସଭ୍ୟ ସୂର୍ଯ୍ୟକାନ୍ତ ସ୍ୱାଇଁ,ପୂର୍ବତନ ଜିଲା ପରିଷଦ ସଭ୍ୟ ଗଦାଧର ଦାସ,ପ୍ରାକ୍ତନ ସରପଞ୍ଚ ଅଜୟ ସାମଲ ଓ ମନୋରଞ୍ଜନ ମହାପାତ୍ର,ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସେଣ୍ଟପ୍ରମୁଖ ଉପସ୍ଥିତ ଥିଲେ । ୫.୮କିମିର ଏହି ରାସ୍ତା ପାଇଁ ପାଖାପାଖି ୪କୋଟି୬୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ଅବଧି ସମୟ ୧୧ମାସ ଥିବା ବେଳେ ଉହି ରାସ୍ତା ନିର୍ମାଣ ପରେ ବରହମପୁର, ରପେୟା, ବଡମୁହାଁ, ଆଖୁଆପାଳ, ହନୁମନ୍ତପୁର, ଆଖୁଆପାଳ, ଚୌଧୁରୀପୋଖରୀ ଇତ୍ୟାଦି ଗ୍ରାମର ୧୦ହଜାର ଅଧିବାସୀ ବିକାଶର ମୁଖ୍ୟସ୍ରୋତରେ ଯୋଡି ହୋଇ ପାରିବେ ବୋଲି ଜଣାଯାଇଛି ।

## ବାଇକ ଧକ୍କାରେ ପୂର୍ବତନ ଶିକ୍ଷକ ଗୁରୁତର

ବସ୍ତା, ୨୦/୦୫ (ନି.ପ୍ର): ବସ୍ତା ଥାନା ଅଧିନସ୍ଥ ବେଣାପୁରା ଗ୍ରାମର ଜୈନିକ ଅବସର ପ୍ରାପ୍ତ ସଂସ୍କୃତ ଶିକ୍ଷକ ଆଜି ରାଜପଥରେ ଦୃର୍ଘଟଣା ଗ୍ରସ୍ତ ହୋଇ ଡାକ୍ତର ଖାନାରେ ଚିକିତ୍ସାଧିନ ଅବସ୍ଥା ଅଛନ୍ତି । ସୂଚନାରୁ ପ୍ରକାଶ ଭେଲୋରା ଛକରେଥିବା ଏକ ବ୍ୟାଙ୍କ ରୁ ସାଇକେଲ ଯୋଗେ ସର୍ବେଶ୍ୱର ପତି (୬୪) ଘରକୁ ଫେରୁଥିବା ସମୟରେ ୧୬ନଂ ଜାତୀୟ ରାଜପଥ ରେ ପଛପଟୁ ଏକ ଅଜଣା ବାଇକ ଧକ୍କା ଦେଇଥିଲା ।ଫଳରେ ରାଜପଥରେ କିଛିଦୂରକୁ ଛିଟିକି ପଡିଥିଲେ । ଫଳରେ ତାଙ୍କ ଛାତି ଓ ଗୋଡରେ ଆଘାତ ଲାଗିଥିଲା । ପାଖରେ ଥିବା ଲୋକେ ତାଙ୍କୁ ଜଳେଶ୍ୱର ଜିକେ ଭଟ ହସପିଟାଲକୁ ନେଇଯାଇଥିଲେ। ଅପରପକ୍ଷେ ଦୁର୍ଘଟଣା ଘଟାଇ ବାଇକ ଆରୋହି ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲା ।

## ବାଥୁଡ଼ି ସାଂସ୍କୃତିକ ସମାଜର ସାଧାରଣ ସଭା



ଉଦଳା, ୨୦/୦୫ (ନି.ପ୍ର): ଚଳିତ ମଇ ମାସ ୨୦ ତାରିଖ ଶନିବାର ଓ ୨୧ ତାରିଖ ରବିବାର ଦୁଇଦିନ ଧରି ଉଦଳା ନିର୍ବାଚନ ମଣ୍ଡଳୀର ଖଲାଡ଼ି ପଂଚାୟତ ଅନ୍ତର୍ଗତ ପାଟପୁର ଠାରେ ରାଜ୍ୟସ୍ତରୀୟ ବାଥୁଡ଼ି ସଂସ୍କୃତିକ ସମାଜର ସାଧାରଣ ସଭା ଅନୁଷ୍ଠିତ ହେବାକୁ ଯାଉଛି ବୋଲି ସଂସ୍କୃତିକ ସମାଜର ସଭାପତି ଦିବାକର ପରିହାଳ ଜଣାଇଛନ୍ତି । ତେବେ ଏହାକୁ କେନ୍ଦ୍ର କରି ସମଗ୍ର ମୟୂରଭଞ ବିଭିନ୍ନ ରାଜନୈତିକ ଦଳର ଶିବିରରେ ହୃତ୍‌ସ୍ପନ୍ଦନ ବଢ଼ି ଯାଇଥିବାର ଜଣା ଯାଇଛି । ଆଗକୁ ନିର୍ବାଚନ ଆସୁଥିବାରୁ ଏତିକି ବେଳେ ଏହି ସାଧାରଣ ସଭାର ଦବ୍‌ଦବା ବେଶ ଭଲ ଭାବରେ ବାରି ହୋଇ ପଡୁଛି । ଏଥର ମୟୂରଭଞ ସବୁଯାକ ବିଧାନସଭା ମଣ୍ଡଳୀରେ ବାଥୁଡ଼ି ସମ୍ପ୍ରଦାୟର ପ୍ରାର୍ଥି ଦିଆଯିବ ଓ ତାଙ୍କୁ ଜିତାଇବା ପାଇଁ ବାଥୁଡ଼ି ସଂସ୍କୃତିକ ସମାଜ ପୂର୍ଣ୍ଣ ଦାୟିତ୍ୱ ନେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଥିବାର ଶୁଣିବାକୁ ମିଳୁଛି । ତେବେ ଏହାର ବାସ୍ତବ ଚିତ୍ର ସେହିଦିନ ଦେଖିବାକୁ ମିଳିବ ଯେଉଁଦିନ ବାଥୁଡ଼ି ଜନଜାତି ମଧ୍ୟରେ ଏକତା ରହିବ ବୋଲି ବହୁ ଲୋକ ମତ ଦେଉଥିବାର ଶୁଣିବାକୁ ମିଳୁଛି ।

## ବାଲିଆପାଳ ଶାରୀରିକ ଶିକ୍ଷା ମହାବିଦ୍ୟାଳୟର ପରିଚାଳନା କମିଟି ଭାଙ୍ଗିଲା




ଲଙ୍ଗଳେଶ୍ୱର ୨୦/୫ (ନିପ୍ର) ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ବାଲିଆପାଳ ଶାରିରୀକ ଶିକ୍ଷା ମହାବିଦ୍ୟାଳୟର ପରିଚାଳନା କମିଟି ଏବେ ଭାଙ୍ଗି ଯାଇଛି ।ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ବ୍ୟାପାର ବିଭାଗ ନିର୍ଦ୍ଦେଶକଙ୍କ ଚିଠି ନଂ୧୨୨୪/୧୨-୦୫-୨୩ ମୂଳେ ଗତ ୧୨ ତାରିଖ ଦିନ ଏହି ନିର୍ଦ୍ଦେଶ ଜାରି ହୋଇଛି । ବାଲେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ଏବେ ପରିଚାଳନା କମିଟିର ସଭାପତି ଦାୟିତ୍ୱରେ ରହିବେ। ଗାଇଡ଼୍ ଲାଇନ ଅନୁସାରେ ଆସନ୍ତା ତିନି ମାସ ମଧ୍ୟରେ ନୂଆ ପରିଚାଳନା କମିଟି ଗଠିତ ହେବ। ପରିଚାଳନା କମିଟି ଭାଙ୍ଗିବା ନେଇ ପୂର୍ବରୁ ଉଚ୍ଚ ନ୍ୟାୟାଳୟ ଏକ ଯାଚିକାକୁ ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ମଧ ଦେଇ ଥିଲେ। ପରିଚାଳନା କମିଟି ଟି ମହାବିଦ୍ୟାଳୟରେ ବେଆଇନ ଭାବେ ଦୀର୍ଘଦିନ ଧରି କାର୍ଯ୍ୟ କରୁଥିଲା ।ଉନ୍ନୟନ ନାମରେ ଅନେକ ଆର୍ଥିକ ଅନିୟମିତତା ଏହି କଲେଜରେ ଦୀର୍ଘ ଦିନ ଧରି ହୋଇ ଆସୁଥିଲା।

## ଯୁବକଙ୍କୁ ପିଟି ପିଟି ହତ୍ୟା ଘଟଣା : ୫ ଅଭିଯୁକ୍ତ ଗିରଫ

ଗଞ୍ଜାମ, ୨୦/୦୫ (ନି.ପ୍ର): ଗଞ୍ଜାମ ଜିଲ୍ଲା ପୁରୁଷୋତମପୁର ଥାନା ଅଧିନ ଚିଙ୍ଗୁଡ଼ିଘାଇ ଗ୍ରାମରେ ଗତ ୧୮ ତାରିଖରେ ଚୋର ସନ୍ଦେହରେ ପୁରୀ ଜିଲ୍ଲା ବାଦୁରାବର ଗ୍ରାମର ଯୁବକ ବାହୁଡ଼ା ସାହୁଙ୍କୁ ପିଟି ପିଟି ହତ୍ୟା କରାଯାଇଥିଲା । ଏହି ଘଟଣାରେ ଆଜି ପୁରୁଷୋତମପୁର ପୋଲିସ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ।

## ସେଙ୍ଗେଲ ଅଭିଯାନ ପକ୍ଷରୁ ଜିଲ୍ଲାପାଳଙ୍କ ଅଫିସ ଆଗରେ ଧାରଣା




ବାରିପଦା , ୨୦/୦୫ (ନି.ପ୍ର): ଆଜି ଆଦିବାସୀ ସେଙ୍ଗେଲ ଅଭିଯାନ ବାରିପଦା ଜୋନାଲ କମିଟିର ସଭାପତି ନାରାନ ମୁର୍ମୁଙ୍କ ନେତୃତ୍ୱରେ ମୟୁରଭଞ୍ଜର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଝାରଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ବିରୋଧରେ ଏକ ଦିବସୀୟ ଧାରଣା ପ୍ରଦର୍ଶନ କରାଯାଇଥିବାର ଦେଖାଯାଇଛି. ଝାରଖଣ୍ଡରେ ସାନ୍ତାଳୀ ଭାଷାକୁ ଅଲଚିକି ଲିପି ସହିତ ବର୍ତ୍ତମାନ ସୁଦ୍ଧା ଝାରଖଣ୍ଡ ରାଜ୍ୟରେ ରାଜ ଭାଷାର ମାନ୍ୟତା ଦେଇ ନଥିବା, ଆଦିବାସୀ ଙ୍କ ଇଷ୍ଟ ମାରାଂବୁରୁ ଅର୍ଥାତ ଝାରଖଣ୍ଡ ଗିରିଡ଼ିହି ଠାରେ ଥିବା ପାରସନାଥ ପାହାଡକୁ ଭାରତ ସରକାରଙ୍କୁ ପତ୍ର ଲେଖି ଜୈନ୍ୟମାନଙ୍କ ହାତକୁ ହସ୍ତାନ୍ତର କରି ଦେଇଥିବା, ସାରନା ଧର୍ମ କୋଡ କୁ ବିଧିବଦ୍ଧ ଭାବେ ଲାଗୁ ନକରିବା, ଆଦିବାସୀ ସ୍ୱଶାସନ ବ୍ୟବସ୍ଥାରେ ଜନତାନ୍ତ୍ରିକ ଏବଂ ସମ୍ବିଧାନିକ ସୁଧାର ଆଣିବା ବଦଳରେ ବଂଶାନୁଗତ ନିଯୁକ୍ତ ମାଝୀ ପାର୍ଗାନା, ମାନକୀ ମୁଣ୍ଡା ଆଦିକୁ ପ୍ରଲୋଭନ ଦେଖାଇ ନିଜର ଭୋଟ ବ୍ୟାଙ୍କ ପାଇଁ ସେମାନଙ୍କୁ ଭ୍ରମିତ କରିବା ଆଦି ଅଭିଯୋଗ କରିବା ସହିତ ଆଦିବାସୀ ସେଙ୍ଗେଲ ଅଭିଯାନ ପକ୍ଷରୁ ଉକ୍ତ ପ୍ରଦର୍ଶନରେ ମାଧବ ଚନ୍ଦ୍ର ମୁର୍ମୁ, ପାନମଣି ହେମ୍ବ୍ରମ, ବାହାଦୁର ମୁର୍ମୁ, ବିକାଶ ଚନ୍ଦ୍ର ହେମ୍ବ୍ରମ, ବାବୁଲୁ ମୁର୍ମୁ, ଜିତେନ୍ଦ୍ର ନାଥ ହେମ୍ବ୍ରମ, କୁନା ମୁର୍ମୁ, ଉଦୟ ନାଥ ହେମ୍ବ୍ରମ, କାଳୀ ଚରଣ ମୁର୍ମୁ, ବନମାଳୀ ହାଁସଦାଃ ପ୍ରମୁଖ ସେଂଗେଲ କର୍ମକର୍ତା ମାନେ ଉପସ୍ଥିତ ଥିଲେ ।

## ଆର୍ମଳାରେ ସିରିଜ ଚୋରି: ଲାଇନ ନ ଥିବା ଯୋଗୁଁ ଚୋରି ବଢୁଛି

ନୀଳଗିରି, ୨୦/୦୫ (ନି.ପ୍ର): ୧୯ତାରିଖ ରାତିରେ ଚୋରଙ୍କ ଦବ୍‌ଦବା ଦେଖିବାକୁ ମିଳିଛି । ଆର୍ମଳା ଗ୍ରାମର ୩ଟି ଦୋକାନ, ୩ଟି ମନ୍ଦିର, ୨ଟି ସ୍କୁଲରୁ ଚୋରି ହୋଇଥିବା ଜଣାପଡ଼ିଛି । ଘଟଣାରୁ ପ୍ରକାଶ ରେମୁଣା ଥାନା ଅର୍ନ୍ତଗତ ଆର୍ମଳା ଗ୍ରାମର ଥିବା ଆର୍ତେଶ୍ୱର ମହାଦେବ ମନ୍ଦିରରୁ ଦାନବାକ୍ସ ରେ ଥିବା ସମସ୍ତ ଟଙ୍କା , ଘଂଟି, ହନୁମାନ ମନ୍ଦିରରୁ ରୁପା ମୁକୁଟ ଓ ତମ୍ବା ଗଗରା,ଆର୍ମଳା ନୋଡାଲ ସ୍କୁଲରୁ ଗୋଡରେଜ ଭାଙ୍ଗି ୪ହଜାର ଟଙ୍କା, ୟୁପିସ୍କୁଲରୁ ଏଲ.ଇ.ଡି. ଟିଭି, କାର୍ତିକ ଗେରେଜରୁ ୬ଟି ମୋବିଲ ଡବା, ବନମାଳି ମହାଳିକ ଦୋକାନ, ବାସୁଖୁଂଟା କାଳିକୁମାରୀ ମନ୍ଦିରରୁ ଘଂଟା, ପରାତ, ପିତଳ ଗଗରା,ଦାନ ବାକ୍ସରେ ଥିବା ଟଙ୍କା, ବଡୁଆ ବାବାଜି ପଣ୍ଡା ଦୋକାନରୁ ୧୦ହଜାର ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରମାନେ ଚାବିଭାଙ୍ଗି ଚୋରି କରି ନେଇଛନ୍ତି । ରାତିରେ ବିଦ୍ୟୁତ୍ ଲାଇନ୍ ନ ଥିବା ଯୋଗୁଁ ଚୋରି ହୋଇଥିବା ପ୍ରକାଶ କରିଛନ୍ତି । ଖବର ପାଇ ରେମୁଣା ପୋଲିସ ପହଂଚି ସ୍କୁଲ ଓ ମନ୍ଦିରରେ ତଦନ୍ତ କରିଥିବା ଜଣାପଡ଼ିଛି । ପୋଲିସ ଚୋରକୁ ଧରିବାର ସଫଳ ହେବକି ବିଫଳ ହେବ ତାହା ଦେଖିବାକୁ ବାକି ରହିଛି । ରାତିରେ ପେଟ୍ରୋଲିଂ ପାଇଁ ସାଧାରଣରେ ଦାବୀ ହେଉଛି ।

## ବିଶ୍ୱବିଦ୍ୟାଳୟରେ ବିଶ୍ୱ ସଂଗ୍ରହାଳୟ ଦିବସ ପାଳିତ



ବାରିପଦା , ୨୦/୦୫ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟେର ନୃତତ୍ତ୍ୱ ଓ ଜନଜାତି ଅଧ୍ୟୟନ ବିଭାଗ ଦ୍ୱାରା ବିଶ୍ୱ ସଂଗ୍ରହଳୟ ଦିବସ ଅବସରେର ଏକ ଅାଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅାଲୋଚନା ଚକ୍ରେର ବିଶ୍ୱବିଦ୍ୟାଳୟ ସ୍ନାତେକାତ୍ତର ପରିଷଦର ଅଧ୍ୟକ୍ଷ ପ୍ରେଫସର ପ୍ରେମାଦ କୁମାର ଶତପଥୀ ମୁଖ୍ୟ ଅତିଥି ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ପୂର୍ବର୍ତନ ବିଭାଗ ମୁଖ୍ୟ ପ୍ରେଫସର ଅେଶାକ ପଟନାଏକ ମୁଖ ବକ୍ତା ରୂପେ ଯୋଗେଦଇ ସଂଗ୍ରହଳୟର ସମାଜ ପ୍ରତି ଥିବା ବିଶେଷ ଅବଦାନ ତଥା ସାଂସ୍କୃତିକ ତଥ୍ୟ ବିନିମୟ ଏବଂ ବିଭିନ୍ନତାକୁ ମେନ ପକାଇବା ପାଇଁ ପ୍ରତି ବର୍ଷ ପାଳନ କରା ଯାଇଥାଏ ବୋଲି କହିଥିେଲ। ପ୍ରାରମ୍ଭେର ଅତିଥି ମେନ ବିଭାଗେର ଥିବା ସାଂସ୍କୃତିକୀ ସଂଗ୍ରହାଳୟ ପରିଦଶର୍ନ କରିଥିେଲ। ସଭାର ପ୍ରାରମ୍ଭେର ନୃତତ୍ତ୍ୱ ଓ ଜନଜାତି ଅଧ୍ୟୟନ ବିଭାଗ ମୁଖ୍ୟ ଡ଼ ବସନ୍ତ କୁମାର ମହାନ୍ତ ଦିବସ ପାଳନର ଉେଦ୍ଦଶ୍ୟ ବିଷୟେର ଅବଗତ କରାଇଥିେଲ. ଶେଷେର ନୃତତ୍ତ୍ୱ ଓ ଜନଜାତି ଅଧ୍ୟୟନ ବିଭାଗର ସେହଯାଗୀ ପ୍ରେଫସର ଡ଼ ଲକ୍ଷ୍ମଣ କୁମାର ସାହୁ ଧନ୍ୟବାଦ ଅପର୍ଣ କରିଛନ୍ତି। ଏକ ଅାଲୋଚନା ଚକ୍ର ଅବସରେର ନୃତତ୍ତ୍ୱ ଓ ଜନଜାତି ଅଧ୍ୟୟନ ବିଭାଗର ସେହଯାଗୀ ପ୍ରେଫସର ଡ଼ ପ୍ରିୟଙ୍କା ଦାସ, ଡ଼ ଭୁବେନଶ୍ୱର ଶବର ପ୍ରମୁଖ ପରିଚାଳନା କରିଥିବା ବେେଳ ବିଭାଗର ଛାତ୍ରଛାତ୍ରୀ ମେନ ମଧ୍ୟ ଅଂଶଗ୍ରହଣ କରିଛନ୍ତି।

## ନୀଳଗିରିରେ ନୂତନ ସିନିୟର ସିଭିଲ ଜଜ୍ / ସହକାରୀ ଦୌରାଜଜ୍‌ଙ୍କ ଯୋଗଦାନ

ନୀଳଗିରି, ୨୦/୦୫ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଅଦାଲତରେ ନୂତନ ସିନିୟର ସିଭିଲ ଜଜ୍/ ସହକାରୀ ଦୌରାଜଜ୍ ଭାବେ ସୁନନ୍ଦା ପ୍ରଧାନ ଯୋଗଦାନ କରି ଦାୟିତ୍ୱଭାର ଗ୍ରହଣ କରିଛନ୍ତି । ତାଙ୍କର ଯୋଗଦାନରେ ନୀଳଗିରି ଓକିଲ ସଂଘ ତରଫରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ନୀଳଗିରି କୋର୍ଟ ପରିସରରେ ନୀଳଗିରି ଆଇନଜୀବୀ ସଂଘ ସଭାପତି ଶ୍ରୀ ଅମରେନ୍ଦ୍ର ପଟ୍ଟନାୟକ ଙ୍କ ପୌରହିତ୍ୟରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମାନ୍ୟବର ଏସ.ଡି.ଜେ. ଏମ. ଶ୍ରୀମତୀ ଇପ୍ସି ମହାନ୍ତି , ସମ୍ପାଦକ ଦେବେନ୍ଦ୍ର ପଣ୍ଡା, ବରିଷ୍ଠ ଆଇନଜୀବୀ ମିହିର କୁମାର ରାଉତ, ଗଦାଧର ପରିଡ଼ା, ଶୁଭେନ୍ଦ୍ର ବିଶ୍ୱାଳ, ହରମୋହନ ମହାପାତ୍ର, ଅମିୟ କୁମାର ନାୟକ, ସୁରେଶ ପଣ୍ଡା, ଦିଗାମ୍ବର ସ, ସୂର୍ଯ୍ୟନାରାୟଣ ଆଇଚ, ନିରଂଜନ ସାହୁ, ତନୟ ପାତ୍ର, ନିହାର ପରିଡ଼ା, ଶରତ ବେହେରା, ଗଜଲକ୍ଷ୍ମୀ ପଟ୍ଟନାୟକ, ସଂଯୁକ୍ତା ଲେଙ୍କା, ଏପିପି ସୁମିତ୍ରା ମୁର୍ମୁ ଓ ଅନ୍ୟ ବହୁ ଆଇନଜୀବୀ ନୂତନ ସବ୍‌ଜଜ୍ ଙ୍କୁ ସ୍ୱାଗତ କରି ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । କୋର୍ଟର କାର୍ଯ୍ୟରତ କର୍ମଚାରୀ ମାନେ ମଧ ଫୁଲତୋଡ଼ା ଦେଇ ନୂତନ ବିଚାରପତିଙ୍କୁ ମଧ ସ୍ୱାଗତ କରିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo